

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୨୦ ସେପ୍ଟେମ୍ବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 20 SEPTEMBER 2023

Vol.No. 35 ■ No. 248■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଲୋକସଭାରେ ଆଗତ ହେଲା ମହିଳା ସଂରକ୍ଷଣ ବିଲ୍

## ୨୦୨୯ ପୂର୍ବରୁ ଲାଗୁ ହୋଇପାରିବ ନାହିଁ ମହିଳା ସଂରକ୍ଷଣ ବ୍ୟବସ୍ଥା



ନୂଆଦିଲ୍ଲୀ,୧୯/୦୯ : ବହୁ ପ୍ରତୀକ୍ଷିତ ମହିଳା ସଂରକ୍ଷଣ ବିଲ୍‌କୁ ଆଜି ଲୋକସଭାରେ ଆଗତ କରିଛନ୍ତି କେନ୍ଦ୍ର ସରକାର। ଆଜି ପବିତ୍ର ଗଣେଶ ପୂଜାରେ ସଂସଦର ସ୍ୱତନ୍ତ୍ର ଅଧିବେଶନ ନୂଆ ବିଲଡିଂରେ ଆରମ୍ଭ ହୋଇଛି। ଏହି ସମୟରେ କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଲୋକସଭାରେ ମହିଳା ସଂରକ୍ଷଣ ବିଲ୍‌କୁ ଆଗତ କରିଛନ୍ତି। ମହିଳାମାନଙ୍କୁ ଉଭୟ ଲୋକସଭା ଓ ରାଜ୍ୟ ବିଧାନସଭାରେ ୩୩% ସଂରକ୍ଷଣ ଦେବାକୁ ଏହି ବିଲ୍‌ରେ ବ୍ୟବସ୍ଥା ହୋଇଥିବା ଜଣାପଡ଼ିଛି। କେନ୍ଦ୍ର ସରକାର ଏହି ବିଲ୍‌ର ନାଁ ନାରୀ ଶକ୍ତି ବନ୍ଦନ ଅଧିନିୟମ ରଖିଛନ୍ତି। ମେଘୱାଲ ବିଲ୍ ଉପସ୍ଥାପନ କରିବା ବେଳେ ବିରୋଧୀ ହଟ୍ଟଗୋଳ କରିଥିଲେ। ଶ୍ରେୟ ନେବାକୁ ସରକାର ଓ ବିରୋଧୀଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ସେହିପରି ଆଜି କେନ୍ଦ୍ର ସରକାର ଆଣିଥିବା ବିଲ୍ ବିରୋଧୀଙ୍କ ପାଖରେ ପହଞ୍ଚି ନଥିବାରୁ ସେମାନେ ଆପତ୍ତି ଉଠାଇଥିଲେ। କିନ୍ତୁ ଏହା ଇଣ୍ଟରନେଟରେ ଅପଲୋଡ ହୋଇ ସାରିଥିବା ସରକାର କହିଥିଲେ। ଆଜି ଲୋକସଭାରେ ବିଲ୍ ଆଗତ ହୋଇଥିବା ବେଳେ ଏହା ଉପରେ ବିତର୍କ ଆସନ୍ତାକାଲି ହେବ। ବିଲ୍ ଆଗତ ହେବା ପରେ ଲୋକସଭାକୁ ଆସନ୍ତାକାଲି ଯାଏ ମୁଲତବୀ ରଖାଯାଇଛି। ବିଲ୍‌କୁ ସର୍ବସମ୍ମତିକ୍ରମେ ଉଭୟ ଲୋକସଭା ଓ ରାଜ୍ୟସଭାରେ ପାରିତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସବୁ ଦଳର ସଦସ୍ୟଙ୍କୁ ଅନୁରୋଧ କରିଛନ୍ତି। ସେ କହିଛନ୍ତି, ମହିଳା ସଂରକ୍ଷଣ ବିଲ ପାରିତ କରିବାକୁ ଭଗବାନ ମୋତେ ଦାୟିତ୍ୱ ଦେଇଛନ୍ତି। ନାରୀ ଶକ୍ତି ବନ୍ଦନ ଅଧିନିୟମ ବଳରେ ଅଧିକରୁ ଅଧିକ ମହିଳା ଲୋକସଭା ଓ ବିଧାନସଭାର ସଦସ୍ୟ ହୋଇପାରିବେ।

▶▶ପୃଷ୍ଠା ୭

# ଆଗୁଆ ହେବନି ନିର୍ବାଚନ: ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ,୧୯/୦୯ : ଆଗୁଆ ହେବନି ନିର୍ବାଚନ । ନୂଆ ସଂସଦ ଭବନରେ ଏଭଳି ବଡ଼ ବୟାନ ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ମହିଳା ସଂରକ୍ଷଣକୁ ନେଇ ଚାଲିଥିବା ଚର୍ଚ୍ଚା ଭିତରେ ମୋଦୀ କହିଛନ୍ତି, ଏବେ ନିର୍ବାଚନକୁ ବହୁତ ସମୟ ବାକି ଅଛି । ସୂଚନା ଥାଉକି 'ଗୋଟିଏ ଦେଶ ଗୋଟିଏ ନିର୍ବାଚନ'କୁ ନେଇ ସବୁ ରାଜନୈତିକ ଦଳମାନଙ୍କ ମଧ୍ୟରେ ଚର୍ଚ୍ଚା ଜୋର ଧରିଥିଲା । ଏହାସହ ସମୟ ପୂର୍ବରୁ ମୋଦୀ ସରକାର ସଂସଦ ଭଙ୍ଗ କରି ଶୀଘ୍ର ନିର୍ବାଚନ କରାଇପାରନ୍ତି ବୋଲି ମଧ୍ୟ ରାଜନୈତିକ ବିଶ୍ଳେଷକମାନେ ମତ ରଖୁଥିଲା । ହେଲେ ପ୍ରଧାମନ୍ତ୍ରୀ ମୋଦୀ ଆଜି ସଂସଦରେ ବୟାନ ଦେଇ ଶୀଘ୍ର ନିର୍ବାଚନକୁ ଖଣ୍ଡନ କରିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ବୟାନ ପରେ ଏବେ ରାଜନୈତିକ ଦଳମାନେ ସୁନିଶ୍ଚିତ ହୋଇଯାଇଛନ୍ତି କି ଠିକ୍ ସମୟରେ ନିର୍ବାଚନ ହେବ ।

# ସୃଷ୍ଟି ହେଲା ଲଘୁଚାପ: ତିନି ଦିନ ଧରି ପ୍ରବଳରୁ ଅତି ପ୍ରବଳ ବର୍ଷିବ

ଭୁବନେଶ୍ୱର, ୧୯/୦୯ (ନି.ପ୍ର): ଉତ୍ତର-ପଶ୍ଚିମ ଓ କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ କ୍ରମଶଃ ଘନୀଭୂତ ହେବାରେ ଲାଗିଛି। ଏହାର ପ୍ରଭାବରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ପଶ୍ଚିମବଙ୍ଗ-ଓଡ଼ିଶା ଉପକୂଳରେ ଆଜି ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏଥି ଯୋଗୁ ଆଗାମୀ ୩ ଦିନ ଯାଏ ରାଜ୍ୟରେ ଅନେକ ସ୍ଥାନରେ

▶▶ପୃଷ୍ଠା ୭

# ଭାରତର ନୂଆ ମିସାଇଲ ରେଜିମେଣ୍ଟ 'ପ୍ରଳୟ'



ନୂଆଦିଲ୍ଲୀ,୧୯/୦୯ : ଭାରତ ପ୍ରତିରକ୍ଷା ମନ୍ତ୍ରଣାଳୟ ଭାରତୀୟ ସେନା ପାଇଁ ପ୍ରଥମ ପ୍ରଳୟ ଟାକ୍ଟିକାଲ୍ ବାଲିଷ୍ଟିକ୍ ମିସାଇଲ୍ ରେଜିମେଣ୍ଟ ଗଠନ ପାଇଁ ଅନୁମତି ଦେଇଛି । ଏହାକୁ କ୍ଷେପଣାସ୍ତ୍ର ନୁହେଁ ବରଂ ଆତଙ୍କବାଦୀଙ୍କ ମୃତ୍ୟୁଦୂତ ଭାବେ ବିବେଚନା କରାଯାଉଛି । ଏହା ପାକିସ୍ତାନରେ ଉପସ୍ଥିତ ଥିବା ଆତଙ୍କବାଦୀ ଲଞ୍ଚ ପ୍ୟାଡ ପାଇଁ ମହାବିପଦ ସୃଷ୍ଟି କରିବ । ଏହି ମିସାଇଲ ରେଜିମେଣ୍ଟ ମାଧ୍ୟମରେ ଭାରତୀୟ ସେନା ନିଜର ରକେଟ୍ ଫୋର୍ସକୁ ମଜବୁତ କରିବାକୁ ଯାଉଛି । ଗତ ବର୍ଷ ଡିସେମ୍ବରରେ ପ୍ରତିରକ୍ଷା ମନ୍ତ୍ରଣାଳୟ ଭାରତୀୟ ବାୟୁସେନା ପାଇଁ ପ୍ରଳୟ କ୍ଷେପଣାସ୍ତ୍ରର ଏକ ୟୁନିଟକୁ ମଞ୍ଜୁରୀ ଦେଇଥିଲା । ପ୍ରଳୟ କ୍ଷେପଣାସ୍ତ୍ର ହେଉଛି ଏକ ସ୍ୱଳ୍ପ ଦୂରଗାମୀ ଭୂପୃଷ୍ଠରୁ ଆକାଶ ଏବଂ ଭୂପୃଷ୍ଠରୁ ଭୂପୃଷ୍ଠକୁ ନିକ୍ଷେପଣ ହେଇ ପାରୁଥିବା କ୍ଷେପଣାସ୍ତ୍ର । ଏହାର ରେଞ୍ଜ ୧୫୦ ରୁ ୫୦୦ କିଲୋମିଟର ଅଟେ । ପୂର୍ବତନ ଚିଫ ଡିଫେନସ ଷ୍ଟାଫ ବିପିନ ରାୱତଙ୍କର ଏହା ପରିକଳ୍ପନା ଥିଲା । ପ୍ରଳୟର ଗତି ଘଣ୍ଟାପ୍ରତି ୧୨୦୦ କିଲୋମିଟର ଅଟେ । ଏହାର ବେଗକୁ ଘଣ୍ଟା ପ୍ରତି ୨୦୦୦ କିଲୋମିଟର ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରେ । ଆକାଶରୁ ଭୂପୃଷ୍ଠକୁ ପଡ଼ିବାବେଳେ ମାଧ୍ୟାକର୍ଷଣ ଶକ୍ତି ଯୋଗୁ ଏହାର ବେଗ ବହୁତ ବୃଦ୍ଧି ପାଇଥାଏ । ଚୀନ ପାଖରେ ଏହି ପ୍ରକାରର ଡୋଙ୍ଗଫେଙ୍ଗ -୧୨ କ୍ଷେପଣାସ୍ତ୍ର ଅଛି। ପାକିସ୍ତାନ ପାଖରେ ମଧ୍ୟ ଏହିପ୍ରକାର କ୍ଷେପଣାସ୍ତ୍ର ଗଜନଭି, ଏମ -୧୧ (ଚାଇନାରୁ ମିଳିଛି) ଏବଂ ଶାହିନ୍ କ୍ଷେପଣାସ୍ତ୍ର ରହିଛି । ସ୍ୱଳ୍ପ ରେଞ୍ଜରେ ଏକ ବଡ଼ ସୁବିଧା ହେଉଛି ଏହା ସୀମା ନିକଟରେ ଥିବା ଶତ୍ରୁ ଶିବିରକୁ ମୁହୂର୍ତ୍ତକ ମଧ୍ୟରେ ଧ୍ୱଂସ କରିଦେଇ ପାରିବ । ଏହି କ୍ଷେପଣାସ୍ତ୍ର ୨୦୨୧ ଡିସେମ୍ବର ମାସରେ ୨୪ ଘଣ୍ଟା ମଧ୍ୟରେ ଦୁଇଥର ପରୀକ୍ଷଣ କରାଯାଇଥିଲା । ଏହି କ୍ଷେପଣାସ୍ତ୍ର ଚୀନ୍ ଏବଂ ପାକିସ୍ଥାନ ସୀମାରେ ନିୟୋଜିତ ହେବା ଯୋଗୁଁ ଉଭୟ ଦେଶ ଆଗକୁ ବଢିବାକୁ ସାହସ କରିବେନାହିଁ । ନିଜ ସୀମା ମଧ୍ୟରେ ରହିବେ। ଯଦି ଏହା ସୀମା ନିକଟରୁ ପ୍ରକ୍ଷେପଣ କରାଯାଏ ତେବେ ବଙ୍କର, ତୋପ, ସାମରିକ ବେସ କିମ୍ବା ପାକିସ୍ତାନର ଅସ୍ତ୍ରଶସ୍ତ୍ର ଡିପୋ ଧ୍ୱଂସ କରିବାକୁ ବେଶି ସମୟ ଲାଗିବ ନାହିଁ ।


DADLS-34

ସତ୍ୟମେଵ ଜୟତେ

ନୂଆଁଖାଇ- ୨୦୨୩ ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ସୁଖ, ଶାନ୍ତି, ମୈତ୍ରୀ ଓ ଆନନ୍ଦର ପବିତ୍ର ପରମ୍ପରା ଓ ପର୍ବ 'ନୂଆଁଖାଇ' ପାଳନ ଅବସରରେ ମୁଁ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି। ଏହା ଏକ କୃଷିଭିତ୍ତିକ ପର୍ବ, ମୁଁ ରାଜ୍ୟର କୃଷକ ଭାଇଭଉଣୀମାନଙ୍କର ସୁଖ ଓ ସମୃଦ୍ଧି କାମନା କରିବା ସହ କୃଷିକ୍ଷେତ୍ରରେ ଓଡ଼ିଶାକୁ ଏକ ଅଗ୍ରଣୀ ଓ ପ୍ରଗତିଶୀଳ ରାଜ୍ୟରେ ପରିଣତ କରିବାକୁ ଆହ୍ୱାନ ଜଣାଉଛି।

ଗଣେଶୀ ଲାଲ
(ଗଣେଶୀ ଲାଲ)
ମାନ୍ୟବର ରାଜ୍ୟପାଳ ଓଡ଼ିଶା

OIPR: 15001/13/0139/2324

DADLS-34

ଓଡ଼ିଶା ସରକାର

ମୁଖ୍ୟମନ୍ତ୍ରୀଙ୍କ ନୂଆଁଖାଇ ଜୁହାର

ଆପଣମାନ୍‌କେ ସମସ୍ତଙ୍କେ ମୋର ନୂଆଁଖାଇ ଜୁହାର । ଆପଣ ଓ ଆପଣଙ୍କର୍ ପରିବାର୍‌କେ ମା' ସମଲେଇ ଭଲ୍‌ରେ ରଖୁନ୍ । ମା'କେ ଇଟା ମୋର୍ ଗୁହାରୀ ।
ଜୁହାର

ନବୀନ ପଟ୍ଟନାୟକ
(ନବୀନ ପଟ୍ଟନାୟକ)

OIPR: 15001/13/0139/2324

DADLS-34

'ନୂଆଁଖାଇ' ଅବସରରେ
ବାର୍ତ୍ତା

ପଶ୍ଚିମ ଓଡ଼ିଶାର ଗଣପର୍ବ 'ନୂଆଁଖାଇ' ଅବସରରେ ରାଜ୍ୟର ସମସ୍ତ ଭାଇଭଉଣୀଙ୍କୁ ମୋର ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା। ସ୍ନେହ, ଶ୍ରଦ୍ଧା ଓ ଭାଇଚାରାର ଏ କୃଷିଭିତ୍ତିକ ଗଣପର୍ବ ସବୁ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ମା' ସମଲେଶ୍ୱରୀଙ୍କ ଅପାର କରୁଣାରୁ ସୁଖ, ଶାନ୍ତି ଓ ସମୃଦ୍ଧି ଆଣିଦେଉ, ଏହା ମୋର ମା'ଙ୍କ ନିକଟରେ ପ୍ରାର୍ଥନା।

ପ୍ରଦୀପ କୁମାର ଅମାତ
(ପ୍ରଦୀପ କୁମାର ଅମାତ)
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ,
ପଞ୍ଚାୟତିରାଜ ଓ ପାନୀୟଜଳ ଏବଂ
ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ, ଓଡ଼ିଶା

OIPR: 15001/13/0139/2324

## ଧର୍ମଶାଳା ଯୁବ ବିଜେଡି ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ

ଧର୍ମଶାଳା, ୧୯/୦୯ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜୁ ଶ୍ରମିକ ସାମ୍ମୁଖ୍ୟର କେନ୍ଦ୍ରୀୟ ସଂଯୋଜକ ଭାବେ ନୂଆ ଦାୟିତ୍ୱ ଦେଇଛନ୍ତି । ଓଡିଶାର ଶ୍ରମିକମାନଙ୍କ ପାଇଁ କାମ କରିବାର ସୁଯୋଗ ଦେଇଥିବାରୁ ଧର୍ମଶାଳା ଅଂଚଳବାସୀଙ୍କ ମନରେ ଆନନ୍ଦର ଲହରୀ ଖେଳି ଯାଇଛି । ଏହି ପରିପ୍ରେକ୍ଷୀରେ ଧର୍ମଶାଳାର ଯୁବ ବିଜେଡି ସଭାପତି କ୍ଷିତୀଶ କୁମାର ନାୟକଙ୍କ ନେତୃତ୍ୱରେ ବିଜୁ ଯୁବ ଜନତା ଦଳର ସମସ୍ତ କର୍ମକର୍ତାମାନେ କଳ୍ପତରୁ ଦାସ ନେସନାଲ ଷ୍ଟାଡିୟମ ପରିସରରୁ ଏକ ଶୋଭାଯାତ୍ରା କରି ବିଭିନ୍ନ ନାରା ଦେଇ ନବୀନ ପଟ୍ଟନାୟକ ଓ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଜିନ୍ଦାବଦ ସ୍ଲୋଗାନ ଦେଇ ଜାରକା ବଜାର ପରିକ୍ରମା କରିବା ସହିତ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇବା ସହ ନୂଆଗାଁସ୍ଥିତ ବିଜେଡି କାର୍ଯ୍ୟାଳୟରେ ବିଧାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ । କାର୍ଯ୍ୟକ୍ରମରେ ଧର୍ମଶାଳା ଯୁବ ବିଜେଡିର ସମସ୍ତ କର୍ମକର୍ତା ଉପସ୍ଥିତ ରହିଥିଲେ ।

## ଆବାସ ଘୋଟାଲା: ଅଭିଯୋଗ ପରେ ମଧ ଟଙ୍କା ଛାଡିଲା ପ୍ରଶାସନ

କୋରେଇ, ୧୯/୦୯ (ନି.ପ୍ର): କୋରାଇ ବ୍ଲକ ଅନ୍ତର୍ଗତ ଗୋଲେଇପୁର ପଂଚାୟତରେ ଆବାସ ଦୁର୍ନୀତି ପଦାକୁ ଆସିଛି। କାର୍ଯ୍ୟାଦେଶ ମିଳିବା ପରେ ଅନେକ ହିତାଧିକାରୀଙ୍କୁ ଅଯୋଗ୍ୟ ଦର୍ଶାଯାଇ ପଂଚାୟତ ପକ୍ଷରୁ ବିଡିଓଙ୍କ ଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ ଅଭିଯୋଗ କରାଯାଇଥିଲା। ମାତ୍ର ଅଭିଯୋଗ ପରେ ତଦନ୍ତ କରିବାକୁ କହିଥିବା କୋରାଇ ବିଡିଓ ଓ କିଛି ଅସାଧୁ କର୍ମଚାରୀ ଚାପ ଓ ଅର୍ଥର ବଶବର୍ତୀ ହୋଇ ଅଯୋଗ୍ୟ ହିତାଧିକାରୀଙ୍କୁ କିସ୍ତି ଆକାରରେ ଜମାଖାତାକୁ ଟଙ୍କା ପଠାଇଛନ୍ତି। ଯାହା ପୁଣି ଥରେ ଆବାସ କେଳଙ୍କାରୀକୁ ପ୍ରମାଣିତ କରିବା ସହ ଦୁର୍ନୀତୀ କିପରି କରାଯାଏ ତାହା ପ୍ରମାଣିତ କରିଛି। ଦୁଇ ମହାଲା କୋଠା,ଗାଡି,ସରକାରୀ ଚାକିରୀ ଆଦି ସବୁ ଥାଇ ମଧ ସେମାନେ ଆବାସ ହାତେଇବାରେ ସକ୍ଷମ ହୋଇଛନ୍ତି। ଅପରପକ୍ଷେ ସେହି ଗ୍ରାମ ମାନଙ୍କର ପ୍ରକୃତ ହିତାଧିକାରୀ ଆବାସ ପାଇବାରୁ ବଂଚିତ ହୋଇଛନ୍ତି। ଯାହା ଫଳରେ ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପାଇବାରେ ଲାଗିଛି। ପଂଚାୟତର ଅଭିଯୋଗ ମୁତାବକ ଗୋଲେଇପୁର ପଂଚାୟତର ସାନ ବିରୁହାଁ ଗ୍ରାମର ରଙ୍ଗଲତା ଦଳାଇ,ରାଧାରାଣୀ ମହାପାତ୍ର, ଅନୁପମା ବେହେରା, ମାତାଜୀ ବେହେରା ଏବଂ ସୋତି ଗ୍ରାମର କିଛି ପରିବାରକୁ ଆବାସ ହିତାଧିକାରୀ ଭାବେ ଚୟନ କରାଯାଇ କାର୍ଯ୍ୟାଦେଶ ଦିଆଯାଇଥିଲା। ମାତ୍ର ପଂଚାୟତ ପକ୍ଷରୁ ଏମାନଙ୍କର ଗାଡି, କୋଠାବାଡ଼ି, ଦ୍ୱିତଳ ପ୍ରସାଦ, ସରକାରୀ ଚାକିରୀ ଆଦି ଥିବା ଦର୍ଶାଯାଇ ଅଭିଯୋଗ କରାଯାଇଥିଲା। ମାତ୍ର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପ୍ରତିଶ୍ରୁତି ଦେଇ ମଧ ତଦନ୍ତ ତ ଦୂରର କଥା ଓଲଟି ସେମାନଙ୍କ ଜମାଖାତାକୁ ଟଙ୍କା ପଠାଯାଇଛି। ଯାହା ସମଗ୍ର ପଂଚାୟତ ରେ ଏବେ ଆଲୋଚ୍ୟ ର ବିଷୟ ପାଲଟିଛି। ଦୁର୍ନିତୀର ନଗ୍ନ ଉଦାହରଣ ଦେଖି ସମସ୍ତେ ତାଟକା। ଖୋଦ୍ ସରପଂଚଙ୍କ ଅଭିଯୋଗ ପରେ କାର୍ଯ୍ୟାନୁଷ୍ଠାନ ପରିବର୍ତେ ଜମାଖାତାକୁ ଟଙ୍କା ଆସିବା ଯେମିତି ସରପଂଚ ମାନଙ୍କ ଭୂମିକାକୁ କ୍ଷୁର୍ଣ୍ଣ କରାଯାଇଛି। ଅଭିଯୋଗ କଲେ ମଧ କିଛି ସୁଫଳ ମିଳେନି ତାହା ପ୍ରମାଣିତ ହୋଇଛି। ଯେଉଁ ଅସାଧୁ ଅଧିକାରୀ ମାନେ ଏଭଳି କାର୍ଯ୍ୟ କରିଛନ୍ତି ଯଦି ସେମାନଙ୍କ ବିରୁଦ୍ଧରେ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରେ ତାହେଲେ ଆଇନର ଆଶ୍ରୟ ନେବାକୁ ବାଧ ହେବେ ବୋଲି ସରପଂଚ ସସ୍ମିତା ମାଝୀ ପ୍ରକାଶ କରିଛନ୍ତି ।

## ପଶ୍ଚିମ ଓଡ଼ିଶାବାସୀଙ୍କୁ ପବିତ୍ର ନୂଆଁଖାଇର ଶୁଭେଚ୍ଛା ଜଣାଇଲେ ପିସିସି ସଭାପତି

ଭୁବନେଶ୍ୱର, ୧୯/୦୯ (ନି.ପ୍ର): ପଶ୍ଚିମ ଓଡ଼ିଶାର ପବିତ୍ର ଗଣପର୍ବ ନୂଆଁଖାଇ ଚଳିତ ମାସ ୨୦ ତାରିଖ ଦିନ ପାଳନ ହେବାକୁ ଯାଉଛି। ଏହି ଦିନ ପଶ୍ଚିମ ଓଡ଼ିଶାର ସମସ୍ତ ଜନସାଧାରଣ ନବାନ୍ନ ଭକ୍ଷଣ କରିଥାନ୍ତି ଓ ଇଷ୍ଟପୂଜନ କରିଥାନ୍ତି। ଏହି ଅବସରରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ ପଶ୍ଚିମ ଓଡ଼ିଶାବାସୀଙ୍କୁ ନୂଆଁଖାଇ ଜୁହାର ଜଣାଇଛନ୍ତି ଓ ମା ସମଲେଇଙ୍କ ନିକଟରେ ସେମାନଙ୍କର ସୁଖ ସମୃଦ୍ଧି ପ୍ରାର୍ଥନା କରିଛନ୍ତି। ସାଧାରଣତଃ ପ୍ରତିବର୍ଷ ପ୍ରଥମ ଦିନ ନୂଆଁଖାଇ ଓ ପରଦିନ ନୂଆଁଖାଇ ଭେଟ୍‌ଘାଟ୍ ସହିତ ଏହିଭଳି ତିନିଦିନ ଧରି ପଶ୍ଚିମ ଓଡ଼ିଶାବାସୀ ମାନେ ଅତ୍ୟନ୍ତ ଉତ୍ସାହ ଓ ଉଦ୍ଦିପନାର ସହ ଏହି ପର୍ବକୁ ପାଳନ କରିଥାନ୍ତି। ଏବର୍ଷ ଚଳିତ ମାସ ୨୧ ତାରିଖ ଦିନ ବାଚସ୍ପତି ନିର୍ବାଚନ ପାଇଁ ସରକାର ଦିନ ଧାର୍ଯ୍ୟ କରିଥିଲେ ଏବଂ ଗୋଟିଏ ଦିନ ସରକାରୀ ଛୁଟି ଘୋଷଣା କରିଥିଲେ। ଏଠାରେ ସ୍ମରଣଯୋଗ୍ୟ ଯେ ପିସିସି ସଭାପତି ଶ୍ରୀ ପଟ୍ଟନାୟକ ପଶ୍ଚିମ ଓଡ଼ିଶାବାସୀଙ୍କ ଭାବାବେଗକୁ ଦୃଷ୍ଟିରେ ରଖି ତିନିଦିନ ସରକାର ଛୁଟି ଘୋଷଣା କରନ୍ତୁ ବୋଲି ପୂର୍ବରୁ ଦାବି କରିଥିଲେ। ନଚେତ କଂଗ୍ରେସ ବିଧାୟକମାନେ ବାଚସ୍ପତି ନିର୍ବାଚନରେ ଯୋଗଦେଇ ପାରିବେ ନାହିଁ ବୋଲି ପ୍ରକାଶ କରିଥିଲେ। ପରବର୍ତୀ ଅବସ୍ଥାରେ ରାଜ୍ୟ ସରକାର ଏହାକୁ ବିଚାରକୁ ନେଇ ଦୁଇଦିନ ଛୁଟି ଘୋଷଣା କରିଛନ୍ତି ଏବଂ ବାଚସ୍ପତି ନିର୍ବାଚନକୁ ୨୨ ତାରିଖକୁ ଘୁଂଚାଇଛନ୍ତି।

## ସମବାୟ ସମିତି ଏବେ ବୃହତ୍ ସୁଯୋଗ ଆଣିପାରିଛି

ସମ୍ବଲପୁର, ୧୯/୦୯ (ନି.ପ୍ର): ସମବାୟ ସମିତି ଆଉ କେବଳ କୃଷି କ୍ଷେତ୍ରରେ ସିମିତ ହୋଇ ରହିନି, ବରଂ ସାମାଜିକ ଅର୍ଥନୈତିକ ବ୍ୟବସ୍ଥା ଭିତରେ ଏହାକୁ ବ୍ୟାପକ କରାଯାଇଛି । ପଶୁପାଳନ, ପେଟ୍ରୋଲ ପମ୍ପ ଭଳି ବୃହତ ଉଦ୍ୟୋଗରେ ସମବାୟ ଗ୍ରାହକ ଲାଭବାନ ହୋଇପାରିବେ ବୋଲି ଆଜି ପଟୁଆମହାଣ (ଡଙ୍ଗରପଡା) ପ୍ରାଥମିକ କୃଷି ସେବା ସମବାୟ ସମିତି ଲିମିଟେଡ୍ ଉଦଘାଟନ ଉତ୍ସବରେ ଉଦଘାଟକ ଭାବେ ଧନୁପାଲି ସମବାୟ ବ୍ୟାଙ୍କର ପ୍ରବନ୍ଧକ ହେମସିକ୍ତ ଦାଶ ଯୋଗଦେଇ ଏଭଳି ବାର୍ତା ଦେଇଛନ୍ତି ।ଡଙ୍ଗରପଡା ସରପଂଚ ତଥା ସେବା ସମବାୟର ସଭାପତି ଅୟଶ କାନ୍ତ ବଡପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସମାଜସେବୀ ଦିଲ୍ଲିପ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ସମବାୟ ସମିତିରେ ସମସ୍ତେ ମାଲିକ ଓ ଗ୍ରାହକ ହେଉଥିବାରୁ ଲୋକଙ୍କ ଭାଗି ଦାରିତାରେ ଏହା ଏକ ସର୍ବୋତ୍କୃଷ୍ଟ ଓ ଲାଭ ଦାୟକ ସଂସ୍ଥା ହୋଇପାରିଛି । ତେଣୁ ସମସ୍ତେ ଏହାର ସୁଯୋଗ ନେବାକୁ ଉପସ୍ଥିତ ଜନତାଙ୍କୁ ସେ ନିବେଦନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡା.ରାଜାରାମ ଷଡଙ୍ଗୀ, ଟିକି ପ୍ରଧାନ,ଘେନୁପାଲି ସମବାୟ ସମିତିର ସଂପାଦକ ଦୀପେନ ନାଥ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଏହାକୁ ନବ ଗଠିତ ସମବାୟ ସମିତର ସଂପାଦକ ଆଲୋକ କୃଷ୍ଣା ମହାକୁଡ, କିରାଣୀ ସୌମ୍ୟ ରଞ୍ଜନ ବେହେରା ,ଡିଓ ମୋହନ ଧରୁଆ ଓ ସୁରେଖା ସାହୁ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ଡଙ୍ଗରପଡା ଏମବିକେ ଗୀତାଞ୍ଜଳି ମିଶ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଛାତ୍ରୀଙ୍କୁ ଆଇନ ସଚେତନତା ନେଇ ଆରମ୍ଭ ହେଲା ସ୍ୱୟଂସିଦ୍ଧା ଅଭିଯାନ

ଭୁବନେଶ୍ୱର, ୧୯/୦୯ (ନି.ପ୍ର): ସୋମବାର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ନୂତନ ପ୍ରେକ୍ଷାଳୟରେ ମହିଳାଙ୍କ ଆଇନଗତ ସୁରକ୍ଷା ଓ ଅଧିକାର ନେଇ 'ସ୍ୱୟଂସିଦ୍ଧା' କାର୍ଯ୍ୟକ୍ରମ ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଯାଇଛି । ରାଜ୍ୟର ସମସ୍ତ ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟ ଛାତ୍ରୀଙ୍କୁ ମହିଳାଙ୍କ ଅଧିକାର ଓ ସୁରକ୍ଷା ଆଇନ ବାବଦରେ ସଚେତନ କରାଇବା ଲକ୍ଷ୍ୟ ନେଇ 'ମୋ କଲେଜ ଅଭିଯାନ' ଏବଂ 'ଓଡ଼ିଶା ରାଜ୍ୟ ମହିଳା ଆୟୋଗ' ମିଳିତ ଉଦ୍ୟମରେ ଅୟମାରମ୍ଭ ହୋଇଯାଇଛି । ତେବେ ଏହି ଅଭିଯାନ ରାଜ୍ୟରେ ନାରୀ ସୁରକ୍ଷା କ୍ଷେତ୍ରରେ ନୂଆ ଦିଗ ଯୋଡ଼ିବା ସହ ଛାତ୍ରୀଙ୍କୁ ଆଇନଗତ ସୁରକ୍ଷା ଦେବ। କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ 'ମୋ କଲେଜ' ଅଧକ୍ଷ ଆକାଶ ଦାସନାୟକ ମଂଚାସୀନ ରହି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଭିମୁଖ୍ୟ ବଖାଣିଥିଲେ। ନାରୀ ସୁରକ୍ଷା ଓ କର୍ତବ୍ୟ ନେଇ ରହିଥିବା ଆଇନ ବାବଦରେ ଛାତ୍ରୀଙ୍କୁ ଅବଗତ କରାଯାଇ ପାରିଲେ ସେମାନେ ନିଜେ ସୁରକ୍ଷିତ ହେବା ସହ ପରିବାର, ସାଥୀ ଓ ପଡ଼ୋଶୀଙ୍କୁ ସଚେତନ କରାଇବେ। ଆଗାମୀ ଦିନରେ ସମ୍ପୃକ୍ତ କାର୍ଯ୍ୟକ୍ରମ ରାଜ୍ୟରେ ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଆୟୋଜନ ନେଇ ନିଷ୍ପତି ହୋଇଛି। ଏନେଇ ରାଜ୍ୟ ସରକାର ସବୁ ପ୍ରକାର ବନ୍ଦୋବସ୍ତକୁ ଗୁରୁତ୍ୱ ଦେଉଥିବା କହିଥିଲେ। ସେହିପରି 'ଓଡ଼ିଶା ରାଜ୍ୟ ମହିଳା ଆୟୋଗ' ଅଧକ୍ଷା ଡ. ମିନତି ବେହେରା ଯୋଗଦେଇ ବାଲ୍ୟ ବିବାହ, ଯୌନ ଶୋଷଣ, ସାଇବର ଅପରାଧ, ନାବାଳିକା ଅସଦାଚରଣ ଆଦି ନେଇ ରହିଥିବା ଆଇନ ତଥା ସରକାରୀ ଓ ସାମ୍ବିଧାନିକ ସୁରକ୍ଷା ବାବଦରେ ସଚେତନ କରାଇଥିଲେ। ଆବଶ୍ୟକ ସ୍ଥଳେ ବିଭିନ୍ନ ବିଭାଗର ସ୍ୱତନ୍ତ୍ର ହେଲ୍ପ ଲାଇନ ନମ୍ବର ଗୁଡ଼ିକରେ ଯୋଗାଯୋଗ କରିବାକୁ ସୂଚନା ଦେଇଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ ଅଧକ୍ଷତା କରିବା ସହ ଛାତ୍ରୀଗଣ ନିଜର ଅଧିକାର ସହ କର୍ତବ୍ୟ ବାବଦରେ ମଧ ଯତ୍ନବାନ ହେବା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ଅନୁରୂପ ବିଶ୍ୱବିଦ୍ୟାଳୟର କୁଳସଚିବ ଶ୍ୟାମଳୀ ମହାପାତ୍ର, ପିଜିସି ଅଧକ୍ଷ ପ୍ରଫେସର ଚଣ୍ଡୀ ଚରଣ ରଥ ମଂଚାସୀନ ରହି ବକ୍ତବ୍ୟ ରଖିଥିଲେ। 'ରାଜ୍ୟ ମହିଳା ଆୟୋଗ'ର ଡ. ଏନ ଟୁନା ସାହୁ ଛାତ୍ରୀଙ୍କ ସହ ପାରସ୍ପରିକ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ଅବସରରେ ୩୬ ଗୋଟି ଅନୁବନ୍ଧିତ କଲେଜର ଜାତୀୟ ସେବା ଯୋଜନା (ଏନଏସଏସ) ସଂଯୋଜକ ଏବଂ ବିଶ୍ୱବିଦ୍ୟାଳୟର ପନ୍ଦର ଶହ ଛାତ୍ରୀ ଉପସ୍ଥିତ ଥିଲେ। ଡ. ସଂଘମିତ୍ରା ଭଞ୍ଜ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ହୀରାକୁଦଠାରେ ମାସିକ ଜନଶୁଣାଣି

ସମ୍ବଲପୁର, ୧୯/୦୯ (ନି.ପ୍ର): ହୀରାକୁଦଠାରେ ଆଜି ମାସିକ ତୃତୀୟ ସୋମବାର ଜନଶୁଣାଣିରେ ମହାନଗର ନିଗମର କମିଶନର ବେଦ୍ ଭୂଷଣ ଯୋଗଦେଇ ହୀରାକୁଦ ଅଞ୍ଚଳର ଲୋକମାନଙ୍କ ବିଭିନ୍ନ ସମସ୍ୟା ଓ ଅଭିଯୋଗ ଶୁଣିବା ସହିତ ଯଥାଶୀଘ୍ର କିଭଳି ଏହାର ସମାଧାନ ହୋଇପାରିବ ସେ ସମ୍ପର୍କରେ ପ୍ରତିଶ୍ରୁତି ଦେଇଛନ୍ତି । ଏହି ଜନ ଶୁଣାଣି କାର୍ଯ୍ୟକ୍ରମରେ ଡେପୁଟି କମିଶନର ଏସ୍ଏମସିର ସମସ୍ତ ଅଧିକାରୀ ଏବଂ ହୀରାକୁଦ ଅଞ୍ଚଳର ବହୁ ଜନସାଧାରଣ ଉପସ୍ଥିତ ଥିଲେ ।

## ରାଇକିଆ ବ୍ଲକରେ ସ୍ୱାତୀ ତରଫରୁ ଉନ୍ନତ କିସମର ମାଛ ଚାଷକୁ ପ୍ରୋତ୍ସାହନ

କନ୍ଧମାଳ, ୧୯/୦୯ (ନି.ପ୍ର): ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଆନୁକୁଲ୍ୟରେ ରାଇକିଆ ବ୍ଲକ ଅନ୍ତର୍ଗତ ରଣବା ଗ୍ରାମ ପଚାଂୟତ ର ବଡଗ ଓ କୋନସୁର ଗ୍ରାମ ଠାରେ ଆଦିବାସୀ ମାନଙ୍କ ଜୀବନ ଓ ଜୀବିକା ର ବିକାଶ କୁ ଦୃଷ୍ଟି ରେ ରଖି ସ୍ୱାତୀ ଓ ଆମ୍ବା, କନ୍ଧମାଳ ଦ୍ୱାରା ପରିଚାଳିତ ସମନ୍ୱିତ କୃଷି ମାଧମରେ ଲଗାତର ଅଭିନବ ପ୍ରୟାସ ଜାରିରହିଥିବା ଦୃଷ୍ଟିଗୋଚର ହେଉଛୀ । ରବିବାର ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୂଖ୍ୟତ ରାଇକିଆ ବ୍ଲକ ରେ ଚାଷିଙ୍କୁ ଟ୍ରେଲିସ ପଦ୍ଧତି ରେ ପନି ପରିବା ଚାଷ, ଦେଶି କୁକୁଡା, ବତକ ଓ ଛେଳି ଚାଷ କରିବା ସହିତ ମାଛ ଚାଷ କୁ ପ୍ରୋତ୍ସାହନ କରି ଚାଷି ମାନଙ୍କ ର ରୋଜଗାର କୁ ଦ୍ୱିଗୁଣିତ କରିବା ଲକ୍ଷ ନେଇ କାର୍ଯ୍ୟକରାଯାଉଛି । ଏହି ଋତୁ ରେ ମାଛ ଜାଁଆଳ ୨୦ ଜଣ ଉଦ୍ୟଗି ଚାଷି ଙ୍କୁ ପ୍ରଦାନ କରାଯାଇଛି । ମାଛ ଚାଷ କରି ଚାଷି ତାହର ସମନ୍ୱିତ କୃଷି କୁ ଆଗେଇନବା ସହିତ, ନିଜର ଆର୍ଥିକ ସ୍ୱାବଲମ୍ବୀ ହେବା ପାଇଁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଗୋଷ୍ଠି ମତ୍ସ୍ୟ ଅଧିକାରିଣୀ ରୋଜାଲିନୀ ଦାସ, ମତ୍ସ୍ୟ ଜାଆଁଳ କେନ୍ଦ୍ର ପରିଚାଳକ ଅଜିତ କୁମାର ବେହେରା, ସ୍ୱାତୀ ର ପ୍ରକଳ୍ପ ସଂଯୋଜକ ବିଶ୍ୱଜିତ ବେହରା ଉପସ୍ଥିତ ରହି ହିତାଧିକାରି ମାନଙ୍କୁ ମତ୍ସ୍ୟ ଚାଷ ଉପରେ ବିଭିନ୍ନ କୌଶଳ ପ୍ରଦାନ କରିଥିଲେ । ରାଇକିଆ ଅଂଚଳ ପନିପରିବା ଚାଷ ପାଇଁ ପ୍ରସିଦ୍ଧି ଥିବା ସ୍ଥଳେ, ନୂତନ ରୂପେ ମାଛ ଚାଷ କୁ ଆରମ୍ଭ କରି ଅଂଚଳରେ ଉଦାହରଣ ସୃଷ୍ଟି କରିଛନ୍ତି । ଏହି ପ୍ରୟାସ କୁ ଜାରି ରଖି ଆଗାମୀ ଦିନରେ ବହୁ ଯୁବ ଚାଷି ଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟ ରଖା ଯାଇଛି । କାର୍ଯ୍ୟକ୍ରମରେ ସ୍ୱାତୀ, ରାଇକିଆ ର କର୍ମକର୍ତା ହୃଷିକେଶ ଆମାୟତ, ମିନାଖି ଦାସ, ପୁଷ୍ପାଜଂଳି ମୁଣ୍ଡା, ଦିଲ୍ଲିପ ପ୍ରଧାନ, ସଜଂୟ କୁମାର ରଣା, ପ୍ରିତିଶ କୁମାର ସାହୁ,ଯୋଗ ଦେବା ସହିତ ରାଇକିଆ କୃଷକ ଉତ୍ପାଦକ ଗୋଷ୍ଠି ସମ୍ପୁର୍ଣ୍ଣ ପରିଚାଳନା କରିଥଲେ ।

## କାଳିଆ ଯୋଜନାର ସମୀକ୍ଷା କଲେ କୃଷି ମନ୍ତ୍ରୀ

ଭୁବନେଶ୍ୱର, ୧୯/୦୯ (ନି.ପ୍ର): କାଳିଆ ଯୋଜନାକୁ ଅଧିକ ଶୃଙ୍ଖଳିତ ଓ ବ୍ୟାପକ କରିବା ପାଇଁ ବିଭିନ୍ନ ସମୟରେ ଆବଶ୍ୟକ ପଦକ୍ଷେପ ନିଆଯାଉଛି । କାଳିଆ ଯୋଜନାରେ ପ୍ରତି ଫସଲ ଋତୁ ପ୍ରାରମ୍ଭରେ କାଳିଆ ହିତାଧିକାରୀ ଚାଷୀମାନଙ୍କୁ ନଗଦ ଅର୍ଥ ଆକାରରେ ସହାୟତା ଯୋଗାଇ ଦିଆଯାଇଥାଏ ଯାହାକି କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ଚାଷ କାର୍ଯ୍ୟ ପାଇଁ ପ୍ରାଥମିକ ମୂଳଧନ ପରି ସାହାଯ୍ୟ କରିଥାଏ ବୋଲି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି । ଆଜି କୃଷି ଭବନଠାରେ ଆୟୋଜିତ ବୈଠକରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ କାଳିଆ ଯୋଜନାର କାର୍ଯ୍ୟକାରିତା ଓ ବିଭିନ୍ନ ଦିଗ ସଂପର୍କରେ ସମୀକ୍ଷା କରିବା ଅବସରରେ କହିଛନ୍ତି ଯେ କୌଣସି ଯୋଗ୍ୟ ଚାଷୀ ଯେପରି କାଳିଆ ହିତାଧିକାରୀ ତାଲିକାରୁ ବାଦ ନପଡ଼ନ୍ତି ସେଥିପ୍ରତି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି । ଏହି ପରିପ୍ରେକ୍ଷୀରେ ପ୍ରତି ଜିଲ୍ଲାରେ କାଳିଆ ସେଣ୍ଟର ପ୍ରତିଷ୍ଠା କରାଯାଉଛି । ଜିଲ୍ଲାରେ କାଳିଆ ସେଂଟରଗୁଡ଼ିକ କାର୍ଯ୍ୟକ୍ଷମ ହେଲାପରେ ଚାଷୀଭାଇମାନେ ବହୁଳ ଭାବରେ ଉପକୃତ ହେବେ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ ଆଶା ପ୍ରକାଶ କରିଥିଲେ । କାଳିଆ ଯୋଜନା ଓ କାଳିଆ ହିତାଧିକାରୀଙ୍କ ପିଲାମାନଙ୍କ ଉଚ୍ଚଶିକ୍ଷା ପାଇଁ ପ୍ରଦତ କାଳିଆ ଛାତ୍ରବୃତିର ଲାଭ ଯେପରି ଯୋଗ୍ୟ ହିତାଧିକାରୀମାନେ ପାଇ ପାରିବେ ସେଥିପାଇଁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ପରାମର୍ଶ ଦେଇଥିଲେ । ସମସ୍ତ ଶିକ୍ଷାନୁଷ୍ଠାନରେ ଏଥି ପାଇଁ ହେଲ୍ପ ଡେସ୍କ ସ୍ଥାପନ କରି ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦିଆଯିବ । ଏଥି ସହିତ ବିଭାଗର 'ଆମ କୃଷି' କାର୍ଯ୍ୟକ୍ରମ ମାଧମରେ ହିତାଧିକାରୀଙ୍କୁ 'କାଳିଆ' ସଂପର୍କରେ ସମସ୍ତ ସୂଚନା ପ୍ରଦାନ କରାଯାଉଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ ।

## ମିଲେଟ୍ ସମ୍ବନ୍ଧୀୟ ଆନ୍ତର୍ଜାତିକ ସମ୍ମିଳନୀର ପ୍ରସ୍ତୁତି ନେଇ କୃଷି ମନ୍ତ୍ରୀଙ୍କ ସମୀକ୍ଷା

ଭୁବନେଶ୍ୱର, ୧୯/୦୯ (ନି.ପ୍ର): ଓଡ଼ିଶା ପକ୍ଷରୁ ମିଲେଟ୍ ସଂପର୍କରେ ଆନ୍ତର୍ଜାତିକ ସମ୍ମିଳନୀକୁ ସଫଳତାର ସହ ଆୟୋଜନ କରି ମିଲେଟ ପୁଷ୍ଟିଶସ୍ୟର ଉପକାରିତା ସଂପର୍କରେ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ସହିତ ରାଜ୍ୟ ସରକାରଙ୍କର ମିଲେଟ୍ ପ୍ରତି ଥିବା ପ୍ରତିବଦ୍ଧତାକୁ ବୈଶ୍ୱିକ ପ୍ରେକ୍ଷାପଟରେ ଉପସ୍ଥାପନ କରାଯିବ ବୋଲି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି । ସୋମବାର କୃଷି ଭବନଠାରେ ଆନ୍ତର୍ଜାତିକ ମିଲେଟ୍ ସମ୍ମିଳନୀର ପ୍ରସ୍ତୁତି ସଂପର୍କରେ ଆୟୋଜିତ ସମୀକ୍ଷା ବୈଠକରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ । ନଭେମ୍ବର ୯ ଓ ୧୦ ତାରିଖରେ ଭୁବନେଶ୍ୱରର ଜନତା ମଇଦାନରେ ସମ୍ମିଳନୀର ଆୟୋଜନ କରାଯାଉଥିବାବେଳେ ଆନ୍ତର୍ଜାତିକ ମିଲେଟ୍ ବର୍ଷରେ ଜିଲ୍ଲାଗୁଡ଼ିକରେ ମଧ ବିଭିନ୍ନ କାର୍ଯ୍ୟକ୍ରମ କରାଯିବା ପାଇଁ ମନ୍ତ୍ରୀ ପରାମର୍ଶ ଦେଇଥିଲେ । ବିଭାଗ ପକ୍ଷରୁ ନିର୍ଦ୍ଦିଷ୍ଟ ମାର୍ଗଦର୍ଶିକା (ଏସ୍ଓପି) ପ୍ରସ୍ତୁତ କରି ତଦନୁଯାୟୀ ଜିଲ୍ଲାଗୁଡ଼ିକରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ପରାମର୍ଶ ଦେଇଥିଲେ । ବିଭିନ୍ନ ଜିଲ୍ଲାର ଅଗ୍ରଣୀ ମିଲେଟ୍ ଚାଷୀମାନଙ୍କୁ ସମ୍ମିଳନୀ ଅବସରରେ ସମ୍ବର୍ଦ୍ଧିତ କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି। ଏଥି ସହିତ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକୁ ମଧ କାର୍ଯ୍ୟକ୍ରମରେ ସାମିଲ କରିବା ପାଇଁ ସେ ପରାମର୍ଶ ଦେଇଥିଲେ । ସମ୍ମିଳନୀ ଅବସରରେ ମିଲେଟ୍ ଚାଷ ଓ ଖାଦ୍ୟ ପ୍ରସ୍ତୁତିର ସଫଳ କାହାଣୀ ପ୍ରଦର୍ଶନୀ ମଣ୍ଡପରେ ପ୍ରଦର୍ଶନ କରିବା ସହିତ ଟିଭି ଚ୍ୟାନେଲଗୁଡ଼ିକରେ ମିଲେଟ ସମ୍ବନ୍ଧୀୟ ବିଭିନ୍ନ ଆଲୋଚନା ଚକ୍ରର ଆୟୋଜନ ଉପରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଗୁରୁତ୍ୱାରୋପ କରିଥିଲେ। ବୈଠକରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ କହିଲେ ଯେ ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ପଢୁଥିବା ବିଦେଶୀ ଛାତ୍ରଛାତ୍ରୀ ମାନଙ୍କୁ ଆନ୍ତର୍ଜାତିକ ମିଲେଟ୍ ସମ୍ମିଳନୀରେ ଭାଗନେବା ପାଇଁ ପତ୍ର ଲେଖାଯିବ । ଏଥି ସହିତ ବିଭିନ୍ନ ରାଜ୍ୟର କୃଷି ବିଭାଗ ସଚିବମାନଙ୍କୁ ମଧ ଆମନ୍ତ୍ରଣ କରିବା ପାଇଁ ନିଷ୍ପତି ନିଆଯାଇଛି । ଆନ୍ତର୍ଜାତିକ ସମ୍ମିଳନୀକୁ ପ୍ଲାଷ୍ଟିକ୍ ମୁକ୍ତ କରିବା ପାଇଁ ପଦକ୍ଷେପ ନିଆଯାଇଛି ବୋଲି ଡ. ପାଢ଼ୀ କହିଛନ୍ତି । ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମିଲେଟ୍ ରିସର୍ଚ୍ଚ, ଇକ୍ରିସାଟ୍, ଖାଦ୍ୟ ଓ କୃଷି ସଂଗଠନ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଯର୍କ ବିଶ୍ୱବିଦ୍ୟାଳୟ, ଏସ୍‌ସିଏସ୍‌ଟିଆରଆଇ ଏବଂ ଅନ୍ୟାନ୍ୟ ଅନୁଷ୍ଠାନ ଏହି ସମ୍ମିଳନୀର ଆୟୋଜନରେ ସହଯୋଗ କରିବେ। ଓଡ଼ିଶା ମିଲେଟ୍ ମିଶନ ନେତୃତ୍ୱରେ ଓ ବିଭିନ୍ନ ସରକାରୀ ବିଭାଗ, କେନ୍ଦ୍ରୀୟ ସଂସ୍ଥା, ବେସରକାରୀ ଅଂଶୀଦାର, କୃଷକ ଉତ୍ପାଦକ ଗୋଷ୍ଠୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଗବେଷଣା ପ୍ରତିଷ୍ଠାନ ଓ ଅନ୍ୟାନ୍ୟ ଅଂଶୀଦାରଙ୍କ ସହଯୋଗରେ ଏହି ସମ୍ମିଳନୀର ଆୟୋଜନ କରାଯିବ। ଆନ୍ତର୍ଜାତିକ ମିଲେଟ ସମ୍ମିଳନୀ ଅବସରରେ ବିଭିନ୍ନ ଆଲୋଚନାଚକ୍ର, ଉଦ୍ୟୋଗୀ ଓ ବ୍ୟବସାୟିକ ସଂସ୍ଥାମାନଙ୍କ ସହିତ ବୈଠକ, ପ୍ରଦର୍ଶନୀ ମଣ୍ଡପ, କୃଷି ଯାନ୍ତ୍ରିକୀକରଣ ଷ୍ଟଲ, ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ କୁଇଜ୍, ପ୍ରବନ୍ଧ ଲିଖନ ଓ ଏକ୍ସଟେମ୍ପୋ ପ୍ରତିଯୋଗିତା ସମେତ ଆନ୍ତର୍ଜାତିକ ଖାଦ୍ୟ ମହୋତ୍ସବ ଓ ରନ୍ଧନ ପ୍ରତିଯୋଗିତାର ମଧ ଆୟୋଜନ କରାଯିବ। ଏହି ଅବସରରେ ଶିଳ୍ପୋଦ୍ୟୋଗୀମାନଙ୍କର ରାଉଣ୍ଡ ଟେବୁଲ୍ ବୈଠକ, ହୋଟେଲ୍ ଆଣ୍ଡ ରେଷ୍ଟୁରାଂଟ ଆସୋସିଏସନ୍ ସହଯୋଗରେ ଅନ୍ତର୍ଜାତୀୟ ଖାଦ୍ୟ ମହୋତ୍ସବ ଆୟୋଜନ କରାଯିବ । 'ଗାଁ ଇତିହାସ' ଓ 'କାହାଣୀ କହିବା' ପରି ଅଭିନବ କାର୍ଯ୍ୟକ୍ରମ ସମ୍ମିଳନୀର ଅଂଶବିଶେଷ ହେବ। ପ୍ରାରମ୍ଭରେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଶ୍ରୀ ପ୍ରେମଚନ୍ଦ୍ର ଚୌଧାରୀ ବିଭିନ୍ନ କାର୍ଯ୍ୟକ୍ରମର ରୂପରେଖ, ପ୍ରାକ୍ ପ୍ରସ୍ତୁତି ଓ ଆନୁଷଙ୍ଗିକ ବ୍ୟବସ୍ଥା ସଂପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ବୈଠକରେ ବିଭାଗୀୟ ବରିଷ୍ଠ ଅଧିକାରୀଙ୍କ ସମେତ ଫିଲ୍ଡର କର୍ମକର୍ତାମାନେ ଯୋଗଦେଇଥିଲେ।

## ଗଡ଼ଜାତଗାନ୍ଧୀ ସାରଙ୍ଗଧର ଦାସ ଓଡ଼ିଆଜାତିର ପ୍ରାତଃସ୍ମରଣୀୟ ବ୍ୟକ୍ତିତ୍ୱ

କଟକ/ଭୁବନେଶ୍ୱର, ୧୯/୦୯ (ନି.ପ୍ର): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଗଡ଼ଜାତଗାନ୍ଧୀ ସାରଙ୍ଗଧର ଦାସ ସ୍ମୃତି କମିଟି ଓ ବିଭିନ୍ନ ପୂଜ୍ୟପୂଜା ସଂଗଠନର ମିଳିତ ସହଯୋଗରେ ବିଶିଷ୍ଟ କୃଷିବିଜ୍ଞାନୀ, ଢେଙ୍କାନାଳ ପ୍ରଜାମଣ୍ଡଳ ଆନ୍ଦୋଳନର କର୍ଣ୍ଣଧାର, କୃଷକନେତା, କୃଷକ ପତ୍ରିକାର ସମ୍ପାଦକ, ପୂର୍ବତନ ବିଧାୟକ, ସାଂସଦ ଗଡ଼ଜାତଗାନ୍ଧୀ ସାରଙ୍ଗଧର ଦାସଙ୍କ ୬୬ତମ ଶ୍ରାଦ୍ଧ ଉତ୍ସବ ସୋମବାର ପ୍ରତ୍ୟୁଷରେ କଟକ ସତୀଚଉରାସ୍ଥିତ ତାଙ୍କ ସମାଧିପୀଠରେ ସାରଙ୍ଗଧର ସ୍ମୃତି କମିଟି ସଭାପତି ଡାକ୍ତର ରବି ରଞ୍ଜନ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଏହି ଶ୍ରଦ୍ଧାଞ୍ଜଳି ସଭାରେ ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ ବନ୍ଦନା ଗାନ କରିଥିଲେ। ବିଶିଷ୍ଟ ସମାଜବାଦୀନେତା ଚିତ୍ତରଂଜନ ମହାନ୍ତି, ବୈଷ୍ଣବ ଦାସ, ଭୁବନାନନ୍ଦ ମହାନ୍ତି, ସମରେନ୍ଦ୍ର ଘୋଷ, ଶ୍ୟାମସୁନ୍ଦର ସାହୁ, ଉମେଶ ଚନ୍ଦ୍ର ନାୟକ, ବିଚିତ୍ରାନନ୍ଦ ମିଶ୍ର, ନଳିନୀପ୍ରଭା ନାୟକ, ମନୋରଞ୍ଜନ ପଣ୍ଡା, ବନମାଳୀ ବେହେରା, ଅରୁଣ କୁମାର ଅଗ୍ରୱାଲ୍ ପ୍ରମୁଖ ଯୋଗଦେଇ ନିଜ ବକ୍ତବ୍ୟରେ ସାରଙ୍ଗଧରଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ । ଢେଙ୍କାନାଳ ଜିଲ୍ଲାର ହରେକୃଷ୍ଣପୁର ଗ୍ରାମରେ ଜନ୍ମହୋଇ ପ୍ରତିକୂଳ ପରିବେଶରେ ଜାପାନ ଓ ଆମେରିକାରେ ରସାୟନ ଓ କୃଷିବିଜ୍ଞାନରେ ଉଚ୍ଚଶିକ୍ଷା ଲାଭକରି ବିଦେଶରେ ଉଚ୍ଚବେତନରେ ଚାକିରୀ କରି ବିଳାସମୟ ଜୀବନ ଯାପନ କରି ବିଶିଷ୍ଟ ଚିତ୍ରଶିଳ୍ପୀ ଓ କବି ବିଦେଶିନୀ ଫ୍ରିଡାଙ୍କୁ ଜୀବନସାଥୀ କରି ଆନନ୍ଦମୟ ଜୀବନ ବିତାଉଥିବା ସାରଙ୍ଗଧର ନିଜ ଜନ୍ମମାଟି ଢେଙ୍କାନାଳ ଗଡ଼ଜାତର ପ୍ରଜାଙ୍କୁ ରାଜା ଅତ୍ୟାଚାରରୁ ମୁକ୍ତିଦେବା ସହ ନିଜ ଜନ୍ମମାଟିରେ ଚିନି କାରଖାନା କରିବାର ସ୍ୱପ୍ନ ନେଇ ଓଡ଼ିଶା ଫେରି ଆଖୁଚାଷ ଓ ଚିନି କାରଖାନା କରିବାକୁ ଉଦ୍ୟମ କଲେ । ସ୍ୱାଧୀନଚେତା ଓ ଦେଶପ୍ରେମୀ ସାରଙ୍ଗଧର ଜାତିରପିତା ମହାତ୍ମା ଗାନ୍ଧୀ ଓ ଅନ୍ୟ ସ୍ୱାଧୀନତା ସଂଗ୍ରାମୀଙ୍କ ସହ ଯୋଗାଯୋଗ କଲେ । ସାରଙ୍ଗଧର ରାଜା ବିରୋଧି ଓ ବ୍ରିଟିଶ ବିରୋଧି କାର୍ଯ୍ୟକଳାପରେ ଲିପ୍ତ ଅଛନ୍ତି ବୋଲି ସନ୍ଦେହ କରି ରାଜାଙ୍କ ଲୋକେ ତାଙ୍କ ଚିନିକଳକୁ ପୋଡିଦେବାରୁ ସେ ସମ୍ପୂର୍ଣ୍ଣ ଭାବେ ଢେଙ୍କାନାଳରେ ଦୁର୍ବାର ପ୍ରଜାମଣ୍ଡଳ ଆନ୍ଦୋଳନ ଗଢ଼ିତୋଳିବା ସହ ଅନ୍ୟ ଗଡ଼ଜାତରେ ମଧ ପ୍ରଜାମଣ୍ଡଳ ଆନ୍ଦୋଳନକୁ ସମର୍ଥନ କରି ସକ୍ରୀୟ କଲେ, ସେଥିପାଇଁ ତାଙ୍କୁ ଗଡ଼ଜାତ ଗାନ୍ଧୀ ବୋଲି ସମ୍ବୋଧନ କରାଯାଏ । ଏହି ଆନ୍ଦୋଳନରେ ସାମିଲ୍ ହୋଇ ସେ କୃଷକ ସଂଗଠନ କରିବା ସହ କୃଷକ ପତ୍ରିକା ସମ୍ପାଦନା କରି ଲଣ୍ଡା ଦେହୁରୀ ନାମରେ ପ୍ରବନ୍ଧ ଲେଖୁଥିଲେ, ଦେଶ ସ୍ୱାଧୀନତା ପୂର୍ବରୁ ସେ କଂଗ୍ରେସ ଦଳରୁ ତିର୍ତ୍ତୋଲରୁ ବିଧାୟକ ନିର୍ବାଚିତ ହୋଇଥିଲେ ପରେ ସେ କଂଗ୍ରେସ ଦଳ ସହ ବିଧାୟକ ପଦରୁ ଇସ୍ତଫା ଦେଇ ଉଚ୍ଚ ରାଜନୈତିକ ମୂଲ୍ୟବୋଧ ପ୍ରତିଷ୍ଠା କରି ସୋସାଲିଷ୍ଟ ଦଳରେ ଯୋଗଦେଇ ଢେଙ୍କାନାଳରୁ ଲୋକସଭାକୁ ନିର୍ବାଚିତ ହୋଇ ଦଳର ଉପନେତା ହୋଇଥିଲେ ପରେ ପ୍ରଜାସୋସାଲିଷ୍ଟ ଦଳର ନେତା ହୋଇଥିଲେ । ସାଂସଦଭାବେ ହୀରାକୁଦ ନଦୀବନ୍ଧ ପ୍ରକଳ୍ପ ଓ ରାଜ୍ୟରେ କୃଷି ବିକାଶ ସହ ଶିଳ୍ପାୟନ ପାଇଁ ଗୁରୁତ୍ୱ ଆରୋପ କରିଥିଲେ । ମୃତ୍ୟୁ ପୂର୍ବରୁ ସେ ତାଙ୍କ ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଜାତି ଉଦ୍ଦେଶ୍ୟରେ ସମର୍ପଣ କରିଦେଇଛନ୍ତ। ତାଙ୍କ ସ୍ମୃତିରେ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ସହ ପାଠ୍ୟପୁସ୍ତକରେ ତାଙ୍କ ଜୀବନୀ ସ୍ଥାନିତ ପାଇଁ ବକ୍ତାମାନେ ନିଜ ବକ୍ତବ୍ୟରେ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଥିଲେ । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପୂଜ୍ୟପୂଜା ସଂଚାଳକ ତଥା ସ୍ୱତନ୍ତ୍ର କର୍ତବ୍ୟରତ ଅଧିକାରୀ ଲକ୍ଷ୍ମୀଧର ବେହେରା ନିଜ ବକ୍ତବ୍ୟରେ ଓଡ଼ିଶା ସରକାର ଗଡ଼ଜାତଗାନ୍ଧୀ ସାରଙ୍ଗଧର ଦାସଙ୍କ ସ୍ମୃତିରକ୍ଷା ପାଇଁ ଉଦ୍ୟମ କରି ତାଙ୍କର ଜୟନ୍ତୀ ଓ ଶ୍ରାଦ୍ଧୋତ୍ସବ ପାଳନ ସହିତ ତାଙ୍କ ଉପରେ ସ୍ୱତନ୍ତ୍ର ଡାକ ଲଫାପା ପ୍ରକାଶନ କରିବା ସହ ରାଜଧାନୀ ଭୁବନେଶ୍ୱରରେ ତାଙ୍କର ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତି ପ୍ରତିଷ୍ଠା ପାଇଁ ନିଷ୍ପତି ଗ୍ରହଣ କରିଛନ୍ତି। ତାଙ୍କ ସ୍ମୃତି ରକ୍ଷା ପାଇଁ ଯଦି କୌଣସି ଗଠନମୂଳକ ପ୍ରସ୍ତାବ ଆସେ ତାହେଲେ ବିଭାଗ ପକ୍ଷରୁ ତର୍ଜମା କରି ବିହିତ ପଦକ୍ଷେପ ନିଆଯିବ । ଏହି ଅବସରରେ ବିଭାଗ ତରଫରୁ କର୍ପୋରେଟର ଆରତୀ ସାହୁଙ୍କୁ ସାରଙ୍ଗଧର ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା ।

## ବିନିକା ବ୍ଲକ କାର୍ଯ୍ୟାଳୟଠାରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ସୁବର୍ଣ୍ଣପୁର, ୧୯/୦୯ (ନି.ପ୍ର): ଆଜି ସୁବର୍ଣ୍ଣପୁର ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ବିନିକା ବ୍ଲକ ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିମଳେନ୍ଦୁ ରାୟ ଓ ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା, ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତି ଓ ସମସ୍ୟା ନିହିତ ୬୩ ଗୋଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୫୬ ଗୋଟି, ସାମୁହିକ ଦରଖାସ୍ତ ୭ ଗୋଟି ରହିଥିବା ସୂଚନା ପ୍ରଦାନ କରାଯାଇଛି। ତନ୍ମଧ୍ୟରୁ ୨୧ ଗୋଟି ଅଭିଯୋଗର ତୁରନ୍ତ ସମାଧାନ ହୋଇଥିବା ବେଳେ ଅନ୍ୟ ସମସ୍ତ ଅଭିଯୋଗ ଦରଖାସ୍ତକୁ ସମ୍ପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ତୁରନ୍ତ ସମାଧାନ ନିମନ୍ତେ ପ୍ରେରଣ କରାଯାଇଛି। ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିନିକା, ଅଙ୍ଗଦ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଅଶ୍ୱିନୀ ମେହେର, ଉପଜିଲ୍ଲାପାଳ ସୋନପୁର ଡଃ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଅଧିକ୍ଷଣ ଯନ୍ତ୍ରୀ ପିଡବ୍ଲୁଡି ଇଂ. ଦାମୋଦର କୈବର୍ତ, ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରମେଶ ଚନ୍ଦ୍ର ସ୍ୱାଇଁ, ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ଜିଲ୍ଲା ପଂଚାୟତ ଅଧିକାରୀ ଅର୍ଜୁନ ମାଝୀ, ଉପ ଶ୍ରମ ନିର୍ଦ୍ଦେଶକ ଡିଲେଶ୍ୱର ଖାକା, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଡ଼ ବିଭୁତି ଭୂଷଣ ମିଶ୍ର, ନିର୍ବାହୀ ଯନ୍ତ୍ରୀ ଟି ପିଡବ୍ଲୁଡିଏଲ ଅଶୋକ କୁମାର ମିଶ୍ର , ଜିଲ୍ଲା ସାମାଜ କଲ୍ୟାଣ ଅଧିକାରୀ ଅକ୍ଷୟ କୁମାର ନାୟକ, ନିର୍ବାହୀ ଅଧିକାରୀ ବିଜ୍ଞାପିତ ଅଂଚଳ ପରିଷଦ, ବିନିକା, ସତ୍ୟ ନାରାୟଣ ପ୍ରଧାନ, ଅତିରିକ୍ତ ତହସିଲଦାର ଚାନ୍ଦିନୀ ମେହେର, ଆଇଆଇସି ବିନିକା, ସାରଙ୍ଗଧର ପାଣିଗ୍ରାହୀଙ୍କ ସମେତ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ, ବ୍ଲକ ସ୍ତରୀୟ କର୍ମଚାରୀ, ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ।

# ଓଡ଼ିଶାର ଗଣପର୍ବ ନୂଆଁଖାଇ ଜୁହାର


ଡକ୍ଟର ଲକ୍ଷ୍ମଣ ସାହୁ


ନୂଆଖାଇ ଓଡ଼ିଶାର ପଶ୍ଚିମାଞ୍ଚଳର ଏକ ପାରମ୍ପରିକ ପର୍ବ । ଏହା ମଧ୍ୟ ନୂଆଁଖାଇ ବା ନବାନ୍ନ ଭାବେ ମଧ୍ୟ ଜଣା । ନୂଆଖାଇ ଅର୍ଥାତ୍ ଧାନ ଅମଳର ଖୁସିର ପାଳନ କରିବା ନିମନ୍ତେ କରାଯାଉଥିବା ଏକ ଗଣପର୍ବ । ପାଞ୍ଜି ଅନୁସାରେ ଏହା ଭାଦ୍ରବ ମାସର ଶୁକ୍ଲ ପଞ୍ଚମୀ ତିଥିରେ ପାଳିତ ହୋଇଥାଏ । ଗଣେଶ ଚତୁର୍ଥୀର ପରଦିନ ପାଳନ କରାଯାଏ ।

ନୂଆଁଖାଇ ଦିନ ବଡ଼ି ଭୋରରୁ ଗାଁ ମାନଙ୍କରେ ପୀଢ଼ି ପୀଢ଼ି ଧରି ନିର୍ଦ୍ଧିଷ୍ଟ ପରିବାର ନୂଆ ଧାନ ଗ୍ରାମବାସୀମାନଙ୍କୁ ପ୍ରଦାନ କରିଥାନ୍ତି । ଏପଟେ ଗୃହିଣୀମାନେ ମଧ୍ୟ ଘର ଲିପା ପୋଛା କରି ନୂଆଁଖାଇକୁ ସ୍ୱାଗତ କରିବାକୁ ଅନେଇ ବସନ୍ତି । ଘର ଲିପାପୋଛା କରି ନୂଆ ରଂଗ ଲଗାଇ ନୂଆଁଖାଇକୁ ସ୍ୱାଗତ କରନ୍ତି । ପୁଣି କିଏ ନୂଆଁଖାଇ ପାଇଁ ପତ୍ର ତୋଳିବାରେ ଲାଗି ଥିବାବେଳେ ଆଉ କିଏ ନୂଆଁ ଧାନ ସଂଗ୍ରହ କରିବାରେ ବ୍ୟସ୍ତ ରୁହନ୍ତି । ବିଶେଷ କରି ଗୃହିଣୀମାନେ ଘରକୁ ନୂଆ କରି ସଜାଡ଼ିବାରେ ଲାଗି ପଡ଼ନ୍ତି । ଏହି ଦିନ ପ୍ରତ୍ୟେକ ପରିବାରମାନେ ନିଜ ନିଜ ଘରେ ଅକାଣ୍ଡିଆ ଚାଉଳର କ୍ଷୀରି ରାନ୍ଧିବା ସହ ଯୁଗ୍ମ ପରିବାରରେ ତଥା ସମଗ୍ର ଗ୍ରାମରେ ସାମୁହିକ ଭାବେ ମଧ୍ୟ ରାନ୍ଧିଥାନ୍ତି । ଏହି କ୍ଷୀରକୁ 'ନବାନ୍ନ' ବା 'ନବାର୍ଣ୍ଣ' କୁହାଯାଏ । ଗ୍ରାମର ଦେହୁରୀ ସେହି ନବାନ୍ନକୁ ପ୍ରଥମେ ପୂର୍ବଜମାନଙ୍କୁ ଅର୍ପଣ କରି ପାରେ ଭୋଗ ରୂପେ ସମସ୍ତଙ୍କୁ ବାଣ୍ଟିଥାନ୍ତି । ନୂଆଖାଇ ପାଳନ ପରଦିନ 'ନୂଆଖାଇ ବାସି' ପାଳନ ହୁଏ । ସେଦିନ ବଳକା ନୂଆନ୍ନ, କ୍ଷୀରି-ପିଠା ଖିଆହେବା ସହ ମାଂସ ରନ୍ଧାଯାଇଥାଏ । ବାସି ପରଦିନ 'ତିଆସି' ପାଳନ ହୁଏ । ସେଦିନ ମଧ୍ୟ ଗ୍ରାମବାସୀମାନେ ମାଂସ ସମେତ ବିଭିନ୍ନ ଖାଦ୍ୟ ଓ ମଦ ଖିଆପିଆ କରନ୍ତି । ପରେ ପାରମ୍ପାରିକ ଖେଳ ଯଥା ଡୁଡୁ, ଖୋଖୋ, ବାଡ଼ି-ଝିଚା, କୁସ୍ତି ଖେଳି ସମୟ ଅତିବାହିତ କରିଥାନ୍ତି ।

ନୂଆଁଖାଇ ଗଣପର୍ବର ବିଶେଷତ୍ୱ ହେଉଛି ବର୍ଷ ପ୍ରାରମ୍ଭରେ ଉତ୍ପାଦିତ ଶସ୍ୟର ଅନ୍ନ କୁ ବିଶେଷ କରି ବର୍ଷର ଅମଳ ପ୍ରାରମ୍ଭରୁ ଉତ୍ପାଦିତ ହେଉଥିବା ଧାନରୁ ଯେଉଁ ଅନ୍ନ ବାହାରେ ସେହି ଅନ୍ନକୁ ନିଜ ଇଷ୍ଟ ଦେବାଦେବୀଙ୍କ ଅର୍ପଣକରି ସେହି ପ୍ରସାଦ ନିଜେ ଗ୍ରହଣ କରିବା ସଙ୍ଗେସଙ୍ଗେ ଅନ୍ୟ ମାନଙ୍କୁ ପଂକ୍ତି ଭୋଜନରେ ଆପ୍ୟାୟିତ କରିବାର ଆନନ୍ଦ ଉଲ୍ଲାସର ଧାରା । ଧାନ ବିଲରେ କାମ କରିବାକୁ ଯାଉଥିବା ଚାଷୀଗଣ ଧାନ ଅମଳର ଖୁସିରେ ଚାଷୀମାନେ ଏହାକୁ ପାଳନ କରିଥାନ୍ତି । ବର୍ଷା ଶେଷ ହେବାପରେ ଶରତ ଋତୁ ଧରା ପୃଷ୍ଠରେ ଅବତରଣ କରେ । ସେହି ସମୟରେ ଚାଷୀ ଜମିରେ ବେଉଷଣ କାର୍ଯ୍ୟ ଆରମ୍ଭ କରିଥାଏ । ପରେ ସହଳ ଅମଳକ୍ଷମ ଧାନ ଗର୍ଭଧାରଣ କରି କେଣ୍ଡା ପକେଇବାର କାର୍ଯ୍ୟ କରିଥାଏ । ଚାଷୀଭାଇ ପ୍ରଥମକରି ମହାନନ୍ଦରେ ଅମଳକ୍ଷମ ଧାନକୁ ଇଷ୍ଟ ଦେବୀଙ୍କ ଠାରେ ସମର୍ପଣ କରିବା ହିଁ ନବାନ୍ନ ଭକ୍ଷଣ । ଏହାକୁ ପଶ୍ଚିମ ଓଡ଼ିଶାର ଆଞ୍ଚଳିକ ଭାଷାରେ ନୂଆଁଖାଇ କୁହନ୍ତି । ନୂଆଖାଇ ପାଳନ ନିମନ୍ତେ ସେମାନେ ଆଗରୁ 'ଲଗ୍ନ' ବା 'ତିଥି' ନିର୍ଣ୍ଣୟ କରି ପୂଜା ଆଦି ସହ ଆରିସା ପିଠା ଭୋଗ କରିଥାନ୍ତି ।

ଠିକ୍ ସେହିପରି ଜଣାଯାଏ ଶ୍ରାବଣ ମାସରେ ମାଣ୍ଡିଆ ନୂଆଖିଆ ଓ ଗୁର୍ଜୀ ନୂଆଖିଆ, ଦଶହରା ଶୁକ୍ଲ ଦଶମୀ ଦିନ ବାଲିଗଜା ସମୟରେ ମକା ମଞ୍ଜିର ଗଜାକରି ପୂଜା କରିବା ପରେ ମକା ଖାଇବା ପରମ୍ପରା ଥିଲା । ଦଶହରା ଅଷ୍ଟମୀ ଦିନ ପୁଅ ଜିଉନ୍ତିଆ ଓଷା କରିସାରିବା ପରେ କମଳା ଜାତୀୟ ଫଳ ପୂଜା କରେ । ପରେ ସେହି ଫଳସବୁ ଖାଇବା ପଶ୍ଚିମ ଓଡିଶାର ଏକ ମୁଖ୍ୟ ପ୍ରଥା ଅଟେ । ମାର୍ଗଶୀର ମାସର କୃଷ୍ଣପକ୍ଷ ଅଷ୍ଟମୀ ଦିନ ଶିମ୍ବ, କଖାରୁ, ବିରି, ଝୁଡଙ୍ଗ, ମୂଳା ଇତ୍ୟାଦିକୁ ପ୍ରଥମେ ଦେବତାଙ୍କୁ ଅର୍ପଣ କରିସାରିବା ପରେ ଖିଆଯାଇଥାଏ । ଫାଲଗୁନ ପୂର୍ଣ୍ଣିମା ଦିନ ଆମ୍ବକୁ ଦେବତାଙ୍କ ପାଖରେ ପୂଜା କରି ସେହିଦିନ ଠାରୁ ଖିଆଯାଏ । ଏତେସବୁ ଘଟଣା ପରେ ମଧ୍ୟ ମୁଖ୍ୟତଃ ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ହୋଇଥିବାରୁ ଧାନଚାଷକୁ ପ୍ରାଧାନ୍ୟ ଦିଆଯାଇଛି । ପରମ୍ପରା ଅନୁଯାୟୀ ସେହି ଅଂଚଳବାସୀ ଭାଦ୍ରବ ଶୁକ୍ଲ ପକ୍ଷ ପଞ୍ଚମୀ ତିଥିରେ ନୂଆଖାଇ ପର୍ବ ମହା ଧୂମଧାମରେ ପାଳନକରି ଆସୁଛନ୍ତି । ତେଣୁ ଏହା ହିଁ ପଶ୍ଚିମ ଓଡିଶାର ମୁଖ୍ୟପର୍ବ ବା ଗଣପର୍ବ କହିଲେ କୌଣସି ପ୍ରକାର ଅତ୍ୟୁକ୍ତି ହେବନାହିଁ ।

ପଶ୍ଚିମାଞ୍ଚଳରେ ଗ୍ରାମ ବା ସହରର ପଡ଼ା ଅଞ୍ଚଳରେ ନୂଆଖାଇ ଦିନ ପରମ୍ପରା ଅନୁସାରେ ନବାନ୍ନ ଦେଇ ପୂଜା ବିଧି ସମାପ୍ତ ହେବା ପରେ ପରିବାରର ମୁଖ୍ୟଙ୍କ ହାତରୁ ସମସ୍ତେ ନବାନ୍ନ ଭୋଗ ଗ୍ରହଣ କରନ୍ତି । ତାହା ଖାଇ ସାରି ପରିବାରର ସମସ୍ତ ବ୍ୟକ୍ତି ନିଜର ବୟସ୍କମାନଙ୍କୁ ଭୂମିଷ୍ଠ ପ୍ରଣାମ ସହ ଆଶୀର୍ବାଦ ଗ୍ରହଣ କରନ୍ତି । ପରେ ପିଠା ପଣା ସହ ନବାନ୍ନ ଭୋଜି ଖାଇ ସାରି ଗ୍ରାମ ବା ପଡ଼ୋଶୀରେ ଥିବା ସମସ୍ତ ବୟୋଜ୍ୟେଷ୍ଠ ମାନଙ୍କୁ ଭେଟି ପ୍ରଣାମ କରି ଆଶୀର୍ବାଦ ନେଇଥାନ୍ତି । ଏହି ସମୟରେ ଗ୍ରାମ ବା ପଡ଼ାର ଲୋକମାନେ ପରସ୍ପର ଭିତରେ ଥିବା ଭେଦ ଭାବ ଭୁଲି ଯାଆନ୍ତି । ପରିବାରମଧ୍ୟରେ ଥିବା ମତଭେଦ ମଧ୍ୟ ଏହି ସମୟରେ ସମାଧାନ ହୋଇଥାଏ । ସମସ୍ତେ ପୁଣି ଏକଜୁଟ ହୋଇ ରହନ୍ତି । ଏହା ନୂଆଖାଇ ପର୍ବର ଏକ ବିଶେଷତ୍ୱ । ପାରିବାରିକ ସଂହତି ରକ୍ଷା, ସାମାଜିକ କ୍ଷେତ୍ରରେ ଏକତ୍ରିତ ହୋଇ ଗୋଟିଏ ସୂତ୍ରରେ ବାନ୍ଧି ହୋଇ ରହିବବାର ଏହା ଏକ ମାଧ୍ୟମ ।




କହିବାକୁ ଗଲେ ପୁରା କାଳରୁ ନବାନ୍ନ ସମୟରେ ପରିବାରର ସମସ୍ତେ ଏକାଠି ନବାନ୍ନ ଗ୍ରହଣ କରିବାର ପରମ୍ପରା ଥିଲା । ତେଣୁ ନବାନ୍ନ ଆଗରୁ ଯିଏ ଯେଉଁଠି ଦୂର ବିଦେଶରେ ରହୁଥିଲେ ମଧ୍ୟ ନବାନ୍ନ ସମୟ ଆଗରୁ ନିଜ ପୈତୃକ ଗୃହକୁ ଫେରି ଆସୁଥିଲେ । ଯଦିଓ ଆଗ କାଳରେ ପୁଅ ଝିଅମାନେ ପ୍ରାୟତଃ ବେଶୀ ଦୂରରେ ରହୁନଥିବାରୁ ଏହା ସମ୍ଭବ ହୋଇ ପାରୁଥିଲା । କିନ୍ତୁ ଆଜିର ଯୁଗ ପରିବର୍ତ୍ତନ ସହ ଅନେକ ଘରେ ପୁଅ, ବୋହୂ , ଝିଅମାନେ ବହୁ ଦୂର ଦୂରାନ୍ତରେ ନିଜର ଜୀବିକା ସ୍ଥଳୀରେ ରହିଥାନ୍ତି । ତେଣୁ ଅନେକ କ୍ଷେତ୍ରରେ ନବାନ୍ନ ସମୟରେ ସେମାନେ ଏବେ ଗୃହକୁ ଫେରି ଆସିବା ସମ୍ଭବ ହେଇ ନାହିଁ । ଏହି ଦୃଷ୍ଟିରୁ ଏକ ପରମ୍ପରା ଅନୁସାରେ ସେହି କ୍ଷେତ୍ରରେ କେତେକ ପରିବାର ଦଶହରାର ଅଷ୍ଟମୀ ତିଥିରେ ନବାନ୍ନ ଯଥାରିତ ପାଳନ କରୁଥିବା ଦେଖାଯାଏ । ଏପରିକି ଯେଉଁମାନେ ନିଜ ଭିଟାମାଟିକୁ ଆସି ନ ପାରନ୍ତି, ସେମାନେ ନିଜେ ରହୁଥିବା ଜାଗାରେ ନୂଆଖାଇ ପାଳନ କରିଥାନ୍ତି ।

ଜଣାପଡିଛି ଆଗକାଳରେ ରାଜାମାନେ ନିଜ ରାଜ୍ୟର ଇଷ୍ଟଦେବୀଙ୍କ ନାମ ଅନୁସାରେ ନୂଆଖାଇବାର ଲଗ୍ନ ଧାର୍ଯ୍ୟ କରି ଭିନ୍ନ ଭିନ୍ନ ଦିନ ନୂଆ ଖାଉଥିଲେ । ରାଜାରାଜୁଡ଼ା ଶାସନ ପରେ ମଧ୍ୟ ରାଜାଙ୍କ ଇଷ୍ଟଦେବୀଙ୍କ ନାମ ଅନୁସାରେ ପଣ୍ଡିତମାନେ ନବାନ୍ନ ଭକ୍ଷଣ ତିଥି ବାହାର କରୁଥିଲେ । ସେହି ଦୃଷ୍ଟିରୁ ୧୯୯୧ ମସିହା ପର୍ଯ୍ୟନ୍ତ ନୂଆଖାଇ ପର୍ବ ପ୍ରତ୍ୟେକ ବର୍ଷ ଗୋଟିଏ ନିର୍ଦ୍ଦିଷ୍ଟ ତିଥିରେ ପାଳିତ ନ ହୋଇ ଭାଦ୍ରବ ଶୁକ୍ଳପକ୍ଷର ଯେକୌଣସି ଏକ ତିଥିରେ ପାଳିତ ହେଉଥିଲା । ପ୍ରଥମ କରି ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ସାରା ଓଡ଼ିଶାରେ ଗୋଟିଏ ଦିନରେ ନୂଆଖାଇ ପର୍ବ ପାଳନ କରାଯିବା ପାଇଁ ଘୋଷଣା କରି ସାରା ଓଡ଼ିଶା ସରକାରୀ ଛୁଟି କରିବା ପାଇଁ ମଧ୍ୟ ଘୋଷଣା କରିଥିଲେ । ଏହି ପଦକ୍ଷେପକୁ ପଶ୍ଚିମ ଓଡ଼ିଶାର ସବୁ ମହଲରେ ଚିନ୍ତାକରାଯାଇ ସର୍ବସମ୍ମତ କ୍ରମେ ଗଣେଶ ପୂଜାର ପରଦିନ ଅର୍ଥାତ୍ ଋଷି ପଞ୍ଚମୀ ଦିନଟି ସ୍ଥିର କରାଯାଇଛି । ସେହି ବର୍ଷଠାରୁ ପ୍ରତ୍ୟେକ ବର୍ଷ ପଶ୍ଚିମାଞ୍ଚଳରେ ଗୋଟିଏ ଦିନରେ ନୂଆଖାଇ ପର୍ବ ତିଥି ଅନୁସାରେ ପାଳିତ ହୋଇ ଆସୁଛି ।

ଅବଶ୍ୟ କଳାହାଣ୍ଡି ଜିଲ୍ଲାର କିଛି ଅଞ୍ଚଳରେ ଏହା ଭାଦ୍ରବ ଶୁକ୍ଲ ଦଶମୀ ତିଥିରେ ପାଳନ କରାଯାଇଥାଏ । ପୂର୍ବାଞ୍ଚଳରେ ଏହା ଆଶ୍ୱିନ ମାସର ମହାଳୟା ତିଥି ଭିତରେ ସମ୍ପନ୍ନ ହେବାର ବିଧାନ ରହିଅଛି । ଓଡ଼ିଶାର ସାଂସ୍କୃତିକ ପରମ୍ପରାରେ ଅପରପକ୍ଷ ମହାଳୟା ପରଠାରୁ ପିତୃ ପୁରୁଷ ପିଣ୍ଡଦାନ ଶ୍ରାଦ୍ଧରେ ଏହି ନବାନ୍ନ ଦେବାର ବ୍ୟବସ୍ଥା ଅଛି । ପଶ୍ଚିମ ଓଡ଼ିଶାର ବିଭିନ୍ନ ପ୍ରାନ୍ତର ପ୍ରସିଦ୍ଧ ପୂଜ୍ୟ ଦେବତା ଯଥା ସମ୍ବଲପୁରର ସମଲେଶ୍ୱରୀ, ବଲାଙ୍ଗିରର ପାଟଣେଶ୍ୱରୀ, ସୋନପୁରର ସୋନେଶ୍ୱରୀ, କଳାହାଣ୍ଡିର ମାଣିକେଶ୍ୱରୀ ଆଦିଙ୍କ ପୀଠରେ ନୂଆଖାଇ ଅବସରରେ ନୂଆ ଧାନକୁ କ୍ଷୀର ସହ ମିଶାଇ ପୂଜା କରାଯାଏ । ଘରର ବହୋଜ୍ୟେଷ୍ଠ ବ୍ୟକ୍ତି ବା ମହିଳା ଏହି ପ୍ରଥମ ଧାନରେ ତିଆରି ଭୋଗକୁ ପରିବାରର ସମସ୍ତଙ୍କୁ ବାଣ୍ଟିଥାନ୍ତି । ଏହି ଦିନଟିର ଅମୃତବେଳା ବା ଶୁଭବେଳା ଜ୍ୟୋତିଷମାନଙ୍କ ଦ୍ୱାରା ନିର୍ଣ୍ଣୟ କରାଯାଇ ସେହି ମୁହୂର୍ତ୍ତରେ ନୂଆଭାବରେ ଅମଳ କରାଯାଇଥିବା ଷାଠିଆଧାନରୁ ପ୍ରସ୍ତୁତ ଅନ୍ନକୁ ରାନ୍ଧି ଭକ୍ଷଣ କରିଥାନ୍ତି । ନୂଆଧାନରୁ ପ୍ରସ୍ତୁତ ଚୁଡ଼ା, ଭାତ, କ୍ଷୀରି, ଆରିସା ଓ ମଣ୍ଡାପିଠା ନିଜ ନିଜ ଘରେ ପ୍ରସ୍ତୁତ କରି ନିଜ ନିଜର ଇଷ୍ଟଦେବୀ, ଗ୍ରାମଦେବୀ (ମାଉଳୀ), ଦେବତା, ଆରାଧ୍ୟଙ୍କ ପାଖରେ ପ୍ରଥମେ ଅର୍ପଣ କରି ସମସ୍ତେ ଏକାଠି ବସି ଖାଇଥାନ୍ତି । ଖାଇସାରିବା ପରେ ପାରସ୍ପରିକ ଭେଟଘାଟ ପର୍ବ ଆରମ୍ଭ ହୋଇଥାଏ।

ସେହିପରି ଇତିହାସରୁ ଜଣାପଡ଼େ ୧୮୫୩ ମସିହା ବେଳକୁ କଳାହାଣ୍ଡିର ମହାରାଜା ଉଦିତ ପ୍ରତାପ ଦେଓଙ୍କ ଶାସନ କାଳରେ ସମ୍ବଲପୁରର କୁଲତା ସଂପ୍ରଦାୟର ଲୋକମାନଙ୍କୁ ନିମନ୍ତ୍ରଣ କରି କଳାହାଣ୍ଡିରେ ଚାଷର ବିକାଶ କରିଥିଲେ । ତେଣୁ କଳାହାଣ୍ଡିର ଗଣପର୍ବ ଯେମିତି ନୂଆଖାଇ ଠିକ ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମରେ ଗଣବାଦ୍ୟ ରୂପେ ଘୁମୁରା ବେଶ ପ୍ରଚଳିତ । ନୂଆଖାଇ ଆସିବା ପୂର୍ବରୁ ପୋଏଲ ଉଆଁସ ଅର୍ଥାତ ଶ୍ରାବଣ ଅମାବାସ୍ୟା ଦିନ ଘୁମୁରା ବାଦ୍ୟ ସବୁକୁ ପୂଜାକରି ଏହି ଗଣବାଦ୍ୟ ଘୁମୁରା ବାଦ୍ୟର ଅଭ୍ୟାସ ଆରମ୍ଭ କରାଯାଉଥିବାର ମଧ୍ୟ ପରଂପରା ରହିଛି । ନୂଆଖାଇ ଦିନ ତାର ଆତ୍ମପ୍ରକାଶ ଘଟି ସମସ୍ତଙ୍କ ଘରକୁ ଘର ବୁଲି ଘୁମୁରାନୃତ୍ୟ ବାଦ୍ୟ ପରିବେଷଣ କରିବାର ପରଂପରା ଆଜି ମଧ୍ୟ ପ୍ରଚଳିତ । ଏପରିକି ବରଗଡ଼ ଜିଲ୍ଲାର ସୋହେଲା ବ୍ଲକର ସମଲେଇଟିକ୍ରା ଗ୍ରାମର ଗ୍ରାମବାସୀମାନେ ଏକ ନିଆରା ଢଙ୍ଗରେ ନୂଆଖାଇ ପାଳନ କରନ୍ତି । ସେଠାରେ ପାରମ୍ପରିକ ପୂଜା ସହ ଗାଁକୁ ଆମ୍ବ ତୋରଣରେ ସଜାଯାଏ । ସାରା ଗାଁ ଲୋକେ ଭାଇଚାରାର ନୀତିରେ ଗ୍ରାମ ମଝିରେ ଥିବା ମନ୍ଦିର ପଡ଼ିଆରେ ଏକାଠି ମିଶି ନୂଆ ଖାଇଥାନ୍ତି ।

ସତରେ ପଶ୍ଚିମ ସହିତ କେଉଁ ଆବହମାନ କାଳରୁ ଏହି ନୂଆଁଖାଇ ପର୍ବ ଓଡିଶାର ଅବିଭକ୍ତ କଳାହାଣ୍ଡି, ବଲାଙ୍ଗୀର, ସମ୍ବଲପୁର, ସୁନ୍ଦରଗଡ ଓ ବଉଦ ଜିଲ୍ଲା ସମେତ କୋରାପୁଟର କେତେକ ଅଂଚଳ ଓ ଛତିଶଗଡ ରାଜ୍ୟର ଦେଓଭୋଗ ସମେତ କେତେକ ଅଂଚଳରେ ନୂଆଖାଇ ପର୍ବ ଖୁବ ଧୂମଧାମରେ ପାଳିତ ହୋଇଆସୁଛି । ଏହା କେବଳ ସମଗ୍ର ଓଡ଼ିଶାରେ ବିଶେଷ କରି ଓଡ଼ିଶାର ପଶ୍ଚିମାଞ୍ଚଳ ଏବେ ଲୋକ ପର୍ବ ହୋଇ ରହିନାହିଁ । ଏବେ ଦେଶର ବିଭିନ୍ନ ଅଞ୍ଚଳରେ ତଥା ବିଦେଶରେ ରହୁଥିବା ପଶ୍ଚିମ ଓଡ଼ିଶାର ଲୋକ ନବାନ୍ନ ଦିନ ଘରେ ଅନୁଉପସ୍ଥିତ ହେଲେ ନିଜେ ରହୁଥିବା ଜାଗାରେ ନୂଆଖାଇ ପାଳନ କରୁଛନ୍ତି । ବିଶେଷକରି ଗୁଜରାଟର ସୁରତ, ଛତିଶଗଡ଼ର ରାୟପୁର, ବିଶାଖାପାଟଣା, ଚେନ୍ନାଇ, ମୁମ୍ବାଇ ଓ ଦିଲ୍ଲୀ ଆଦି ସହରରେ ଏହା ପାଳନ କରାଯାଉଛି।

ବାସ୍ତବରେ ମାଟି ଓ ମଣିଷର ଯେଉଁ ଅତୁଟ ସଂପର୍କ ରହିଛି ସେହି ସଂପର୍କରୁ ଉଦବୁଦ୍ଧ ଏହି କୃଷି ଭିର୍ତ୍ତିକପର୍ବ ସମାଜରେ ଐକ୍ୟବଦ୍ଧତା, ଭାତୃଭାବ ପ୍ରତିଷ୍ଠା କରିବା ଗଣପର୍ବ ନୂଆଖାଇ ପାଳନର ମୁଖ୍ୟ ଉଦେଶ୍ୟ । ନୂଆଖାଇ ଜୁହାର ଅବସରରେ - ହଳଧର ନାଗଙ୍କ କବିତାରୁ ନୂଆଖାଇ ଉପରେ ଏକ ଛୋଟ ପଂକ୍ତି ମନେପଡେ -

'ଜିଇଁଛୁ ବେଲକେ
ଆସି ଭାଏ ବନ୍ଧୁ
ହେମା ନୂଆଖାଇ ଭେଟ୍
ସଂସାର ଡୋର୍
ଥି ବନ୍ଧା ହୋଇଥିମା
ଗାଁ ଯାକର ହେଇ ମେଟ୍ !'
ସଭିଙ୍କୁ ମୋର
ନୂଆଁଖାଇ ଜୁହାର...


ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪
ମୋ:୯୦୪୦୧୫୧୪୭୫


# କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ


ଅଭୟ କୁମାର ଦାସ


ନୂଆଁଖାଇ ଏକ କୃଷିଭିତ୍ତିକ ପର୍ବ। ପଶ୍ଚିମ ଓଡ଼ିଶାରେ ଏହା ଧୁମ୍ଧାମରେ ପାଳିତ ହେଉଥିଲେ ମଧ୍ୟ ଦେଶ ବିଦେଶରେ ପାଳିତ ହେଉଥିବାର ନଜିର୍ ରହିଛି। ଏହି ଗଣପର୍ବଟି ନୂଆଖାଇ ବା ନୂଆଁଖାଇ ଭାବେ ପରିଚିତ। ଗୀତା ମତରେ ଦେବତାଙ୍କୁ ନୂଆଶସ୍ୟ ସମର୍ପଣ କଲେ, ଜୀବନ ଅମୃତମୟ ହୁଏ। ତେଣୁ ବର୍ଷର ପ୍ରଥମ ଶସ୍ୟକୁ ଦେବତାଙ୍କୁ ଅର୍ପଣ କରାଯାଏ। କୃଷକ ତାର ଜମିରେ ଉତ୍ପନ୍ନ ନୂଆ ଧାନଶସ୍ୟକୁ ଚାଉଳରେ ପରିଣତ କରି ଏହି ପର୍ବରେ ଦେବତାଙ୍କୁ ସମର୍ପଣ କରିବା ପରେ ନୂଆ ଖାଇବା ଆରମ୍ଭ କରିଥାଏ। ଜମିରୁ ଉତ୍ପନ୍ନ ନୂଆଶସ୍ୟରୁ ବିଭିନ୍ନ ପ୍ରକାର ପିଠାପଣା ପ୍ରସ୍ତୁତ କରାଯାଇ ପ୍ରଥମେ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ବା ଗ୍ରାମ ଦେବତାଙ୍କ ନିକଟରେ ଭୋଗଲାଗି ହୁଏ। ପଶ୍ଚିମ ଓଡ଼ିଶାର ସମ୍ବଲପୁର, ସୋନପୁର, ନୂଆପଡ଼ା, ସୁନ୍ଦରଗଡ଼, ଝାରସୁଗୁଡ଼ା, କଳାହାଣ୍ଡି, ବୌଦ୍ଧ ପ୍ରଭୃତି ଅଞ୍ଚଳରେ ଏହି ପର୍ବ ଘରେ ଘରେ ମହାଆଡ଼ମ୍ବରରେ ପାଳିତ ହୁଏ।

ନୂଆଁଖାଇ ରୀତିନୀତି : ନୂଆଁଖାଇ ପର୍ବ ଅବସରରେ ସାଧାରଣତଃ ଲୋକମାନେ ନଅଟି ମୁଖ୍ୟବିଧି ପାଳନ କରିଥାନ୍ତି। ୧. ବେହେରଣ - ନୂଆଁଖାଇ ପାଳନର ତିଥି ନିର୍ଣ୍ଣୟ ପାଇଁ ବୈଠକ। ୨. ଲଗ୍ନ ଦେଖା - ଶସ୍ୟ ଅମଳ କରିବାର ପ୍ରଥମ ଦିନ ଧାର୍ଯ୍ୟ। ୩. ଡକାହକା - ନିଜ ବନ୍ଧୁବାନ୍ଧବଙ୍କୁ ନିମନ୍ତ୍ରଣ କରିବା। ୪. ସଫାସୁତରା - ଘର ଦୁଆରକୁ ଲିପାପୋଛା କରି ନୂଆ କରି ସଜାଇବା। ୫. ଘିନା ବିକା - ଏହି ଦିନ ନୂତନ ଦ୍ରବ୍ୟ ଓ ପୋଷାକପତ୍ର କିଣାବିକା କରିବା। ୬. ନୂଆଁ ଧାନ ଖୁଜା - ଏହି ଦିନ ଘରକୁ ନୂଆ ଧାନ ଆଣିବା। ୭. ବାଲିପକା - ଦେବୀଙ୍କ ନିକଟରେ ନୂଆ ଧାନଶସ୍ୟକୁ ଭୋଗଲାଗି କରିବା। ୮. ନୂଆଁଖାଇ - ସମସ୍ତ ପରିବାରବର୍ଗ ଭୋଗଲାଗି ହୋଇଥିବା ପ୍ରସାଦ ଖାଇବାର ବିଧି। ୯. ଜୁହାର ଭେଟ - ଏହି ଦିନ ଘରେ ଓ ଗାଁରେ ଗୁରୁଜନମାନଙ୍କୁ କନିଷ୍ଠମାନେ ଭକ୍ତି ପ୍ରଦର୍ଶନ କରିବାର ବିଧି।

ନୂଆଁଖାଇ ଓ ପଶ୍ଚିମ ଓଡ଼ିଶାର ଦେବୀ : ନୂଆଁଖାଇ ପର୍ବଟି ପଶ୍ଚିମ ଓଡ଼ିଶାର ବିଭିନ୍ନ ମନ୍ଦିରମାନଙ୍କରେ ପୂଜା ପାଉଥିବା ଦେବା ଦେବୀ ମନ୍ଦିର ମାନଙ୍କରେ ଗୋଟିଏ ତିଥି ଓ ଗୋଟିଏ ସମୟରେ ପୂଜକମାନଙ୍କ ଦ୍ୱାରା ସ୍ଥିର କରାଯାଇଥାଏ। ସମ୍ବଲପୁରରେ ଥିବା ଜଗନ୍ନାଥ ମନ୍ଦିରରେ ଏହି ପର୍ବର ତିଥି ସ୍ଥିର ହୋଇଥାଏ। ବଲାଙ୍ଗୀରର ପାଟଣାଗଡ଼ ସ୍ଥିତ ପାଟଣେଶ୍ୱରୀ ମନ୍ଦିରରେ ଏହାର ଦିନ ଧାର୍ଯ୍ୟ କରାଯାଏ। ସୋନପୁରର ସୁରେଶ୍ୱରୀ ଓ କଳାହାଣ୍ଡିର ମାଣିକେଶ୍ୱରୀ ମନ୍ଦିରରେ ବିଧି ମୁତାବକ ପୂଜା ରୀତିନୀତି ଆରମ୍ଭ କରାଯାଏ। ସୁନ୍ଦରଗଡ଼ର ଶିଖରବାସିନୀ ମନ୍ଦିର ଓ ସମ୍ବଲପୁରର ସମଲେଶ୍ୱରୀ ମନ୍ଦିରରେ ଏହି ପର୍ବଟିକୁ ଭକ୍ତି ସହକାରେ ଭକ୍ତମାନେ ଯାକଯମକରେ ପାଳନ କରିଥାନ୍ତି। ଏହିପରି ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନ ଓ ମନ୍ଦିରମାନଙ୍କ ନିକଟରେ ନୂଆଁଖାଇ ଖୁବ୍ ଉତ୍ସାହର ସହିତ ପାଳିତ ହୋଇଥାଏ।

ଲୋକକଥାରେ ନୂଆଁଖାଇ : ଖ୍ରୀଷ୍ଟପୂର୍ବ ଦ୍ୱାଦଶ ଶତାବ୍ଦୀରେ ଚୌହାନ ବଂଶର ରମାଇ ଦେଓ ନାମରେ ଜଣେ ରାଜା ଥିଲେ। ସେ ପାଟନାର ରାଜାଥିଲେ। ପଶ୍ଚିମ ଓଡ଼ିଶାର କେତେକାଂଶ ବିଶେଷତଃ ବଲାଙ୍ଗୀର ଜିଲ୍ଲା ପାଟନା ରାଜାଙ୍କ ଅଧୀନରେ ଥିଲା। ସେତେବେଳେ ଏଠିକାର ଅଧିବାସୀମାନେ ଫଳମୂଳ ଓ ପଶୁପକ୍ଷୀ ଶିକାର କରି ଜୀବିକା ନିର୍ବାହ କରୁଥିଲେ। ଫଳରେ ଲୋକମାନଙ୍କର ଆର୍ଥିକ ଅବସ୍ଥା ସେତେ ସ୍ୱଚ୍ଛଳ ନଥିଲା। ଅର୍ଥନୈତିକ ଅଭିବୃଦ୍ଧି ତଥା ଜୀବିକା ନିର୍ବାହ କରିବା ପାଇଁ ରାଜା ରମାଇ ଦେଓ କୃଷିକାର୍ଯ୍ୟ ନିମନ୍ତେ ଲୋକମାନଙ୍କୁ ଉତ୍ସାହ ପ୍ରଦାନ କଲେ ଏବଂ ସମ୍ବଲପୁରକୁ ରାଜ୍ୟ ଭାବେ ଘୋଷଣା କଲେ। ଫଳରେ ଏଠାରେ କୃଷିଭିତ୍ତିକ ପରମ୍ପରା ଗଢ଼ିଉଠିଲା। ଏହି କୃଷିଭିତ୍ତିକ ପରମ୍ପରା ଅନୁଯାୟୀ ସେବେଠାରୁ ଏହି ନୂଆଁଖାଇ ପର୍ବ ପାଳନ ହୋଇ ଆସୁଛି ବୋଲି ବିଶ୍ୱାସ କରାଯାଏ।

ବୈଦିକ ମତରେ ନୂଆଁଖାଇ : ଗବେଷକମାନେ ମତ ଦିଅନ୍ତି ଯେ, ଏହି ନୂଆଁଖାଇ ପର୍ବଟି ବହୁ ପ୍ରାଚୀନ କାଳରୁ ପ୍ରଚଳିତ। ମୁନୀଋଷିମାନେ ପାଳନ କରୁଥିବା ପଞ୍ଚଯଜ୍ଞ ମଧ୍ୟରେ ଏହା ଅନ୍ୟତମ। ପୁରାତନ କାଳରୁ କୃଷିକର୍ମକୁ ପାଞ୍ଚ ଭାଗରେ ବିଭକ୍ତ କରାଯାଇଛି। ୧. ସୀତାଯଜ୍ଞ - ଜମିରେ ହଳ କର୍ମ କରିବା। ୨. ପ୍ରଭାପଣ ଯଜ୍ଞ - ବିହନ ପ୍ରସ୍ତୁତ କରିବା। ୩. ପ୍ରଲମ୍ବନ ଯଜ୍ଞ - ଶସ୍ୟ ଉତ୍ପାଦନ କରିବା। ୪. ଖଳା ଯଜ୍ଞ - ଶସ୍ୟ ଅମଳ କରିବା। ୫. ପ୍ରୟାନା ଯଜ୍ଞ - ଉତ୍ପନ୍ନ ଶସ୍ୟକୁ ସଂରକ୍ଷଣ କରି ରଖିବା। ଏହି ଯଜ୍ଞମାନଙ୍କ ମଧ୍ୟରୁ ପ୍ରଲମ୍ବନ ବା ଶସ୍ୟ ଉତ୍ପାଦନ କରିବା ସମୟକୁ ନୂଆଁଖାଇ ଭାବେ ପାଳନ କରାଯାଇଥାଏ।

ନୂଆଁଖାଇ ପ୍ରସ୍ତୁତି ଓ ପାଳନ : ନୂଆଁଖାଇ ପର୍ବର ୧୫ଦିନ ପୂର୍ବରୁ ଗାଁର ଗୁରୁଜନମାନେ ବୈଠକ ଡକାନ୍ତି। ଗ୍ରାମର ସମସ୍ତେ ଏକତ୍ରିତ ହୋଇ ଉକ୍ତ ବୈଠକରେ ଅଂଶ ଗ୍ରହଣ କରି ନୂଆଁଖାଇ ପାଳନ ପ୍ରସ୍ତୁତି ପାଇଁ ଆଲୋଚନା କରିଥାନ୍ତି। ଏହି ବୈଠକରେ ପୂଜକ ପାଞ୍ଜି ଦେଖି ନବାନ୍ନ ଖାଇବାର ତିଥି ଓ ଲଗ୍ନ ସ୍ଥିର କରିଥାନ୍ତି। ୧୯୯୦ ମସିହାରୁ ସମଗ୍ର ପଶ୍ଚିମ ଓଡ଼ିଶାରେ ଏହି ଲଗ୍ନ ଗୋଟିଏ ତିଥି ଓ ଗୋଟିଏ ସମୟରେ ପାଳିତ ହୋଇ ଆସୁଛି। ଏହା ମଧ୍ୟ ସରକାରୀ ସ୍ତରରେ ଛୁଟିଦିନ ଭାବେ ଘୋଷଣା କରାଯାଇଛି। ଗ୍ରାମରେ ଗ୍ରାମଦେବତାଙ୍କ ବ୍ୟତୀତ ଘରେ ପୂଜା ପାଉଥିବା ଲକ୍ଷ୍ମୀଙ୍କୁ ନବାନ୍ନ ଭୋଗ ଲାଗି କରାଯାଇଥାଏ। ନୂଆ ପୋଷାକ ପିନ୍ଧି ଘରର ସବୁ ସାନମାନେ ପରିବାର ମୁଖିଆ ଓ ଗୁରୁଜନମାନଙ୍କୁ ଭକ୍ତି ଓ ସମ୍ମାନ ଜଣାଇ ଆଶୀର୍ବାଦ ଭିକ୍ଷା କରିଥାନ୍ତି। ଏହାକୁ ନୂଆଁଖାଇ ଜୁହାର ବୋଲି କୁହାଯାଏ। ବନ୍ଧୁ-ବାନ୍ଧବ, ସାଙ୍ଗସାଥି ଏବଂ ସମ୍ପର୍କୀୟ ମାନଙ୍କ ସହିତ ମିଳିତ ହେବାକୁ ଭେଟଘାଟ କୁହାଯାଏ। ଏହି ଭେଟଘାଟ ପରସ୍ପରକୁ ସ୍ନେହ, ପ୍ରେମ ଓ ଏକତାରେ ବାନ୍ଧି ରଖେ ବୋଲି ବିଶ୍ୱାସ ରହିଛି। ମିଳନର ପର୍ବ ନୂଆଁଖାଇରେ ବହୁତ ପୁରୁଣା ବନ୍ଧୁଙ୍କ ସହିତ ଭେଟ ହୁଏ। ଆନନ୍ଦ ଉଲ୍ଲାସର ପର୍ବ ନୂଆଁଖାଇରେ ପାଦରେ ପାଦ ମିଶାଇ ସମ୍ବଲପୁରୀ ଗୀତ ଯଥା ରସରକେଲୀ, ଡାଲଖାଇ, ଚୁଟ୍‌ଚୁଟା ଏବଂ ବାଜନିଆ ସଙ୍ଗୀତରେ ତାଳେ ତାଳେ ନାଚି ପର୍ବଟିକୁ ଖୁବ୍ ଉଲ୍ଲାସର ସହିତ ପାଳନ କରିଥାନ୍ତି।




ଆଦିବାସୀ ସଂସ୍କୃତିରେ ନୂଆଁଖାଇ : ପଶ୍ଚିମ ଓଡ଼ିଶାରେ ବସବାସ କରୁଥିବା ଆଦିମ ଅଧିବାସୀମାନଙ୍କର ନୂଆଁଖାଇ ମୂଳ ପର୍ବ। ଜଙ୍ଗଲକୁ ପ୍ରାଣ ଠାରୁ ଅଧିକ ଭଲ ପାଉଥିବା ଆଦିବାସୀମାନେ ସଭ୍ୟତା ଉନ୍ମେଷର ବହୁ ବର୍ଷ ପୂର୍ବରୁ ଖାଦ୍ୟ ଅନ୍ୱେଷଣ କରୁଥିଲେ ଏବଂ ପ୍ରତିଟି ଖାଦ୍ୟକୁ ନିଜ ପାଟିକୁ ନେବା ପୂର୍ବରୁ ତାଙ୍କର ପ୍ରିୟ 'ଜୀ' ବା ଡୁମା (ପିତୃ-ପୁରୁଷଙ୍କ) ଉଦ୍ଦେଶ୍ୟରେ ଭୋଗ ଲଗାଉଥିଲେ। ସେମାନଙ୍କର ବିଶ୍ୱାସ ଯେ ଯେତିକି ଶସ୍ୟ ବା ଫଳକୁ ଖାଦ୍ୟ ଉପଯୋଗୀ ବୋଲି ଭାବି ଖାଉଛନ୍ତି ତାହା ତାଙ୍କର ପିତୃ ପୁରୁଷମାନେ ତାଙ୍କ ପାଇଁ ଛାଡ଼ି ଯାଇଛନ୍ତି। ସେମାନେ ବି ସେମାନଙ୍କର ପରପିଢ଼ି ପାଇଁ କିଛି ନୂଆ ଖାଦ୍ୟ ଅନୁସନ୍ଧାନ ଓ ଆବିଷ୍କାର କରି ଛାଡ଼ିଯାଆନ୍ତି। ଏହି ପ୍ରକ୍ରିୟାରେ ଅନେକ ନୂଆଖାଦ୍ୟ ଯଥା ଟୋଲ, ଚର, ମହୁଲ, କେନ୍ଦୁ, କୋଦୁଅ ମାଖନ୍ ଏବଂ ଧାନ ଆଦି ଖାଇବା ଯୋଗ୍ୟ ପଦାର୍ଥ ସେମାନେ ତାଙ୍କର ପରପିଢ଼ି ପାଇଁ ଜଣାଇ ଦେଇଯାଇଥିଲେ। ଏହିସବୁ ନୂଆଫଳକୁ ଖାଇବାର ଓ ଚାଖିବାର ପ୍ରକ୍ରିୟାକୁ ନୂଆଁଖାଇ କୁହାଯାଏ। ଯାହାକି ଆଦିବାସୀ ପରମ୍ପରା ଓ ସଂସ୍କୃତି ସହ କାହିଁ କେଉଁ କାଳରୁ ଜଡ଼ିତ। ତେଣୁ ଯେତେବେଳେ ଆଦିବାସୀମାନେ କୌଣସି ଫଳ ବା ଶସ୍ୟକୁ ଖାଇବା ପାଇଁ ଯାଆନ୍ତି ତା ପୂର୍ବରୁ ସେ ତାଙ୍କର ପ୍ରିୟ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଅର୍ପଣ କରିଥାନ୍ତି।

ଦେଶ ବିଦେଶରେ ନୂଆଁଖାଇ : ନୂଆଁଖାଇ ସମଗ୍ର ଓଡ଼ିଶାରେ ବିଶେଷ କରି ଓଡ଼ିଶାର ପଶ୍ଚିମାଞ୍ଚଳ ଜିଲ୍ଲାମାନଙ୍କରେ ଆଡ଼ମ୍ବର ସହକାରେ ପାଳନ ହେଉଥିଲେ ମଧ୍ୟ ଏହା ଭାରତରେ ଅନେକ ସ୍ଥାନରେ ପାଳନ କରାଯାଏ। ଓଡ଼ିଶାର ଲୋକ ନବାନ୍ନ ଦିନ ଘରେ ଉପସ୍ଥିତ ରହିବାକୁ ଚେଷ୍ଟା କରିଥାନ୍ତି। ଯେଉଁମାନେ ନିଜ ନିଜ ଭିଟାମାଟିକୁ ଆସି ପାରନ୍ତିନି ସେମାନେ ରହୁଥିବା ଜାଗା ମାନଙ୍କରେ ନୂଆଁଖାଇ ପାଳନ କରିଥାନ୍ତି। ବିଶେଷକରି ଗୁଜୁରାଟ, ରାୟପୁର, ବିଶାଖାପାଟଣା, ମୁମ୍ବାଇ, ଚେନ୍ନାଇ, ବାଙ୍ଗାଲୋର, ଦିଲ୍ଲୀ ଆଦି ସହରରେ ଏହି ଉତ୍ସବକୁ ଉତ୍ସାହର ସହିତ ପାଳନ କରାଯାଏ। ନୂଆଖାଇ ଓଡ଼ିଆ ସାମାଜିକ ଓ ଆଧ୍ୟାତ୍ମିକ ଚେତନାରେ ଏକ ସ୍ୱତନ୍ତ୍ର ସ୍ଥାନ ନେଇଛି ଏହା ପରିବାରରେ ଗୁରୁଜନଙ୍କ ପ୍ରତି ସମ୍ମାନବୋଧ ଓ ଭାଇଚାରାକୁ ଦୃଢ଼ୀଭୂତ କରିଥାଏ। ନୂଆଖାଇ ସମସ୍ତଙ୍କ ପାଇଁ ଆନନ୍ଦ ଉଲ୍ଲାସର ଅବସର ହେଉ ଏହା ହିଁ କାମନା।


+ଗୋତରା, ମାହାଙ୍ଗା, କଟକ,
ମୋ : ୯୪୩୭୧୪୨୭୧୭




## ନୂଆ ଜାମା ପିନ୍ଧି ଖାଇବା ନୂଆଁ


ଧ୍ରୁବ ଚରଣ ଘିବେଲା


ଆସିଯାଇଛି ନୂଆଖାଇ ପର୍ବ
ପର୍ବ ପାଳନରେ ଆମରି ଗର୍ବ
ଘରକୁ ଆସିବେ ପ୍ରବାସୀ ପୁଅ
ଗାଆଁକୁ ଫେରିବେ ଗାଆଁର ପୁଅ ।

ଗାଆଁ ଡାକିଲାଣି ଆସରେ ଆସ
ବୁଲି ରହଲଣି ଦେଶ ବିଦେଶ
ନୂଆଖାଇ ପାଇଁ ଗାଆଁରେ ଭେଟ
ନୂଆଁ ଧାନ ବାସ୍ନା କରେ ମୋହିତ ।

ଲଗ୍ନ ତିଥି ବାର ହେଲାଣି ସ୍ଥିର
କର ନାହିଁ ଆଉ ବେଶି ଉଛୁର
ଘର ସଜାସଜା ନାହିଁଟି ବାକି
ନିରିମଳ ଘର ଦିଶେ ଝଲସି ।

ଗାଆଁ ପରିବେଶ ଦିଶଇ ତୋରା
ଶାଗୁଆ ଧାନରେ ହସଇ ଧରା
ସାନ ଧାନ ଧିରେ ପାଚି ଆସୁଛି
ନୂଆ ଧାନ ଅନ୍ନ ନବାନ୍ନ ଲାଗି ।

ଗାଆଁ ପୀଠ ଇଷ୍ଟ ଦେବୀଙ୍କଠାରେ
ପ୍ରସ୍ତୁତ ନବାନ୍ନ ଲାଗି ହୁଏରେ
ତା' ପରେ ଲାଗେ ସବୁରି ଘରେ
ନୂଆ ଖାଇ ଖୁସି ଜାଗେ ମନରେ ।

ନୂଆ ଜାମା ପିନ୍ଧି ଖାଇବା ନୂଆଁ
ନବାନ୍ନ ସଅଁପି ଆଗ ମାଟି ମାଆ
କୃତଜ୍ଞତା ପର୍ବ ଏ ନୂଆଖାଇ
ଗଣପର୍ବ ମାନ୍ୟତା ପାଇଛି ସେଇ ।


+ବଉଦରାଜ, ଜି. ବୌଦ୍ଧ
ମୋ.୯୪୩୭୪୭୮୪୬୬

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ପ୍ରତାରିତ ଭବିଷ୍ୟତ ଓ ଫଳାଫଳ..

ଚଳିତ ବର୍ଷର ସେପ୍ଟେମ୍ବର ୧୭ ତାରିଖ, ଯାହା ମାତ୍ର ଦୁଇ ଦିନ ପୂର୍ବେ ଅତୀତ ହୋଇ ଯାଇଛି, ତାହା ଭାରତର ଦୁଇ ପ୍ରମୁଖ ରାଜନୀତିକ ଦଳ କଂଗ୍ରେସ ଓ ବିଜେପି ସହିତ ନବଗଠିତ ବିଆରଏସ୍ ଏବଂ ଏଆଇଏମଆଇଏମ୍ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିଲା । କାରଣ, ସେଦିନ ତେଲେଙ୍ଗାନା ରାଜ୍ୟରେ ଏମାନେ ନିଜ ନିଜର ବାହାଦୂରୀ ବଖାଣି ଥିଲେ ଏହି ରାଜ୍ୟ ଭାରତରେ ମିଶିବା ପ୍ରସଙ୍ଗ ଉପରେ । ସୂଚନାଯୋଗ୍ୟ ଯେ ତେଲେଙ୍ଗାନା ରାଜ୍ୟ ମିଶ୍ରଣ ପାଇଁ ୨୦୨୩ର ଏହି ଦିନରେ ପୂର୍ଣ୍ଣ ହୋଇଛି ଭାରତୀୟ ପୁଲିସ ବଳଙ୍କ 'ଅପରେସନ ପୋଲୋ'ର ୭୫ ବର୍ଷ । ପୁଲିସ ବାହିନୀ ଏହି ଅପରେସନ କରିଥିଲା ନିଜାମଙ୍କ ଦ୍ୱାରା ଶାସିତ ହାଇଦ୍ରାବାଦକୁ ତାଙ୍କ କବଳରୁ ମୁକ୍ତ କରି ସ୍ୱାଧୀନ ଭାରତର ଏକ ଅଂଶ ଭାବରେ ସୁନିଶ୍ଚିତ କରାଇବାକୁ। ଆଉ ଚଳିତ ବର୍ଷ ଏହି ତାରିଖ ଏବଂ ଏହାର ନିହିତାର୍ଥ ତେଲେଙ୍ଗାନାର ରାଜନୀତିକ ବିଭାଜନକୁ ଗଭୀରତର କରାଇଛି । ଏକଦା ହାଇଦ୍ରାବାଦ ରାଜ୍ୟର ସାଧାରଣ ନାଗରିକମାନେ- ଯାହାର ଅଂଶଗୁଡ଼ିକ ବର୍ତ୍ତମାନ ତିନିଗୋଟି ରାଜ୍ୟରେ ବିଭକ୍ତ ହୋଇ ସାରିଛି- ତେଲେଙ୍ଗାନା ଏବଂ ପଡ଼ୋଶୀ ରାଜ୍ୟ କର୍ଣ୍ଣାଟକ ଓ ମହାରାଷ୍ଟ୍ର- ଅକଥନୀୟ ଅମର୍ଯ୍ୟାଦା ଭୋଗ କରିଥିଲେ । ସେମାନଙ୍କୁ ସ୍ୱାଧୀନତା ପ୍ରଦାନ କରାଯାଇ ନଥିଲା, ରଜାକରମାନଙ୍କ ଦ୍ୱାରା ଅକଥନୀୟ ନିର୍ଯାତନା ଦିଆ ଯାଉଥିଲା। ଏହି ରଜାକରମାନେ ଥିଲେ ଏକ ସଂଗଠିତ ଆତଙ୍କବାଦୀ ଗୋଷ୍ଠୀ, ଯେଉଁମାନଙ୍କୁ ନିଜାମ୍ ପୃଷ୍ଠପୋଷକତା ପ୍ରଦାନ କରୁଥିଲେ। ବର୍ତ୍ତମାନର ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ ଚନ୍ଦ୍ରଶେଖର ରାଓ ବା କେସିଆର୍ ଯେତେବେଳେ ଆନ୍ଧ୍ରପ୍ରଦେଶରୁ ଅଲଗା କରି ଏହାକୁ ଏକ ପୃଥକ୍ ରାଜ୍ୟ କରିବାକୁ ଆନ୍ଦୋଳନ ଚଳାଇ ଥିଲେ, ସେ ସମୟରେ ସେ ଲୋକମାନଙ୍କୁ ତଥା ବିଜେପିକୁ ପ୍ରତିଶ୍ରୁତି ଦେଇଥିଲେ ଯେ ତେଲେଙ୍ଗାନା ଏକ ସ୍ୱତନ୍ତ୍ର ରାଜ୍ୟ ହେବା ପରେ ସେପ୍ଟେମ୍ବର ୧୭ ତାରିଖ ଏକ ରାଜ୍ୟ-ପ୍ରାୟୋଜିତ ଛୁଟିଦିନ ହେବା ସହିତ ରାଜ୍ୟ ସରକାରଙ୍କ ଦ୍ୱାରା ଏକ ଉତ୍ସବ ଦିବସ ଭାବରେ ପାଳନ କରାଯିବ। ୨୦୧୪ରେ ତାଙ୍କର ଏହି ସ୍ୱପ୍ନ ସାକାର ହେଲା; ତେଲେଙ୍ଗାନା ଏକ ସ୍ୱତନ୍ତ୍ର ରାଜ୍ୟ ହେଲା । କିନ୍ତୁ ଏହାପରେ ଟିଆରଏସ୍ ମୁଖ୍ୟ ଶ୍ରୀଯୁକ୍ତ ରାଓ ତାଙ୍କ ଉପରୋକ୍ତ କଥାରୁ ମୁହଁ ଫେରାଇ ନେବା ସଙ୍ଗେ ସଙ୍ଗେ ନିଜ ପ୍ରତିଶ୍ରୁତିକୁ ଏଡ଼ାଇ ଯିବାକୁ ଲାଗିଲେ । କେବଳ ଏତିକିରେ କଥା ସରିଲା ନାହିଁ । ସେ ମଧ ନିଜାମ୍ ଜଣେ ପ୍ରଜାନୁରଞ୍ଜକ ରାଜା ଥିଲେ । ମୋଟାମୋଟି ଉପରୋକ୍ତ ଦିବସ ପାଳନ କରି ଅର୍ଥାତ୍ ତେଲେଙ୍ଗାନାର ସ୍ୱାଧୀନ ଭାରତରେ ମିଶ୍ରଣ ଭଳି ଅତୀତର ଏକ ବିବାଦୀୟ ଘଟଣାକୁ ନେଇ ସାମ୍ପ୍ରତିକ ସମୟରେ ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିବାକୁ ସେ ଚାହୁଁ ନଥିଲେ। ଫଳରେ ବିଜେପି ଏହାକୁ ଏକ ପ୍ରତାରଣାମୂଳକ କାର୍ଯ୍ୟ ଭାବରେ ଅଭିହିତ କରି ରାଜ୍ୟ ରାଜନୀତିରେ, ବିଶେଷକରି ମହାନ ହାଇଦ୍ରାବାଦର ଏଇ ପ୍ରସଙ୍ଗକୁ ରାଜନୀତିର ଏକ ଆଧାର ଭାବରେ ବ୍ୟବହାର କରିବାକୁ ଆଗେଇ ଆସିଲା। ପ୍ରଥମଥର ପାଇଁ ବିଜେପି ଏହି ଉତ୍ସବ ଗତ ବର୍ଷ ପାଳନ କରିଥିବା ବେଳେ ଏହା ପରୋକ୍ଷ ଭାବରେ ଏମ୍ଆଇଏମ୍ ଏବଂ ବିଆରଏସ୍‌କୁ ମଧ ଏହି ଦିବସ ପାଳନ କରିବାକୁ ନିଷ୍ପତ୍ତି ନେବା ପାଇଁ ଏକ ପ୍ରକାର ବାଧ୍ୟ କରି ଦେଇଥିଲା । ସେମାନେ ଏହି ଦିବସର ନାମକରଣ କଲେ 'ଏକତ୍ରିକରଣ ଦିବସ' (ଇଣ୍ଟିଗ୍ରେସନ୍ ଡେ)। ବିରୋଧାଭାସର କଥା ହେଉଛି, କଂଗ୍ରେସ ଦଳ ଯାହା ସେତେବେଳେ 'ଅପରେସନ୍ ପୋଲୋ'ର ଆଦେଶ ଦେଇଥିଲା, ତାହା ଏହି ରାଜନୀତିକ ଖେଳରେ ଦୁର୍ବଳ ଦଳ ଭାବରେ ଉଭା ହୋଇଥିଲା। ପରନ୍ତୁ, ଚଳିତ ବର୍ଷ କଂଗ୍ରେସ ଏହି ଦିବସ ବାବଦରେ ଏକ ଚମକପ୍ରଦ ମନ୍ତବ୍ୟ ଦେବାକୁ ସ୍ଥିର କରି ବିଜେପି ଏବଂ ବିଆରଏସ୍ ମଧ୍ୟରେ ମଧୁଚନ୍ଦ୍ରିକା ରହିଥିବା କହିବା ସହିତ ହାଇଦ୍ରାବାଦ ମିଶ୍ରଣ ଦିବସକୁ ବେଶ୍ ଧୁମ୍‌ଧାମ୍‌ରେ ପାଳନ କରିଛି । ସୋନିଆ ଗାନ୍ଧୀ, ମଲ୍ଲିକାର୍ଜୁନ ଖାଡ୍, ରାହୁଲ ଗାନ୍ଧୀଙ୍କ ସମେତ ଦଳର ସବୁ ବରିଷ୍ଠ ନେତା ଏବଂ ଯେଉଁ ଯେଉଁ ରାଜ୍ୟରେ ଦଳ କ୍ଷମତାରେ ଅଛି, ସେସବୁ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ସେପ୍ଟେମ୍ବର ୧୭ରେ ହାଇଦ୍ରାବାଦ ଆସି ଏହାକୁ ନିଜାମ୍‌ଙ୍କ କବଳରୁ ମୁକ୍ତ କରିବା ସହିତ ସ୍ୱତନ୍ତ୍ର ତେଲେଙ୍ଗାନା ଗଠନରେ ସେମାନଙ୍କର ମହତ୍ତ୍ୱପୂର୍ଣ୍ଣ ଭୂମିକା କଥା ବଖାଣି ଥିଲେ । ଏକ ନିର୍ବାଚନୀ ବର୍ଷ ଏକ ସାଧାରଣ କଥାକୁ ରାଜନୀତି ଦୃଷ୍ଟିରୁ ଅଧିକ ମୂଲ୍ୟବାନ୍ ସମ୍ପତ୍ତିରେ ପରିଣତ କରି ଦେଇଥାଏ। କହିବା ବାହୁଲ୍ୟ, ସେପ୍ଟେମ୍ବର ୧୭ର ମହତ୍ତ୍ୱ ତ ଯେ କୌଣସି ଦଳ ପାଇଁ ଆଦୌ ହାତଛଡ଼ା କରିବା ଭଳି କଥା ନୁହେଁ । ତେଣୁ ଗତ ରବିବାର ଉପରୋକ୍ତ ଚାରି ରାଜନୀତିକ ଦଳଙ୍କୁ ସର୍ବାଧିକ ପ୍ରଦର୍ଶନୀ ଭଙ୍ଗୀରେ ପରିଲକ୍ଷିତ କରିଥିଲା । ତେବେ ଲୋକମାନେ ଏଥିପାଇଁ କାହାକୁ କେତେ ମୂଲ୍ୟ ପ୍ରଦାନ କରିବେ ବା ଏହାର ପରିଣତି କ'ଣ ହେବ, ତାହା ଦେଖିବାକୁ ବାକି ରହିଥିବା ବେଳେ ସର୍ଦାର ପଟେଲଙ୍କ ଉତ୍ତରାଧିକାର ଓ ଏହି ଦିବସର ତାତ୍ପର୍ଯ୍ୟରୁ ସମସ୍ତେ ରାଜନୀତିକ ଫାଇଦା ଉଠାଇବାକୁ ବ୍ୟସ୍ତ ରହିବା ସ୍ୱାଭାବିକ କଥା।

# ଆଏଜ୍ ବୋ ନୂଆଁଖାଇ



### ଡ଼ି ଶୁଭମ୍



ଶରତ ଋତୁର ସଅଳ ଆଗମନ ସାଙ୍ଗକୁ ରାସ୍ତା କଡ଼େ କଡ଼େ କାଶତଣ୍ଡୀର ସମାହାର। ଧବଳମୟ ପରିବେଶ। ସତେଯେପରି ରୂପସୀ ରାଜଜେମାର କୋଳରେ ଆବଦ୍ଧ ହୋଇ ରହିଛି ପୃଥିବୀ। ଏ ଧବଳମୟ ବାତାବରଣ ପାର୍ବଣର ଆଗମନକୁ ସୂଚାଏ। ଆଉ ଏହି ଋତୁରୁ ହିଁ ଏହାର ମୂଳଦୁଆ ପଡ଼େ। ଓଡ଼ିଶା ଏମିତି ଏକ ରାଜ୍ୟ ଯେଉଁଠି ସଂସ୍କୃତି ଓ ପରମ୍ପରା ସବୁବେଳେ ଅଧିକ ଗୁରୁତ୍ୱ ବହନ କରେ। କୃଷି ଭିତ୍ତିକ ରାଜ୍ୟ ଓଡ଼ିଶାରେ ପର୍ବପର୍ବାଣୀ ଯେମିତି ନିଆରା ଠିକ୍ ସେମିତି ଏହାକୁ ପାଳନ କରିବାର ଅନୁଭୂତି ବି ସେତିକି ମନଲୋଭା। ଏହି ପାର୍ବଣର ଋତୁ ସହ ସାଥି ହୋଇ ଆସେ ନୂଆଁଖାଇ। ନୂଆଁଖାଇ – ଏମିତି ଏକ ପର୍ବ ପିଲାଦିନୁ ଆଜି ଯାଏଁ ଏହି ଦିନ ସହ ଏକ ଅହେତୁକ ସମ୍ମୋହନ ସମସ୍ତଙ୍କର। ଚଷାକୁଳର ରାଜ୍ୟ ଓଡ଼ିଶାର ଚାଷୀଭାଇ ମାନଙ୍କ ପରିଶ୍ରମର ସାର୍ଥକ ପ୍ରତିବେଦନ ଏ ପର୍ବ। ଏକ ମହାର୍ଘ୍ୟ ମୁହୂର୍ତ୍ତକୁ ଅବଲୋକନ କରିବାର ଏ ଦିନ। ସ୍ନେହ, ପ୍ରୀତି ଓ ସୌହାର୍ଦ୍ଦ୍ୟମୟ ପରିବେଶକୁ ଆମନ୍ତ୍ରିତ କରିବାର ଏ ଦିନ। ମୁଖ୍ୟତଃ ଓଡ଼ିଶାର ପଶ୍ଚିମାଂଚଳରେ ନୂଆଁଖାଇ ବିଶେଷ ଗୁରୁତ୍ୱ ବହନ କରେ। ଘରେ ଘରେ ଅପୂର୍ବମୟ ଆନନ୍ଦ ମହକିଉଠେ। ସାହି ପଡ଼ିଶାଠାରୁ ଆରମ୍ଭ କରି ବନ୍ଧୁ ବାନ୍ଧବ ଯାଏଁ ସବୁଠି ଉତ୍ସାର ନିଦର୍ଶନ। ପ୍ରକୃତିର ଏହି ଆଶୀର୍ବଚନକୁ ଅନୁଭବ କରିବାକୁ ସତେଯେମିତି ସମସ୍ତେ ଅନେକ ଦିନରୁ ଅନେଇ ବସିଥାନ୍ତି। ପଶ୍ଚିମଓଡ଼ିଶା ଦୁଲୁକି ଉଠେ। ନାଚ ଗୀତରେ ମସଗୁଲ ହୋଇ ସଭିଏଁ ନୂଆଁଖାଇକୁ ସ୍ୱାଗତ କରିବାକୁ ତତ୍ପର ହୋଇଥାନ୍ତି। ଗାଁ ଗାଁରେ ନୂଆଁଖାଇ ମହକ ବୁଣେ। ନାଁ ଥାଏ କ୍ରୋଧ, ଈର୍ଷା କେବଳ ପ୍ରେମ ଆଉ ପୁଲକରେ ମନ ଭରି ଉଠେ। ଯିଏ ଯେଉଁଠି ଥାଉ ନା କାହିଁକି ନୂଆଁଖାଇ ଆସିଲେ ସଭିଏଁ ପରିବାର ସହ ଏକତ୍ରିତ ହୋଇ ଏହାକୁ ପାଳନ କରିବାକୁ କାହିଁ କେତେ ଦୂରରୁ ଧାଇଁ ଆସନ୍ତି। କୁଳଦେବୀଙ୍କ ପାଖରେ ନବାନ୍ନ ଲାଗି ପରେ ସଭିଏଁ ଏକାଠି ବସି ଖାଇଥାନ୍ତି। ଏ ପର୍ବ, ପରମ୍ପରାର ଅନେକ ଇତିହାସ ଅଛି। ଏ କେବଳ କ୍ୟାଲେଣ୍ଡରର ଏକ ପର୍ବ ତାଲିକା ନୁହେଁ ବରଂ କୋଟି କୋଟି ଓଡ଼ିଆଙ୍କ ଭାବାବେଗର ପ୍ରତୀକ।

କୃଷି ଭିତ୍ତିକ ଗଣପର୍ବ ଭାବରେ ନୂଆଖାଇ ଅନେକ ସ୍ୱତନ୍ତ୍ରତା ବହନ କରେ। ଚାଷ ପୁଅଙ୍କ ପର୍ବ ଏହି ଦିନ ଚାଷୀ ସକାଳ ସମୟରୁ ଧାନ ଜମିରେ ପୂଜାର୍ଚ୍ଚନା କରେ। ପ୍ରାତଃ ସମୟ ପୂର୍ବରୁ ନିଜର ସବୁଜିମାମୟ କ୍ଷେତରେ ଅର୍ପଣ କରେ ଧୂପ, ଦୀପ, ଘିଅ। ଏକ ବିଶ୍ୱାସ ଅଛି ନୂଆଁଖାଇ ଦିନ ଧାନ ଜମିରେ ପୂଜାର୍ଚ୍ଚନା କରି ଚାଷୀ ବର୍ଷ ତମାମ ସୁନାର ଫସଲ ପାଉ ବୋଲି ମନାସିଥାଏ। ଚାଷୀ ପାଇଁ ମାନସ ସନ୍ତାନ ହେଉଛି ତା ଫସଲ। ତେଣୁ ନିଜ ଫସଲର ସୁରକ୍ଷା ପାଇଁ ତଥା ଏମିତି ସୁନାର ଫସଲ ସବୁବେଳେ ଫଳୁଥାଉ ବୋଲି ଚାଷ ଜମିରେ ଗୁମୁରି ଗୁମୁରି ମନାସୁଥାଏ ଚାଷୀ। କେବଳ ଏତିକିରେ ଚାଷୀର କାମ ସରେନି ବରଂ ନିଜ ଗୁହାଳରେ ଗୋମାତୁ ସେବା କରିବା ସହ ସେମାନଙ୍କୁ ପୂଜାର୍ଚ୍ଚନା କରିଥାନ୍ତି। ଜମିର ନୂଆ ଶସ୍ୟରେ ଘରେ ଜାକ ଜମକରେ ଆୟୋଜନ କରାଯାଏ ପର୍ବ। ଏହି ନୂଆ ଶସ୍ୟରୁ ତିଆରି ହୁଏ ପିଠା ପଣା। ପରିବାର ପଡ଼ୋଶୀ ତଥା ଗାଁ ସାରା ଭାବର ଆଦାନ ପ୍ରଦାନ ବି ହୁଏ। ନୂଆଁଖାଇ ଯେହେତୁ ପ୍ରକୃତିର ଏକ ଦିବ୍ୟ ଅନୁଭବ ସେଥିପାଇଁ ସମସ୍ତେ କୁରେଇ, ସରଗୀ ପତ୍ରରେ ତିଆରି ଖଲିରେ ନବାନ୍ନ ଖାଇଥାନ୍ତି।

ଧାନ ଚାଷ କରି ଯେବେ ଚାଷୀଟିଏ ଅକ୍ଳାନ୍ତ ପରିଶ୍ରମ କରି ନୂଆ ଶସ୍ୟକୁ ଦେଖେ ସେବେ ସେ ପରମ ତୃପ୍ତି ଲାଭ କରେ। ଧାନ ଜମିରେ ନୂଆ ଶସ୍ୟ ଆସିଲେ କୁଳଦେବୀଙ୍କୁ ଅର୍ପଣ କରିବାର ପରମ୍ପରା ହେଉଛି ନୂଆଁଖାଇ। ପଶ୍ଚିମ ଓଡ଼ିଶାରେ ବେଶ ଧୁମାଧାମରେ ପାଳନ କରାଯାଉଥିବା ପର୍ବ ହେଉଛି ନୂଆଖାଇ। ଅଖି ମୁଠି ଅନୁକୂଳ କରି ଚାଷୀ ଯେବେ ବିପିତ ବିହନକୁ ଗଜା କରି ଧାନ ଜମିକୁ କର୍ଷଣ କରି ଚାଷ କରେ ସେବେ ଅପେକ୍ଷା କରିଥାଏ ଏହି ଦିନକୁ। କେବେ ତା ପରିଶ୍ରମର ଗୋଟିଏ ଝଲକ ଦେଖିବ ଆଉ ପ୍ରଥମ ଶସ୍ୟ ଇଷ୍ଟଦେବୀଙ୍କୁ ଅର୍ପଣ କରିବ। ଆଉ ଏହି ଦିନ ହିଁ ଚାଷୀ ଅର୍ପଣ କରି ଇଷ୍ଟଦେବୀଙ୍କ ପାଖରେ କୃତଜ୍ଞତା ଅର୍ପଣ କରେ।

ନୂଆଁଖାଇ ଆମ ଚିନ୍ତା ଓ ଚେତନାର ଏକ ନୂତନ ଉତ୍ତରଣ। ଏହା ଏକ ଦିବ୍ୟ ପରମ୍ପରା। ଭାଦ୍ରବ ଶୁକ୍ଳ ପକ୍ଷ ପଂଚମୀ ଦିନ ସମସ୍ତେ ନବାନ୍ନ ଭକ୍ଷଣ କରି ଜୁହାର ଭେଟ୍ କରନ୍ତି। ନିଜ ଭିତରର ରାଗରୁଷା ନୁହେଁ ବରଂ ପ୍ରେମପ୍ରଣୟକୁ ଆବାହନ କରି ସଭିଏଁ ନୂତନ ଉନ୍ମାଦରେ ମତୁଆଲା ହୁଅନ୍ତି। ଏକ ଦୀର୍ଘମିଆଦି ସଂକଳ୍ପ ପାଇଁ ସଭିଏଁ ପଣ ନିଅନ୍ତି। ଆଜି ବି ପଶ୍ଚିମାଂଚଳକୁ ଗଲେ ସେଠାକାର ବୟସ୍କ ମାନେ ଏହି ପୂଜା ପରମ୍ପରାର ଇତିହାସ ବଖାଣନ୍ତି। ଧନୀ ଗରିବର ମତଭେଦ ନୁହେଁ ବରଂ ସଭିଏଁ ଏହି ଦିନ ନିଜ ଘରେ ପରିବାର ଜନଙ୍କ ସହ ବେଶ ହସ ଖୁସିରେ ଅତିବାହିତ କରନ୍ତି। ନୂଆ ଆଶା, ବିଶ୍ୱାସକୁ ସାଥ କରି ଏକାଠି ହୁଅନ୍ତି।

ଖ୍ରୀଷ୍ଟପୂର୍ବ ଦ୍ୱାଦଶ ଶତାବ୍ଦୀରୁ ଏ ପରମ୍ପରା ଚାଲି ଆସୁଛି ବୋଲି ବିଶ୍ୱାସ କରାଯାଏ। ନବାନ୍ନ ଖାଇ ସାରିବା ପରେ ସଭିଏଁ ଗୁରୁଜନଙ୍କୁ ମୁଣ୍ଡିଆ ମାରି ଦେବାଦେବୀ ଦର୍ଶନ କରି ଜହ୍ଵାର ଭେଟ କରିବା ସହ ଜିଇଁ ଜାଗିଥିଲେ ବରଷେ ବୋଲି କହିଥାନ୍ତି। କୃଷିର ପର୍ବ ଏହି ଦିନ ଚାଷୀ ମାନେ ଇଷ୍ଟଦେବୀଙ୍କୁ କୃତଜ୍ଞତା ଅର୍ପଣ ପୂର୍ବକ ପୁଣି ଆଗାମୀ ବର୍ଷରେ ଏମିତି ସୁନାର ଫସଲ ସେମାନଙ୍କ ଘରକୁ ଆସୁଥାଉ ବୋଲି ପ୍ରାର୍ଥନା କରିଥାନ୍ତି।

ନୂଆଁଖାଇ କେବଳ ଏକ ପର୍ବ ନୁହେଁ ଏହା ଭାଇଚାରାର ଅପୂର୍ବ ନିଦର୍ଶନ। ନିଜ ଭିତରର ନିଆରାପଣକୁ ପୁଣିଥରେ ଅନୁଭବ କରିବାର ଏକ ଶ୍ରେଷ୍ଠ ଦିବସ। ପରିବାର ଭିତରର ସ୍ନେହ,ଶ୍ରଦ୍ଧାକୁ ସୁମରିବାର ଦିନ। ଏ ନୂଆଁକାଇ ଚଷାକୁଳର ମନରେ ହସ ଭରୁଥାଉ। ଚାଷ ଜମିରେ ସୁନାର ଫସଲ ଦେଉଥାଉ। ଜଗତର କଲ୍ୟାଣ ହେଉ। ଆଏଜ ବୋ ନୂଆଁଖାଇ।

# ନୂଆଖାଇ ଭେଟ୍‌ଘାଟ୍

### ଅକ୍ଷୟ କୁମାର ରାଉତ



ସଂସ୍କୃତି ଭାରତୀୟ ଜନଜୀବନକୁ ଶୃଖଂଳିତ କରିଥାଏ । ପ୍ରେମ, କରୁଣା, ସ୍ନେହ, ବାତ୍ସଲ୍ୟ, ଦୟା, ତ୍ୟାଗ, ଶ୍ରଦ୍ଧା, ଈର୍ଷା, ଦ୍ୱେଷ, ଘୃଣା ଓ ନିଷ୍ଠୁରତା ପ୍ରଭୃତି ଭାବ ସମୂହ ବ୍ୟକ୍ତି ସହିତ ସଂସ୍କୃତିର ସମ୍ବନ୍ଧ ଥାଏ। ସଂସ୍କୃତି ଯୋଗୁ ସଭ୍ୟତା କିନ୍ତୁ ଉଭୟଙ୍କ ମଧ୍ୟରେ ବ୍ୟବଧାନ ରହିଛି । ସଂସ୍କୃତି କଳା, ଆଦର୍ଶ, ବିଚାର, ଭାବ, ଭକ୍ତି ଓ ବିଶ୍ୱାସର ସଂସାର ମଚଂ । ତେଣୁ ଆମ ସଂସ୍କୃତି ସାମାଜିକ ଜୀବନର ପରିଚୟ । ଅସ୍ତବ୍ୟସ୍ତ କର୍ମମୟ ଜୀବନରେ ପର୍ବପର୍ବାଣି ଗୁଡ଼ିକ ପାଳନ କରିବାରେ ବୈଶିଷ୍ଟ ରହିଛି । ବହୁ ଧର୍ମ, ବହୁଜାତିଙ୍କୁ ନେଇ ସାମାଜିକ ଓ ସଂାସାରିକ କ୍ଷେତ୍ରରେ ପର୍ବ ପର୍ବାଣିର ସ୍ୱତନ୍ତ୍ରତା ରହିଛି । ବିଭିନ୍ନତା ମଧ୍ୟରେ ଏକତ୍ୱର ପ୍ରତିଷ୍ଠାର ପର୍ବ ହେଉଛି ନୂଆଖାଇ । ସିଂହମାସ ଭାଦ୍ରବ ଶୁକ୍ଳପକ୍ଷ, ଗଣେଶ ଚତୁର୍ଥୀ ପରଦିନ ବା ପଚଂମୀ ତିଥିରେ ନୂଆଖାଇ ଭେଟ୍‌ଘାଟ୍ ଉତ୍ସବ ପାଳିତ ହେଉଛି ।

ନୂଆଖାଇ ଏକ ମହାନ୍ ସାମାଜିକ ପରମ୍ପରାର ପ୍ରତୀକ । ସାମାଜିକ ଜୀବନକୁ ବଳିଷ୍ଠ, ସୃଦୃଢ଼ ଓ ଶୃଖଂଳିତ କରିବା ପାଇଁ ଏହି ପର୍ବ ଉଦ୍ଦିଷ୍ଟ । ପର୍ବ ପାରସ୍ପରିକ ମନୋମାଳିନ୍ୟ, ଈର୍ଷା, ହିଂସା, ଶତୃତା ଓ ଅସହଯୋଗ ଦୂର କରିଥାଏ । ଗାଁ ମାଟିର ମମତା, ବନ୍ଧୁ, ଆତ୍ମୀୟସ୍ୱଜନଙ୍କ ସ୍ନେହ ଓ ପରସ୍ପର ପ୍ରତି ଆପଣାର ଭାବ ବିନୀମୟ ପ୍ରଭୃତି ଗୁଣକୁ ଏହି ପର୍ବ ପ୍ରେରଣା ଦିଏ । ଓଡ଼ିଶାର ପଶ୍ଚିମାଚଂଳ ଅର୍ଥାତ ସମ୍ବଲପୁର, ସୋନପୁର, ସୁନ୍ଦରଗଡ଼, ବଲାଙ୍ଗିରୀ, ନୂଆପଡ଼ା, କଳାହାଣ୍ଡି, ଦେବଗଡ଼ ଓ ଝାରସୁଗଡ଼ା ପ୍ରଭୃତି ଜିଲ୍ଲାରେ ଏକ ପ୍ରଧାନ ଗଣପର୍ବ ରୂପେ ନୂଆଖାଇ ଭେଟ୍‌ଘାଟ୍ (ବା) ନବାନ୍ନ ଭକ୍ଷଣ ଉତ୍ସବ ବହୁବର୍ଷ ଧରି ପାଳିତ ହୋଇ ଆସୁଅଛି । ଓଡ଼ିଶା ବାହାରେ ମଧ୍ୟପ୍ରଦେଶ, ଛତିଶଗଡ଼ ରେ ବାସ କରୁଥିବା ଓଡ଼ିଆ ମାନେ ଏହି ପର୍ବ ଆନନ୍ଦ ଉଲ୍ଲାସରେ ପାଳନ କରନ୍ତି । କନ୍ଧ, କୋହ୍ଲ, ଓରାମ୍ କିଶାନ, ଭୂୟା, ପ୍ରଭୃତି ଆଦାବାସି ମାନେ ସେମାନଙ୍କର ଇଷ୍ଟଦେବୀଙ୍କୁ ନବାନ୍ନ ଭୋଗ ସହିତ କୁକୁଡ଼ା, ଛେଳି ବଳି ଦେଇ ନୂଆଖାଇ ପର୍ବପାଳନ କରନ୍ତି । ଏହି ପର୍ବ ପରଠାରୁ ଆଦିବାସୀ ମାନଙ୍କର କରମା ପୂଜା ଆରମ୍ଭ ହୁଏ । ଦ୍ୱାଦଶ ଶତାବ୍ଦୀରେ ବଲାଙ୍ଗିର ପାଟଣାଗଡ଼ ଠାରେ ଚୌହାନ ରାଜବଂଶର ରମାଇଦେବ ନୂଆଖାଇ ପର୍ବର ଆରମ୍ଭ କରିବାର ଅନୁମାନ କରାଏ । ସେହିପରୀ ଷୋଡ଼ଶ ଶତାବ୍ଦୀର ଆରମ୍ଭରେ ରାଜା ବଳରାମ ସମ୍ବଲପୁର ରାଜ୍ୟ ପ୍ରତିଷ୍ଠା କରି ନବାନ୍ନ ଭକ୍ଷଣ ଉତ୍ସବ ଆରମ୍ଭ କରିଥିଲେ ।

ଆମ ପୁରାଣ ଶାସ୍ତ୍ରରେ ଅନ୍ନର ମହିମା ଅନ୍ନବ୍ରହ୍ମ ରୂପେ ପ୍ରତିପାଦିତ ହୋଉଛି କୁହାଯାଇଛି, କର୍ମରୁ ଯଜ୍ଞ, ଯଜ୍ଞରୁ ବୃଷ୍ଟି, ବୃଷ୍ଟିରୁ ଶସ୍ୟ ବା ଧାନ, ଧାନରୁ ଅନ୍ନର ସୃଷ୍ଟି ଓ ଅନ୍ନରୁ ଜୀବ ସୃଷ୍ଟି । ତେଣୁ କୁହାଯାଇଛି 'ଅନ୍ନ ବିହୁନେ ହଂସହାନି, ଯୋଗ ସାଧିବୁ କାହା ଘେନି' । ପଶ୍ଚିମ ଓଡ଼ିଶାରେ ଭାଦ୍ରବ ମାସ ଆରମ୍ଭରେ ନୂତନ ଅମଳ ଧାନରୁ ଚାଉଳ ସଂଗ୍ରହ କରି ନବାନ୍ନ ଭୋଗ ପ୍ରସ୍ତୁତ ହୁଏ । ଗୃହକର୍ତା ଅନ୍ନ ଖିରୀ, ଖେଚୁଡ଼ି ଆରଧ୍ୟ ଦେବୀଙ୍କୁ ଅର୍ପଣ କରି ଥାଆନ୍ତି । ଯେଉଁମାନଙ୍କର ଚାଷ ଜମି ନାହିଁ, ସେମାନଙ୍କ ଘରେ ଗ୍ରାମରକ୍ଷୀ ବା ଢ଼ାଙ୍ଗର ନୂଆଖାଇ ପୂର୍ବରୁ ଧାନକେଣ୍ଡା ଦେଇ ଥାଆନ୍ତି । ସେହି ଧାନରୁ ଚାଉଳ ସଂଗ୍ରହ କରି ଦେବୀଙ୍କ ପାଇଁ ଭୋଗ ପ୍ରସ୍ତୁତ କରି ଥାଆନ୍ତି । ପଶ୍ଚିମ ଓଡ଼ିଶାରେ ବ୍ରାହ୍ମଣ ମାନେ ନିଜ ଗୃହରେ ଲକ୍ଷ୍ମିପୂଜା କରି ଦେବୀଙ୍କ ପାଖରେ ନବାନ୍ନ ଭୋଗ କରିଥାଆନ୍ତି । ବୟୋଜ୍ୟେଷ୍ଠ ବ୍ୟକ୍ତି ଦେବୀଙ୍କଠାରେ ଲାଗି ହୋଇଥିବା ପ୍ରସାଦ ସେବନ କରିବା ପରେ ପରିବାରର ଅନ୍ୟମାନଙ୍କୁ ନବାନ୍ନ ଭୋଗ ଦିଆ ଯାଇଥାଏ । ଓଡ଼ିଶାରେ ଅଧିକାଂଶ ଅଚଂଳରେ ନୂଆଖାଇ ବା ନବାନ୍ନ ଭକ୍ଷଣ ଉତ୍ସବ ଜାକ ଜକମରେ ପାଳନ କରି ଥାଆନ୍ତି ।

ଗ୍ରାମ ଓ ମଣ୍ଡଳର ଦେବା ଦେବୀଙ୍କୁ ସମର୍ପଣ ପରେ ସମସ୍ତେ ମିଳିମିଶି ପ୍ରସାଦ ସେବନ କରନ୍ତି । ତାପରେ ଆରମ୍ଭ ହୁଏ ନୂଆଖାଇ ଜୁହାର । କନିଷ୍ଠ ମାନେ ବୟୋଜେଷ୍ଠଙ୍କୁ ଜୁହାର ହୋଇ ଆଶୀର୍ବାଦ ଭିକ୍ଷା କରି ଥାଆନ୍ତି । ନୂଆଖାଇ ସରିବା ପରେ ସମସ୍ତେ ବିଲକୁ ଯାଇ ଚିହା (ଭରଦ୍ୱାଜ) ବା ଭଦଭଦଳିଆ ପକ୍ଷୀକୁ ଦର୍ଶନ କରି ଥାଆନ୍ତି । ଭଦଭଦଳିଆ ପକ୍ଷୀକୁ ଦେଖି ନିଜ ନିଜର ଧାନ କିଆରି ଦେଖି ଘରକୁ ଫେରି ଥାଆନ୍ତି । ଉପକୂଳ ଅଚଂଳରେ ରଜପର୍ବ ପରି ପଶ୍ଚିମ ଅଚଂଳରେ ନୂଆଖାଇ ପାଳନ କରାଯାଏ । ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ପାଲା, ସଙ୍ଗିତ, ନୃତ୍ୟ, ଭଜନ ସଂକୀର୍ତନଆଦି ପରିବେଷଣ ସହିତ ଖେଳ ଓ କୁସ୍ତି ପଦର୍ଶନ କରି ଥାଆନ୍ତି ।



ନୂଆ ଖାଇ କୃଷିଭିତିକ ପର୍ବ, ପଶ୍ଚିମ ଓଡ଼ିଶାର ଜନଜୀବନ, ସାମାଜିକ ପରମ୍ପରା, ସଂସ୍କୃତିର ବାର୍ତା ଓ ଧାର୍ମିକ ବିଶ୍ୱାସ ର ପ୍ରତିକ ନୂଆଖାଇ ହର୍ଷ, ଉଲ୍ଲାସ, ଉନ୍ମାଦନା ନେଇ ଜନପ୍ରିୟ ହୋଇଛି । ସେଥିପାଇଁ କବି ସତ୍ୟ ନାରାୟଣ ବହିଦାରଙ୍କ ଭାଷାରେ-

ଆମିଲ୍ ମହୁର୍ ନୂଆଁ ଧାନ୍  
ଖିରି ପିଠା ମଡ଼ା ଲଖ୍‌ମି ଠାନେ  
ଲାଗ୍‌ବା ପୂଜା  
ପିଟ୍‌ମା ତିନେ ଢ଼ୁଁଡ଼ା  
ଗାଁ ମୁଡ଼ସା ସମଲେଇ ନ  
ସଁହରା ପିଲା ଗୁମ୍‌ଲେଇ  
ନ ଲଗାଲାନ ନୂଆଁ  
ଫୁଲ୍ ଚଂଦନ ଦିଅବୋ ପିଲେ  
ନଁଗଲ୍ ପଟା ଦୁଆଁ  
ଆସବୋ ପିଲେ ଖାଏମା ଆଜି ନୂଆଁ  
ବଛର୍‌କେ ଥରେ ଆଏସି  
ପରେ ଯିଏ ଯେନ ଥଅ  
ଘରେ ପରେ ଆସ ଆସ  
ଭାଇ ଆଜିର ନୂଆଖାଇ ।

ପାରାଦ୍ୱୀପଗଡ଼,କୁଜଙ୍ଗ  
ଜଗତସିଂହପୁର  
ମୋ-୯୯୩୭୬୯୧୪୭୫

## କବିତା କୋଣାର୍କ

### ନ ପଡୁ ତୋହର ପାଲି

**ଜଗଦୀଶ ସାହୁ**

ଭଲରେ ଥିବୁରେ ଧନ  
ଆମେ ବାପାମାଆ ଜରାନିବାସରେ  
ଖୁସିରେ କାଟୁଛୁ ଦିନ !  
ନଈ ଶୁଖିଗଲେ ନାଆ  
କାମରେ ଲାଗେନା ସେଇ ପରକାରେ  
ଥନ ଶୁଖିଗଲେ ମାଆ !  
ଶ୍ୱଶୁର ଆସିଲେ ବୁଲି  
ବାପା ଡାକି ତାଙ୍କୁ ମୁଣ୍ଡିଆ ମାରିବୁ  
ଆମ କଥା ଯିବୁ ଭୂଲି !  
ଶାଶୁ ନିଜ ମାଆ ପରି  
ତାଙ୍କ ଭଲ ମନ୍ଦ ବୁଝିବୁରେ ଧନ  
ଅନ୍ତରେ ଭକତି ଭରି !  
ଶଳା ଭବିଷ୍ୟତ ପାଇଁ  
ପଢା ଖର୍ଚ୍ଚ ସବୁ ବହନ କରିବୁ  
ଭାବି ମାଆ ପେଟ ଭାଇ !  
ଶାଳୀ ଭଉଣୀ ସମାନ  
ଯଉତୁକ ଦେଇ ବିଭା କରିଦେବୁ  
ବଢ଼ିବ ତୋହର ମାନ !  
ନାତି ନାତୁଣୀଙ୍କୁ ମୋର  
ଆମ ଲୁହ ଭିଜା କାହାଣୀ କହିବୁ  
କାମରେ ଆସିବ ତୋର !  
ବୋହୁ ଲକ୍ଷ୍ମୀ ଠାକୁରାଣୀ  
କଥାମାନି ତାର ବାଟ ଚାଲୁଥିବୁ  
ସିଏ ଘର ମାଲିକାଣୀ !  
ଚିଠି ପଢ଼ି ମୋତେ ଗାଳି  
ଦବୁ ନାହିଁ ଧନ ଆଶୀର୍ବାଦ ଦେଲି  
ନ ପଡୁ ତୋହର ପାଲି !

ସଂଜପଡା, ହିନ୍ଦୋଳ  
ଢେଙ୍କାନାଳ,୭୫୯୧୨୮  
ମୋ : ୯୦୭୮୧୮୫୬୧୬



### ନୂଆଁଖାଇ ଆମର ବଡ଼ତିହାର

**ହୃଦାନନ୍ଦ ମେହେର**



ନୂଆଁଖାଇ ଆମ ବଡତିହାର  
ପଶ୍ଚିମ ଓଡିଶାର ଗଣ ପରବ  
ଗଣପର୍ବ ର ମାନ୍ୟତା ପାଇଛି  
ଓଡ଼ିଶା ବାସୀଙ୍କୁ ବାନ୍ଧିରଖିଛି ।

ନୂଆଁଖାଇ ଆମର ବଡ଼ତିହାର...  
ଭାଦ୍ରବ ମାସର ଶୁକ୍ଳପକ୍ଷରେ  
ପାଳନ କଲୁ ପଞ୍ଚମୀ ତିଥିରେ  
ନୂଆଁ ଧାନ ସାଙ୍ଗେ କୁରାହୀ ପତର  
ପିଠା ପଣା ହେସି କେତେ ପ୍ରକାର ।

ନୂଆଁଖାଇ ଆମର ବଡ଼ତିହାର....  
ପରିବାରର ସମସ୍ତେ ଏକାଠି ହେବା  
ଇଷ୍ଟ ଦେବାଦେବୀଙ୍କୁ ନୂଆଁ  
ଲଗାଇବା  
ନୂଆଲୁଗା ପଟା ଆମେ ପିନ୍ଧିବା  
ମିଳିମିଶି ଆମେ ନୂଆଁ ଖାଇବା ।

ନୂଆଁଖାଇ ଆମର ବଡ଼ତିହାର...

ଅଜାଆଇ, ପିତାମାତାଙ୍କୁ ପ୍ରଣାମ  
କରିବା  
ତାଙ୍କଠାରୁ ଆମେ ଆଶୀର୍ବାଦ ନେବା  
ସାହି ପଡିସା ଯାଇ ବୁଲିଆସିବା  
ଗୁରୁଜନଙ୍କୁ ଆମେ ଜୁହାର ହେବା ।

ନୂଆଁଖାଇ ଆମର ବଡ଼ତିହାର....  
ନୂଆଁଖାଇ ଭେଟଘାଟ ଏଠି ହେଉଛି  
ଗୀତନାଚରେ ଦାଣ୍ଡ ଦୁଲୁକୁଛି  
ଗାଁ ଲୋକମାନେ ଏକାଠି ହୁଅନ୍ତି  
ଖୁସି ଆନନ୍ଦରେ ଉପଭୋଗ  
କରନ୍ତି ।

ନୂଆଁଖାଇ ଆମର ବଡ଼ତିହାର....  
ମାଁ ସମଲେଇକୁ କରୁଛି ଅଳି  
ନୂଆଖାଇକୁ ନ ଯିବା ଭୁଲି  
ଭାଇଚାରାର ପର୍ବ ଏହି  
ରାଗ ରୁଷାକୁ ଯିବାରେ ଭୁଲି ।

ନୂଆଖାଇ ଆମ ବଡତିହାର  
ପଶ୍ଚିମ ଓଡିଶାର ଗଣ ପରବ ।

ସାମ୍ବାଦିକ  
ଲକ୍ଷ୍ମୀପ୍ରସାଦ, ବୌଦ୍ଧ  
ମୋ : ୮୨୬୦୮୩୮୨୬୦

### ନୂଆଖାଇ

**ଦିନେଶ ମେହେର**

ସମିୟାର୍ ଚକା ଟା  
କେତେ ବେଳେ ଗଡ଼ି ଯାଏସି ଯେ  
କିଏ କାଣା ଜାନି ପାରିଛେ  
ନା ଦେଖି ପାରିଛେ !  
ଦେଖୁଁ ଦେଖୁଁ ଭୂଦୋ ମାସ୍ ପଳେଇ  
ଆଏଲା  
ନିଳିଆ ଆକାଶେ  
ଭୂଦୋ ମାସର୍ ଜନ୍  
ଚକ୍ ମକୁଛେ,  
କେତେ ସୁନ୍ଦର୍ ନାଇ ଦିଶୁଛେ  
ସତେ !  
ଇ ବେଳା କେ  
ଫିରି ଆଇଛେ ଗହଁଟିଆ ବୁଢ଼ା  
ମାଁ ମାଏଟ୍‌ର ମହତ୍ ରଖି,  
ମାନମି ବଲି ଭାଇଚାରାର୍ ତିହାର୍ !  
ଗାଁ ଖୁଲି ସଫା ସୂତର୍ କରି ଚାଲିଛେ  
ହଳିଆ ତୁଲିଆ କେ ଡାକି କରି,  
ଘିନି ଆନିଛେ ଶାଗ୍ ଡାଲ୍ ସଙ୍ଗେ  
କେତେ କୁଳା, ଟୁପା  
ମନାମି ବଲି ରସର୍ ତିହାର୍ !  
ବରାଦ କଲାନ ଗୁଡ଼ିଆ ଦୁକାନେ  
କେତେ କିସମ୍ ର ଦରବ୍,  
ବଏନି ଦେଲାନ ଘୁମୁରା ଦଳ କେ  
ଧୁମ୍ ଧୁମାବାର୍ ଲାଗି ଇ ପରବ୍।  
ମାଁ ମାଏଟ୍ ଲାଗି  
ଇଷ୍ଟଦେବୀ ପାଦ୍ ତଳେ  
ଅଜାଡ଼ି ଦେଇଛେ ବଛର୍‌ର  
ପହେଲା ଫସଲ୍ !  
ହେଦେ ତ  
ଉତ୍ତର ଦିଗ୍ ନୁ ମହକି ଆଏଲା ନ  
ମାଲୁ ଧାନର୍ ମହକ୍,  
ଡ଼ାକ୍ ଦେଲାନ ଇଷ୍ଟଦେବୀ ମାଁ  
ସମଲେଇ  
ମୁନୁଷ୍ ଜାତି ଚେତି ଗଲାନ  
ମନାବି ବଲି ଲୋକ୍ ତିହାର୍ !  
କ୍ଷେତେ ବାହାଲେ ନାଚି ଚାଲିଛେ  
ଧୋବ୍ କାଶତଣ୍ଡି  
ସତେ କି ମାଁ ଇଷ୍ଟଦେବୀ  
ଦେଖି ହସୁଛେ ତାର୍ ମୁହୁଁ କେ  
ଲାଢ଼େ ଗେଲେ ରଖମି ବଲି ପନତ୍  
ତଳେ !  
ଆଉ ଟିକେ ସମିୟାଁ ନ  
ଉଛଳି ଯିବା ଗାଁ ଖୁଏଲ୍,  
ହଜି ଯିବା ଧଙ୍ଗରା ପିଲା  
ନାଚେ ଗୀତେ ବଜା ଢୁଲେ,  
ବୁଢ଼ା ବୁଢ଼ୀ ହଉ କି ଛୁଆ ପିଲା  
ସବୁ ହଜି ଯିବେ  
ନୂଆଖାଇ ତିହାର୍ ଭିତରେ  
ବଡ଼ କେ ମୁଡିଆ  
ସାନ୍ କେ ଆଦର୍ କରି  
ଉଡ଼େଇ ଦେବେ  
'ବସୁଧୈବ କୁଟୁମ୍ବକମ୍' ନାରା  
ଓଡ଼ିଶା ସାରା  
ଦୁନିଆ ସାରା !

ପଳାସ, କଳାହାଣ୍ଡି

ବୈଷ୍ଣବ ମେହେର


## ନିବୀଡ଼ ଆତ୍ମୀୟତାର ପର୍ବ ନୂଆଁଖାଇ



ଉତ୍କଳର ଅନ୍ୟତମ ଶ୍ରେଷ୍ଠ ଗଣପର୍ବ ନୂଆଁଖାଇ ମୁଖ୍ୟତଃ ଓଡ଼ିଶାର ପଶ୍ଚିମାଂଚଳରେ ପୂର୍ଣ୍ଣ ଉତ୍ସାହରେ ପାଳନ କରାଯାଇଥାଏ । ନୂଆଫସଲକୁ ନିଜେ ବ୍ୟବହାର କରିବା ପୂର୍ବରୁ ନିଜ ଇଷ୍ଟ ଦେବାଦେବୀଙ୍କ ନିକଟରେ ଅର୍ପଣ କରି କୃତଜ୍ଞତା ଭାବର ପରିପ୍ରକାଶ କରିବା ହେଉଛି ନୂଆଁଖାଇ ପର୍ବର ଅସଲ ବିଶେଷତ୍ୟ । ବର୍ଷର ପ୍ରଥମ ଶସ୍ୟକୁ ନୈବେଦ୍ୟ ଭାବରେ ପରମପୁରୁଷଙ୍କୁ ଅର୍ପଣ କଲା ବେଳେ ଆଗାମୀ ଯୁଗଯୁଗ ଧରି ସମଗ୍ର ମଣିଷସମାଜ ପାଇଁ କେବେ ଅନ୍ନର ଅଭାବ ନଘଟୁ ବୋଲି କାମନା କରିବା ଏହି ପର୍ବର ଓ ଏହାର ମଣିଷମାନଙ୍କ ମହନୀୟତାର ପରିଚୟ ଦିଏ । ସଂସ୍କୃତିସମ୍ପନ୍ନ ଭାରତବର୍ଷର ବିଭିନ୍ନ ପ୍ରଦେଶରେ ନୂଆଶସ୍ୟକୁ ନେଇ ବିହୁ, ପୋଙ୍ଗଲ, ବୈଶାଖି ଭଳି ଭିନ୍ନଭିନ୍ନ ପର୍ବ ପାଳନ କରାଯାଉଥିଲେ ହେଁ ନୂଆଁଖାଇ କିନ୍ତୁ ଖୁବ ନିଆରା । କେଉଁ ଅବାହମାନ କାଳରୁ ଏହି ପର୍ବ ପାଳନ ହୋଇ ଆସୁଛି ଏହାର ସଠିକ ଐତିହାସିକ ବିବରଣୀ ପ୍ରଦାନ ଏଯାଏଁ ସମ୍ଭବ ହୋଇନାହିଁ । ଆଗରୁ ନୂଆଁଖାଇ ପାଳନ କୃଷକ ପରିବାର ମଧ୍ୟରେ ସୀମିତ ରହିଥିଲା ବେଳେ ଏହି ପର୍ବର ମହାନତାରେ ଉଦବୁଦ୍ଧ ଅନ୍ୟ ସମସ୍ତଙ୍କବର୍ଗର ଲୋକ ସମୟ କ୍ରମେ ନୂଆଁଖାଇ ପାଳନ କରିବାକୁ ଲାଗିଲେ ।

ପୂର୍ବରୁ ରାଜାମାନେ ନିଜ ରାଜ୍ୟର ଇଷ୍ଟଦେବୀଙ୍କ ନାମ ଆଧରରେ ନୂଆଁଖାଇ ଲଗ୍ନ ଧାର୍ଯ୍ୟ କରୁଥିବାରୁ ନୂଆଁଖାଇ ପାଳନର ତିଥି ବିଭିନ୍ନ ଅଂଚଳ ପାଇଁ ଭିନ୍ନଭିନ୍ନ ହେଉଥିଲା । ଏପରିକି ରାଜରାଜୁଡ଼ା ଶାସନ ପରେ ମଧ୍ୟ ଏହି ପରମ୍ପରାକୁ ରାଜପୁରୋହିତ ମାନେ ବଜାୟ ରଖିବାରୁ ଭାଦ୍ରବ ଶୁକ୍ଳପକ୍ଷର ବିଭିନ୍ନ ତିଥିରେ ନୂଆଁଖାଇ ପାଳିତ ହେଉଥିଲା । ଭିନ୍ନଭିନ୍ନ ଦିନରେ ନୂଆଁଖାଇ ପାଳନ ଦ୍ୱାରା ସାମାଜିକ ସ୍ତରରେ ଏକ ଅସଙ୍ଗତ ସୃଷ୍ଟିକୁ ନଜରରେ ରଖି ୧୯୯୧ ମସିହାରେ ପଶ୍ଚିମ ଓଡ଼ିଶାର ବୁଦ୍ଧିଜୀବିଙ୍କ ମଧ୍ୟରେ ଚିନ୍ତନ କରାଯାଇ ସର୍ବସମ୍ମତିରେ ଗଣେଶ ଚତୁର୍ଥୀର ପରଦିନ ଅର୍ଥାତ ଋଷି ପଂଚମି ତିଥିରେ ସମସ୍ତଙ୍କ ପାଇଁ ନୂଆଁଖାଇର ତିଥି ସ୍ଥିର କରାଯାଇଥିଲା । ତେବେ ଭାଦ୍ରବ ମାସରେ ଧାନ ପରିପକ୍ୱ ହେଉ ନଥିବା ସତ୍ତ୍ୱେ ଏହି ମାସରେ ନୂଆଖାଇ ଅନୁଷ୍ଠିତ କରାଯିବାର ଏକ ମହତ ଉଦ୍ଦେଶ୍ୟ ନିହିତ ଥିବା ଜଣାଯାଏ । ଅର୍ଥନୈତିକ ଦୃଷ୍ଟିରୁ ସମାଜରେ ବିଭିନ୍ନ ସ୍ତରର ଲୋକ ବାସ କରୁଥିବା ବେଳେ ପ୍ରାୟ ପରିବାର ପ୍ରତିପୋଷଣ ପାଇଁ ଉତ୍ପାଦିତ ଶସ୍ୟ ଉପରେ ନିର୍ଭର କରୁଥିଲେ । ଅପରପକ୍ଷେ ନୂଆଁଖାଇ ପର୍ବ ପାଳନ ନହେବା ଯାଏଁ ନୂଆଁଶସ୍ୟର ବ୍ୟବହାରକୁ ସଂପୂର୍ଣ୍ଣ ନିଷିଦ୍ଧ ବୋଲି ସାଧାରଣରେ ଗ୍ରହଣ କରାଯାଇଥାଏ । ତେଣୁ ସବୁ ଜମିର ଧାନ ପାଚିବା ଯାଏଁ ଅପେକ୍ଷା କଲା ଭଳି ସମ୍ବଳ ଅନେକ ଲୋକଙ୍କ ନଥିବାରୁ ସମସ୍ତଙ୍କ ସୁବିଧା ଦୃଷ୍ଟିରୁ ଭାଦ୍ରବ ଶୁକ୍ଳପକ୍ଷକୁ ନୂଆଁଖାଇର ଉପଯୁକ୍ତ ସମୟ ଭାବେ ଗ୍ରହଣ କରାଯାଇ ଆସୁଛି । ଜଳବାୟୁ ପରିବର୍ତ୍ତନ ଓ ତା'ର ପ୍ରଭାବରେ ଯଦିଓ ଆଗଭଳି ଠିକ୍ ସମୟରେ ଧାନ ଅମଳ ହେଉ ନାହିଁ ତଥାପି ଷାଠିଏ, ହରିଶଙ୍କର ଆଦି ଛୋଟ କିସମର ଧାନ ନୂଆଁଖାଇ ସମୟରେ ଅମଳ ହେଉ ଥିବାରୁ ନୂଆଁଖାଇର ପରମ୍ପରା ରକ୍ଷା ହୋଇ ପାରୁଛି ।

ସାଧାରଣତ ଭାବେ ନୂଆଁଖାଇ ପର୍ବ ତିନିଦିନ ଧରି ପାଳନ କରାଯାଇଥାଏ । ନୂଆଁଖାଇର ପୂର୍ବଦିନକୁ 'ଉପାସ' ବୋଲି କୁହାଯାଏ । ଏହି ଦିନ ଗାଁର ଝାଙ୍କର (ଦେବୀ ପୂଜକ) ଉପବାସ ରହି ନିର୍ଦ୍ଦିଷ୍ଟ ଲଗ୍ନରେ ଜମିକୁ ଯାଇ ବିଧି ଅନୁସାରେ ପୂଜାପାଠ କରିବା ପରେ କ୍ଷୀର ଢାଳିଥାନ୍ତି । ଏହା ପରେ ମାଟି ଦେବତାକୁ କୃତଜ୍ଞତା ଅର୍ପଣ ପୂର୍ବକ ପାଚିଲା ଧାନକେଣ୍ଡା ସଂଗ୍ରହ କରି ଗାଁକୁ ଆଣନ୍ତି । ନୂଆଁ ଧାନକେଣ୍ଡାକୁ ଗ୍ରାମ ଦେବୀ ପିଠରେ ଚଢ଼ାଇ ପୂଜାଅର୍ଚ୍ଚନା ପରେ ଗାଁର ସମସ୍ତ ପରିବାରକୁ କିଛିକିଛି ଧାନ କେଣ୍ଡା ବଣ୍ଟନ କରାଯାଏ । ଆଗରୁ ନିଜେ ସଂଗ୍ରହ କରିଆଣିଥିବା ଧାନ କେଣ୍ଡାରେ ଝାଙ୍କର ଦେଇଥିବା ଧାନକେଣ୍ଡାକୁ ମିଶାଇ ନୂଆଁକୁଣ୍ଡା ପ୍ରସ୍ତୁତ କରାଯାଏ । ଦ୍ୱିତୀୟ ଦିବସ ହେଉଛି ନୂଆଁଖାଇ ପର୍ବର ମୁଖ୍ୟ ଦିନ । ଏହି ଦିନ ପାଇଁ ବହୁ ପୂର୍ବରୁ ଘରଦ୍ୱାର ଲିପାପୋଛା କରାଯାଇ ଘରେ ବ୍ୟବହାର ହେଉଥିବା ସମସ୍ତ ଲୁଗାପଟା, ଆସବାବପତ୍ର ଆଦି ଘରକରଣା ସାମଗ୍ରିକୁ ସଫା କରାଯାଇ ସାରିଥାଏ । ବାହାରେ ରହୁଥିବା ପରିବାର ସଦସ୍ୟଙ୍କୁ ନିମଂତ୍ରଣ କରି ଡକାଯାଇଥାଏ । ଭାଇଭାଇ ଅଲଗା ହୋଇ ରହୁଥିଲେ, ଯେଉଁ ଘରେ ପରିବାରର ବୟସ୍କ ବ୍ୟକ୍ତି ବାସ କରୁଥାନ୍ତି ସେଠାରେ ହିଁ ନୂଆଁଖିଆର ଆୟୋଜନ କରାଯାଏ । ପରିବାରର ମୁଖ୍ୟ ସୁଦ୍ଧପୁତ ହୋଇ ପୂର୍ବ ନିର୍ଦ୍ଧାରିତ ଲଗ୍ନରେ ଇଷ୍ଟଦେବୀ ଓ ଘରର ପିତୃପୁରୁଷଙ୍କୁ ସ୍ମରଣ କରି ବିଶେଷତଃ କୁରେଇ ପତ୍ରରେ ନୂଆଁ ଧାନରେ ପ୍ରସ୍ତୁତ ନୂଆଁକୁଣ୍ଡାକୁ ନୈବେଦ୍ୟ ଭାବରେ ଅର୍ପଣ କରିଥାନ୍ତି । ଏହା ପରେ ପୂର୍ବ ଦିଗକୁ ମୁହଁ କରି ଭୂମି ଉପରେ ବସିଥିବା ସମସ୍ତଙ୍କୁ ପରିବାରର ବୟସ୍କା ମହିଳା ଫୁଲ ଚନ୍ଦନ ଦେଇ ବନ୍ଧାପନା କରନ୍ତି । ବନ୍ଧାପନା ପରେ ଘରର ମୁରବୀଙ୍କ ଦ୍ୱାରା କ୍ଷୀର, ମହୁ, ଗୁଡ଼, ଛେନା, ଗଙ୍ଗାଜଳ, ତୁଳସୀପତ୍ର ଆଦିର ମିଶ୍ରଣ ରେ ପ୍ରସ୍ତୁତ ନୂଆଁଧାନ କୁଣ୍ଡାକୁ ବଣ୍ଟନ କରାଯାଏ । ସମସ୍ତେ ନୂଆଁକୁଣ୍ଡା ପାଇଲା ପରେ ଘରର ମୁରବୀ ହରିବୋଲ ଡାକ ପକାନ୍ତି ଓ ଏହାପରେ ଉପସ୍ଥିତ ସମସ୍ତେ ହରିବୋଲ କହି ନୂଆଁଅନ୍ନ ଗ୍ରହଣ କରିବାର ବିଧି ରହିଛି ।

ନୂଆଁଖିଆ ସରିଲା ପରେ ଆରମ୍ଭ ହୁଏ ଜୁହାର ଭେଟ । ସାନମାନେ ବଡ଼ ମାନଙ୍କୁ ପାଦ ଛୁଇଁ ଜୁହାର ହୁଅନ୍ତି । ବଡ଼ମାନେ ଅତି ଆଦରରେ ସାନ ମାନଙ୍କୁ ସ୍ନେହ ଶ୍ରଦ୍ଧା ସହ ଆଶୀର୍ବାଦ କରନ୍ତି । ପାରିବାରିକ ଜୁହାର ଭେଟ ପରେ ଆଗରୁ ପ୍ରସ୍ତୁତ ପାରମ୍ପରିକ ଖାଦ୍ୟରେ ସାମୁହିକ ଭୁରି ଭୋଜନ ସଂପନ୍ନ ହୁଏ । ଏହା ପରେ ଅସଲ ଜୁହାର ଭେଟ ହୁଏ ଗାଁ ଦାଣ୍ଡରେ । ମନ୍ଦିର ମଣ୍ଡପ, ଛକ ମାନଙ୍କରେ ଗାଁ ଯାକର ଲୋକ ସମବେତ ହୋଇ ଜୁହାର ଭେଟ ହୋଇଥାନ୍ତି । ଏହି ସମୟରେ ବିଭିନ୍ନ ଖେଳ କୌତୁକ ସହ ଭଜନ, କିର୍ତ୍ତନ, ଘୁମୁରା, ନାଚ ଗୀତ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ । ଆଜିକାଲି ତ ଏହି ଜୁହାର ଭେଟ କାର୍ଯ୍ୟକ୍ରମକୁ ବହୁ ଆଡ଼ମ୍ବରରେ ପାଳନ କରାଯାଉଛି । ସବୁଠାରୁ ବଡ଼ କଥା ହେଲା ଜୁହାର ଭେଟ ସମୟରେ ପୂର୍ବରୁ ନିଜନିଜ ମଧ୍ୟରେ ଥିବା ମନୋମାଳିନ୍ୟ, ଭେଦଭାବକୁ ସମସ୍ତେ ସଂପୂର୍ଣ୍ଣ ଭୁଲି ଯାଇଥାନ୍ତି ।

ନୂଆଁଖାଇର ତୃତୀୟ ଦିବସକୁ 'ନୂଆଁଖାଇ ବାସି' କୁହାଯାଏ । ପୂର୍ବଦିନର ବଳକା ବାସିପିଠାକୁ ଏହି ଦିନ ଖାଇବାର ପରମ୍ପରା ରହିଛି । ବାସିଦିନ ମୁଖ୍ୟତଃ ଆମିଷ ଭୋଜନକୁ ପ୍ରାଧାନ୍ୟ ଦିଆଯାଏ । ବାସି ଅବସରରେ ସଂପର୍କୀୟ ପରିବାର ଓ ବନ୍ଧୁବାନ୍ଧବ ମାନଙ୍କୁ ଘରକୁ ଡାକି ଆମିଷ ଭୋଜନରେ ଆପ୍ୟାୟିତ କରାଯାଏ । ଏହି ଭେଟଘାଟ କାର୍ଯ୍ୟକ୍ରମ ମାସାଧିକ ସମୟ ଲାଗି ରହିଥାଏ ।

ଗଣପର୍ବ ନୂଆଁଖାଇ ଖୁବ ଜୀବନ୍ତ ମନେ ହୁଏ କାରଣ ଏହି ପର୍ବରେ ଭାତଭାବ, ଏକତା, ଆନ୍ତରିକତା ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ସଂପର୍କ ପୁର୍ନଜୀବିତ ହେଉଥିବା ପରିଲିକ୍ଷିତ ହୁଏ । ଯାହା ଦ୍ୱାରା ଆମ ସାମାଜିକ ପ୍ରତିବଦ୍ଧତା ସୁଦୃଢ଼ ହେବା ସହ ଆତ୍ମୀକ ଭାବଧାରାର ସ୍ରୋତ ହୁଏ ଋଦ୍ଧିମନ୍ତ ।


ଶିକ୍ଷକ , ସିନାପାଲି,ନୂଆପଡ଼ା
ମୋ: ୯୭୭୭୭୫୩୯୩୫



ରମେଶ ଚନ୍ଦ୍ର ନାୟକ


## ପଶ୍ଚିମ ଓଡ଼ିଶାର ଗଣପର୍ବ - ନୂଆଖାଇ



ଜନସାଧାରଣଙ୍କ ମନରେ ଭକ୍ତିଭାବର ଉଦ୍ରେକ କରିବା ନିମନ୍ତେ ଆଦିମ କାଳରୁ ଅଦ୍ୟାବଧି ଓଡ଼ିଶାରେ ବିଭିନ୍ନ ପର୍ବପର୍ବାଣି ପାଳିତ ହୋଇଆସୁଛି । ସାମାଜିକ ବ୍ୟବସ୍ଥା ମଧ୍ୟରେ ସେହି ପର୍ବଗୁଡ଼ିକ କେତେକ କୃଷି ଭିତ୍ତିକ ଓ କେତେକ ଋତୁ ଭିତ୍ତିକ ଭାବରେ ଅଭିହିତ ହୋଇଥାଏ । ପବିତ୍ର ନୂଆଖାଇ ପର୍ବ ହେଉଛି ପଶ୍ଚିମ ଓଡ଼ିଶାର ଏକ କୃଷିଭିତ୍ତିକ ପ୍ରଧାନ ଗଣପର୍ବ ।ଓଡ଼ିଶାରେ ପାର୍ବଣର ଋତୁ ସହ ଆସିଛି ନୂଆଖାଇ ।

ଭାଇଚାରା ଓ ସୌହାର୍ଦ୍ଦ୍ୟର ପବିତ୍ର ପର୍ବ ନୂଆଖାଇ ପାଇଁ ଦେଶ ବିଦେଶରୁ ଫେରି ଆସନ୍ତି ବାସିନ୍ଦା । ଇଷ୍ଟଦେବୀ , କୁଳଦେବୀଙ୍କ ଠାରେ ନବାନ୍ନ ଲାଗିବା ପରେ ଏକାନ୍ନବର୍ତ୍ତୀ ପରିବାର , ଜାତିସମାଜ, ଗାଁ ତଥା ଅନୁଷ୍ଠାନ ଭିତ୍ତିରେ ଏକାଠି ବସି ନବାନ୍ନ ଭକ୍ଷଣ କରିଥାନ୍ତି । ପୂର୍ବ ରାଗରୋଷକୁ ଭୁଲି ହୁଅନ୍ତି ' ଜୁହାର ' ଭେଟଭାଟ୍ । ନିଜଠୁ ବଡଙ୍କୁ ମୁଣ୍ଡିଆ ମାରି ଆଶୀର୍ବାଦ ଭିକ୍ଷା କରିଥାନ୍ତି । ଓଡ଼ିଶାରେ ବିଶେଷକରି ପଶ୍ଚିମାଞ୍ଚଳରେ ଘରେ ଘରେ ନୂଆଖାଇର ମହକ ବିଚ୍ଛୁରିତ ହେବାରେ ଲାଗିଛି । ପ୍ରକୃତି ତଥା ଦିବ୍ୟସତ୍ତାଙ୍କ ପ୍ରତି କୃତଜ୍ଞତାର ଏହି ପର୍ବ ବାସ୍ତବରେ ସଭିଙ୍କ ମନରେ ଭରିଦିଏ ଭାଇଚାରାର ବାତାବରଣ ।

ବିଶ୍ୱର ଆଦିମ କୃଷିଭିତ୍ତିକ ଏହି ମହାନ ଗଣପର୍ବ ' ନୂଆଖାଇ ' ଓଡ଼ିଶାର ପଶ୍ଚିମାଞ୍ଚଳରେ ଶ୍ରଦ୍ଧା ସହକାରେ ପାଳିତ ହୋଇଥାଏ । ପ୍ରତିବର୍ଷ ଗଣେଶ ଚତୁର୍ଥୀର ପରବର୍ତ୍ତୀ ଦିନ ଅର୍ଥାତ୍ ଭାଦ୍ରବ ମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ମହାସମାରୋହରେ ଏହା ପାଳନ କରାଯାଇଥାଏ । ନୂତନ ଭାବରେ ଉତ୍ପାଦିତ ଶସ୍ୟକୁ ଦେବାଦେବୀଙ୍କୁ ସମର୍ପଣ କରାଯିବା ପରେ ଶ୍ରଦ୍ଧାର ସହିତ ନିଜେ ଭକ୍ଷଣ କରିବା ଏହି ପର୍ବର ମୁଖ୍ୟ ଉଦ୍ଦେଶ୍ୟ । ଏହି ଅବସରରେ ଜନମାନସରେ ପ୍ରକାଶ ପାଉଥିବା ଆନନ୍ଦ ଉଲ୍ଲାସର ରୂପାନ୍ତର ହେଉଛି ' ନୂଆଖାଇ ' ପର୍ବର ଅନୁଚିନ୍ତା । ଯଦିଓ ବହୁ ପ୍ରାଚୀନ କାଳରୁ ଲୋକମୁଖରେ ଏହି ପର୍ବ ପାଳିତ ହୋଇଆସୁଛି , ମାତ୍ର ସାମ୍ପ୍ରତିକ ଯୁଗରେ ଏହି ପର୍ବର ଗଣମାଧମରେ ପ୍ରସାର ଅଧିକ ଲୋକପ୍ରିୟତା ହାସଲ କରିପାରିଛି । ଉକ୍ତ ଦିନରେ ସରକାରୀ ଛୁଟି ଘୋଷଣା ଏହି ପର୍ବକୁ ଅଧିକ ମହିମାନ୍ୱିତ କରିବା ସଙ୍ଗେ ସଙ୍ଗେ ଲୋକମାନେ ଆନନ୍ଦ ସହକାରେ ଏହାକୁ ପାଳନ କରିବାରେ ସୁବିଧା ସୁଯୋଗ ପାଇଥାନ୍ତି ।

ନୂଆଖାଇ ଦିନ ପୂଜା ସାମଗ୍ରୀ ଦୀପ , ଧୂପ , ଫୁଲ , କ୍ଷୀର ଆଦି ନେଇ ଚାଷୀ ବଡ଼ି ଭୋରରୁ ଧାନ କ୍ଷେତକୁ ଯାଇଥାଏ । ଧାନ କ୍ଷେତକୁ ଦୀପ ଧୂପ ଦେଇ ପୂଜାର୍ଚ୍ଚନା କରିବା ପରେ କ୍ଷୀରରେ ଧୋଇ ଏହିଭଳି ସୁନା ଫସଲ

ଘରକୁ ଆସୁ ବୋଲି ମନାସିଥାନ୍ତି । ଘରକୁ ଯାଇ ଗାଈ ବଳଦ ମାନଙ୍କୁ ଗାଧୋଇ ଫୁଲ ଚନ୍ଦନରେ ପୂଜା କରନ୍ତି । ନୂଆ ଶସ୍ୟରେ ଖିରି , ପିଠା ଆଦି ପ୍ରସ୍ତୁତ କରାଯାଏ । ଇଷ୍ଟଦେବୀଙ୍କୁ ଘରର ମୁରବିମାନେ ଭୋଗ ଲାଗି କରିବା ପରେ ପରିବାରର ସମସ୍ତେ ଏକାଠି ବସି ନବାନ୍ନ ଭକ୍ଷଣ କରିଥାନ୍ତି । ଏହି ପର୍ବର ଅନ୍ୟ ଏକ ବିଶେଷତ୍ୱ ହେଉଛି ଏଥିରେ ପ୍ରକୃତି ଓ ବୃକ୍ଷଲତାକୁ ପ୍ରାଧାନ୍ୟ ଦେଇ ବିଭିନ୍ନ ପ୍ରକାର ଯଥା ମହୁଲ , କୁଳେଇ, ସରଗୀ ପତ୍ରରେ ତିଆରି ଖଲି ବା ଦନାରେ ପରିବାରର ସମସ୍ତେ ଏକାଠି ନବାନ୍ନ ଖାଇଥାନ୍ତି ।

ସମ୍ବଲପୁରରେ ଅଧିଷ୍ଠାତ୍ରୀ ଦେବୀ ସମଲେଶ୍ୱରୀ , ପାଟଣାଗଡରେ ପାଟଣେଶ୍ୱରୀ , ଭବାନୀପାଟଣାରେ ମାଣିକେଶ୍ୱରୀ ତଥା ଅନ୍ୟ ସ୍ଥାନ ସମୂହରେ ପୂଜିତ ଅଧିଷ୍ଠିତ ଦେବାଦେବୀ ଏବଂ ସମସ୍ତ ଦେବାଳୟରେ ନୂତନ ଶସ୍ୟର ଅନ୍ନ ସମର୍ପଣ କରାଯିବା ପରେ ଲୋକେ ପରିବାରବର୍ଗଙ୍କ ସହିତ ମିଳିତ ଭାବରେ ପ୍ରସାଦ ସେବନ କରିଥାନ୍ତି । ତା' ଫଳରେ ବସୁଧୈବ କୁଟୁମ୍ବକମ୍ ସଦୃଶ ପରିକଳ୍ପନା କରାଯାଇଥାଏ । ଅର୍ଥାତ୍ ସମଗ୍ର ବସୁଧାରେ ଏକ ପରିବାର ମନ୍ତ୍ରର ପରିପ୍ରକାଶ ଘଟିଥାଏ ।

ସାମ୍ପ୍ରତିକ ସମୟରେ ନୂଆଖାଇର ପୂର୍ବଭଳି ମଜା ଆଉ ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏଥିପାଇଁ ବହୁ ଆଗରୁ ସଜବାଜ ଆରମ୍ଭ ହେଉଥିଲା ବେଳେ ନବାନ୍ନ ଭକ୍ଷଣ ପରେ ଧନୀ - ଗରିବ ନିର୍ବିଶେଷରେ ପ୍ରତି ଘରେ ଏକ ବଡ଼ ଭୋଜିର ଆୟୋଜନ ହେଉଥିଲା । ବାହାଘର ଆଦିକୁ ଛାଡିଦେଲେ ସେଇଭଳି ଭୋଜି ପାଇଁ ପ୍ରାୟ ସମସ୍ତେ ଅପେକ୍ଷା କରି ରହୁଥିଲେ । ଦୂରଦୂରାନ୍ତରେ ରହୁଥିବା ଜ୍ଞାତିକୁଟୁମ୍ବ ଧାଇଁ ଆସୁଥିଲେ । ସେତେବେଳେ ପରିବାର କହିଲେ ଅଜାଙ୍କ ଭାଇମାନଙ୍କ ପରିବାର ସହିତ ନାତି ଅଣନାତି ପର୍ଯ୍ୟନ୍ତ ଏକ ପାରିବାରିକ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ଥିଲା ।ନୂଆଖାଇ ବେଳେ ଘରମାନଙ୍କରେ ଅତି କମରେ

୪୦ ରୁ ୫୦ ଜଣ ଏକାଠି ହେଉଥିଲେ ।ତା'ସହିତ ଗ୍ରାମର ଓ ବନ୍ଧୁଘରର ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କୁ ମଧ୍ୟ ନିମନ୍ତ୍ରିତ କରି ସାମିଲ କରାଯାଉଥିଲା । ନୂଆ ଖାଇବା ପାଇଁ ଘରର ସମସ୍ତେ ଏକ ସ୍ଥାନରେ ବସୁଥିଲା । ଛୋଟ ଛୁଆଠାରୁ ଆରମ୍ଭ କରି ବୃଦ୍ଧବୃଦ୍ଧା ପର୍ଯ୍ୟନ୍ତ ଏଥିରେ ସାମିଲ ହୁଅନ୍ତି ।ଘରର ମୁରବୀ ଘରେ ପୂଜା ହେଉଥିବା

ଦେବାଦେବୀଙ୍କ ଠାରେ ନୂଆ ଚାଉଳ ଭୋଗଲାଗି କରିବା ପରେ ମନ୍ତ୍ର ଉଚ୍ଚାରଣ କରୁଥିଲେ ଓ ନୂଆ ଚାଉଳ ମୁଣ୍ଡରେ ମାରି ' ଏଇମିତି ସବୁଦିନ ମିଳୁ ଥାଉ '

ବୋଲି କହି ପ୍ରଥମେ ଖାଉଥିଲେ । ତା'ପରେ ସମସ୍ତେ ନୂଆ ଚାଉଳ ମୁଣ୍ଡରେ ମାରି ଏକ ସଙ୍ଗରେ ନବାନ୍ନ ଭକ୍ଷଣ କରୁଥିଲେ । ଏକ ସମୟ ଥିଲା ନବାନ୍ନ ଭକ୍ଷଣ ପରେ ଜୁହାର ଭେଟରେ ଗୁରୁଜନମାନଙ୍କୁ ମୁଣ୍ଡିଆ ମାରି ଏକାନ୍ନବର୍ତ୍ତୀ ପରିବାରର ବାଳକ ବାଳିକାମାନେ ଆନନ୍ଦ ଉପଭୋଗ କରିବା ସହ ସୁରକ୍ଷିତ ଓ ଶୃଙ୍ଖଳିତ ମଧ୍ୟ ରହୁଥିଲେ । ଶିଶୁମାନଙ୍କ ଚରିତ୍ର ଗଠନ, ଅନୁଶାସନ ଓ ମାର୍ଗଦର୍ଶନରେ ଏହା ସହାୟକ ହେଉଥିଲା । ତେବେ ଜୁହାର ଭେଟ ଏବେ ଔପଚାରିକତାରେ ରହିଯାଇଛି । ଫେସବୁକ ତଥା ହ୍ୱଟସଅପ୍ ମାଧମରେ ଲୋକେ ଜୁହାର୍ କରୁଛନ୍ତି ।

ଅନ୍ୟପକ୍ଷରେ ନୂଆଖାଇ ଭେଟଭାଟ୍ ଏକ ସାଂସ୍କୃତିକ କାର୍ଯ୍ୟକ୍ରମରେ ପରିଣତ ହୋଇଛି । ଓଡ଼ିଶାର ପଶ୍ଚିମାଞ୍ଚଳର ପ୍ରମୁଖ ଗଣପର୍ବ ନୂଆଖାଇ ଆଉ ସୀମିତ ହୋଇ ରହିନାହିଁ । ମୁମ୍ବାଇ , ଦିଲ୍ଲୀ, ଚେନ୍ନାଇ , ହାଇଦ୍ରାବାଦ, ବେଙ୍ଗାଲୁରୁ ସହିତ ସୁଦୂର ଦୁବାଇ , କାନାଡା , ନ୍ୟୁୟର୍କ, ଲଣ୍ଡନ ଆଦିରେ ବସବାସ କରୁଥିବା ପ୍ରବାସୀ ଓଡିଆମାନେ ଦେବାଦେବୀଙ୍କୁ ଭୋଗ ଅର୍ପଣ କରି ନୂଆଖାଇ ପାଳନ କରୁଛନ୍ତି । ଏଥିରେ ରହିଛି ପଶ୍ଚିମ ଓଡ଼ିଶାର ସଂସ୍କୃତି ତଥା ଆମ ମାଟିର ଗନ୍ଧ । ତେବେ ଚାଷ ଓ ଚାଷୀର ବଜାର ତଥା ଅନ୍ୟ ସମସ୍ୟାର ସମାଧାନ ହେଉନଥିବାରୁ କୌଳିକ ବୃତ୍ତି ଛାଡି ଚାଷୀ ପରିବାର ସହରାଭିମୁଖୀ ହେଉଛନ୍ତି ।ଦାଦନ ଖଟିବାକୁ ଯାଉଛନ୍ତି ଚାଷୀପୁଅ । ନୂଆଖାଇର ସ୍ୱରୂପ ବଦଳିବା ସହ ଆଗାମୀ ଦିନରେ ଏହା ସହରାଞ୍ଚଳରେ ସୀମିତ ହୋଇ ରହିଯିବାର ଆଶଙ୍କା ଦେଖାଦେଇଛି । ଅତଏବ ଏହି ପରମ୍ପରାର ଅନନ୍ୟ ଉତ୍ସାହ ଉଦ୍ଦୀପନା ଆଜି ହଜି ଯାଉଥିବା ଦେଖାଯାଉଛି ।


+ କେଶରପୁର , ବକ୍ସି ବଜାର , କଟକ
ମୋ :- ୭୯୭୮୧୫୧୭୧୦.


## ନବାନ୍ନ ଓ ନାରୀ ଚେତନା


ଡ଼ଃ. ଅରୁନ୍ଧତୀ ଦେବୀ


ମାଟି ସହ ମଣିଷର ଭାବାବେଗ ସମ୍ପର୍କ ଅତ୍ୟନ୍ତ ପ୍ରାଚୀନ ଓ ନିବିଡ଼ । ଓଡ଼ିଆ ଜନ ଜୀବନରେ ଗ୍ରାମୀଣ ଖଟିଖିଆ ମଣିଷଟି ହେଉ ବା କୃଷକ ମାଟି ସହ ନିଜେ ମାଟି ହୋଇ ସେ ପାଲଟିଥାଏ 'ମାଟିର ମଣିଷ' । ଆଉ ମାଟି ସହ ମିଶି ସେ ଯେଉଁ ଶସ୍ୟଟି ଉତ୍ପାଦନ କରିଥାଏ କୃତଜ୍ଞତା ଓ ଭକ୍ତିନୈବେଦ୍ୟ ସ୍ୱରୂପ ସେ ନିଜର ଉତ୍ପାଦିତ ପ୍ରଥମ ଶସ୍ୟକୁ ସେହି ମାଟି ମାଆ ପାଖରେ ନୈବେଦ୍ୟପୂର୍ବକ ଅର୍ପଣ କରିଥାଏ । ପଶ୍ଚିମ ଓଡ଼ିଶାର ପାରମ୍ପରିକ ନୂଆଖାଇ ପରମ୍ପରା ଲୌକିକ ଦିଗଟିକୁ ସୂଚିତ କରିଥାଏ । ପ୍ରାଚୀନ ଶାସ୍ତ୍ରରେ ବି ଲେଖାଯାଇଛି ଯେ କୃଷି କ୍ଷେତରୁ ଉତ୍ପାଦିତ ଶସ୍ୟର ପ୍ରଥମ ଶସ୍ୟରାଶି ଭଗବାନଙ୍କ ପଦାରବିନ୍ଦରେ ସମର୍ପଣ ହୋଇଥାଏ । ମାଟି ମାଆର ଅନେକ ଆଶୀର୍ବାଦରୁ ଏହି ମାନବ ସମାଜ ଚିରକାଳ ଅନ୍ନପ୍ରାପ୍ତି କରିପାରିଥାଏ । ତେଣୁ ମାଟି ଓ ମଣିଷର ମିଳନର ପର୍ବ ନୂଆଖାଇରେ ଉଭୟ ଲୌକିକ ଓ ଆଧ୍ୟାତ୍ମିକ ତଥା ପାରମ୍ପରିକ ମୂଲ୍ୟବୋଧ ରହିଛି । ଶସ୍ୟପୂଜା ହେଉଛି ନବାନ୍ନର ମୂଳଭିତ୍ତି । ତୈତ୍ତିରୀୟ ଉପନିଷଦରେ ଲେଖା ଅଛି - 'ଅନ୍ନଂ ବ୍ରହ୍ମେତି ବ୍ୟଜାନାତ୍ ଅନ୍ନାଦେବ ଖଲ୍ୱିମାନି ଭୁତାନି ଜାୟନ୍ତେ, ଅନ୍ନେନ ଜାତାନି ଜୀବନ୍ତି, ଅନ୍ନଂ ପ୍ରୟନ୍ତ୍ୟଭିସଂବିଶନ୍ତୀତି ।' ଏହାର ମୂଳ ଅର୍ଥ ହେଉଛି ଅନ୍ନ ବା ଖାଦ୍ୟ ହେଉଛି ଈଶ୍ୱର । ଜୀବନର ପ୍ରତିଟି ପର୍ଯ୍ୟାୟରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଓଡ଼ିଆର ଚିନ୍ତା ଚେତନାରେ ନବାନ୍ନ ବା ନୂଆଖାଇର ଭୂମିକା ଯେତିକି ଗୁରୁତ୍ୱପୂର୍ଣ୍ଣ ତତୋଧିକ ଆଧ୍ୟାତ୍ମିକ ଭାବଧାରାରେ ପରିପୂର୍ଣ୍ଣ । ପଶ୍ଚିମ ଓଡ଼ିଶାରେ ସ୍ୱତନ୍ତ୍ର ରୀତିନୀତିରେ ପାଳିତ ହେଉଥିବା ନୂଆଖାଇରେ ସ୍ୱତନ୍ତ୍ରତା ରହିଛି । ନୂଆଖାଇ ସମଗ୍ର ପଶ୍ଚିମାଞ୍ଚଳ ପାଇଁ ମହାପାର୍ବଣ କହିଲେ ଅତ୍ୟୁକ୍ତି ହେବନାହିଁ । ନବାନ୍ନର ମୁହୂର୍ତ୍ତ ନିର୍ଣ୍ଣୟ କରିବାର ପଦ୍ଧତି ମଧ୍ୟ ପ୍ରାଚୀନ ଓ ପରମ୍ପରାରେ ପରିପୂର୍ଣ୍ଣ । ନବାନ୍ନର ଯଥେଷ୍ଟ ପୂର୍ବରୁ ନୂତନ ଧାନ ସଂଗ୍ରହ କରାଯାଇ ଏହାପାଇଁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥାଏ । ପରିବାରର ବହୁମାନେ ସ୍ନାନକର୍ମ ଶେଷକରି ପୂଜାସ୍ଥାନ ଓ ଘରର ପ୍ରତିଟି କ୍ଷେତ୍ରକୁ ପରିଷ୍କାର କରିଥାନ୍ତି । ପରିବାରର ଆର୍ଥିକସ୍ଥିତିକୁ ଦେଖି ମହିଳାମାନେ ପିଠାପଣା, କ୍ଷୀରି ଖେଚୁଡ଼ି ସହ ପୂଜା ସାମଗ୍ରୀ ତିଆରି କରିଥାନ୍ତି । ନବାନ୍ନ ପ୍ରସ୍ତୁତିରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ନବାନ୍ନ ପୂଜା ସମୟରେ ସର୍ବପ୍ରଥମେ ଘରର ଇଷ୍ଟଦେବ ବା ଦେବୀଙ୍କ ସହ ମହାଲକ୍ଷ୍ମୀଙ୍କୁ ପୂଜା କରାଯାଏ । ପୂଜାଘରେ ସମସ୍ତେ ପ୍ରସାଦ ସେବନ କରି ନିଜ ଭିତରେ ପ୍ରେମର ଫଲ୍‌ଗୁକୁ ସମସ୍ତଙ୍କ ପାଖରେ ବିତରଣ ପାଇଁ ସଂକଳ୍ପବଦ୍ଧ ହୁଅନ୍ତି । ଭାଇ ଭାଇ ମଧ୍ୟରେ ମନ ମାଳିନ୍ୟ ଥିଲେ ମଧ୍ୟ ସାନଭାଇ ବଡ଼ ଭାଇଙ୍କ ଘରକୁ ପ୍ରସାଦ ପାଇ ଆଶୀର୍ବାଦ କାମନା କରିଥାନ୍ତି । ସେହିପରି ପ୍ରସାଦ ସେବନ ପରେ ଘରେ ଇଷ୍ଟଦେବୀଙ୍କୁ ଦର୍ଶନ କରି କନିଷ୍ଠମାନେ ପରିବାରର ବରିଷ୍ଠ ଓ ବୟୋଜ୍ୟେଷ୍ଠମାନଙ୍କୁ ଭୂମିଷ୍ଠ ପ୍ରଣାମ କରିଥାନ୍ତି । ଅଥର୍ବ ବେଦର ତଥ୍ୟ ଅନୁଯାୟୀ ଭାଇ ଭାଇ ଭିତରେ ଦ୍ୱେଷ ନରହୁ, ଭଉଣୀ ଭଉଣୀକୁ ଘୃଣା ନକରି ସ୍ନେହ କରୁ । ସମସ୍ତଙ୍କ ଭିତରେ ସଦ୍‌ଜ୍ଞାନ ଜାତ ହେଉ, ସମସ୍ତେ ନିର୍ମଳ ଚିତ୍ତ ହୋଇ ଜଳ ଓ ଅନ୍ନର ସାମଗ୍ରୀ ସମାନ ହେଉ । ନବାନ୍ନର ଏହି ମହାନ୍ ସାଂସ୍କୃତିକ ବାଣୀ ଅଥର୍ବବେଦର ଭାଷାରେ 'ମା ଭ୍ରାତା ଭ୍ରାତରଂ ଦ୍ୱିକ୍ଷନ୍, ମୋ ସ୍ୱସାରମୁତ ସ୍ୱସା ।' ପାରିବାରିକ କ୍ଷେତ୍ରରେ ସୌହାର୍ଦ୍ଦ୍ୟ ସଂହତି ସ୍ଥାପନ ଓ ସାମାଜିକ କ୍ଷେତ୍ରରେ ମାତୃସମାଜର ମହନୀୟତା ପରିସ୍ଫୁଟିତ ହୋଇଥାଏ । ନବାନ୍ନ ପ୍ରସ୍ତୁତି ଠାରୁ ଶେଷ ପର୍ଯ୍ୟାୟ ପର୍ଯ୍ୟନ୍ତ ସବୁଠି ମହିଳାଙ୍କ ଭୂମିକା ରହିଛି । ନବାନ୍ନ ପରମ୍ପରାରେ ନାରୀ ସମାଜର ସେବା, ଭଲ ପାଇବା ଓ ଆଦର୍ଶର ପରାକାଷ୍ଠା ସମସ୍ତଙ୍କ ପାଇଁ ଆଦର୍ଶଣୀୟ ହୋଇପାରିଥାଏ । ଅନ୍ନ ପ୍ରସ୍ତୁତି ଠାରୁ ସଂସାର ପରିଚାଳନାରେ ନାରୀର ଭୂମିକା ନିହିତ । ପରିବାରର ସମସ୍ତ ଦାୟିତ୍ୱକୁ ନିର୍ବାହ କରୁଥିବା ମହିଳାମାନେ ନବାନ୍ନରେ ନିଜର ଦାୟିତ୍ୱବୋଧତାକୁ ସୁଚାରୁରୂପେ ସମ୍ପାଦିତ କରିଥାନ୍ତି । ଘରର ବୟୋଜ୍ୟେଷ୍ଠଙ୍କ ଠାରୁ କନିଷ୍ଠ ପିଲାଙ୍କ ପାଇଁ ଘରର ମହିଳା ମାନଙ୍କ ଭୂମିକା ବାସ୍ତବିକ ଗୁରୁତ୍ୱପୂର୍ଣ୍ଣ । ଭାରତୀୟ ସଂସ୍କୃତି ଓ ଦର୍ଶନକୁ ଦେଖିଲେ ତୈତ୍ତିରୀୟ ଉପନିଷଦର ଭାଷାରେ 'ଅନ୍ନଂ ନ ନିନ୍ଦାତ୍ । ତଦ୍‌ବ୍ରତମ୍, ଅନ୍ନଂ ନ ପରିଚକ୍ଷୀତ । ତଦ୍‌ବ୍ରତମ୍, ଅନ୍ନଂ ବହୁ କୁର୍ବୀତ । ତଦ୍‌ବ୍ରତମ୍'


+ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,
ମୋ : ୯୯୩୭୧୭୨୮୧୦




# ସ୍କ୍ରବ୍ ଟାଇଫସରେ ଲାଗିପାରିନି ଲଗାମ: ସୁନ୍ଦରଗଡ଼ରେ ଆଜି ପୁଣି ୧୦ ଚିହ୍ନଟ, ଆକ୍ରାନ୍ତଙ୍କ ସଂଖ୍ୟା ୧୯୩କୁ ବୃଦ୍ଧି



ସୁନ୍ଦରଗଡ଼, ୧୯/୦୯ (ନି.ପ୍ର): ସୁନ୍ଦରଗଡ଼ରେ ସ୍କ୍ରବ ଟାଇଫସ ଆକ୍ରାନ୍ତଙ୍କ ସଂଖ୍ୟା ପ୍ରତିଦିନ ବଢ଼ିଚାଲିଛି। ରବିବାର ୧୧, ସୋମବାର ୩ ଚିହ୍ନଟ ହୋଇଥିଲେ। ଆଜି ପୁଣି ୧୦ ଚିହ୍ନଟ ହୋଇଛି। ଏହା ସହ ସଂଖ୍ୟା ୧୯୩ରେ ପହଞ୍ଚିଛି। ତେବେ ଏହା ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ଓ ରାଉରକେଲା ସରକାରୀ ଡାକ୍ତରଖାନାରେ ହୋଇଥିବା ପରୀକ୍ଷାର ରିପୋର୍ଟ। ଘରୋଇ ଭାବେ ପ୍ରକାଶିତ ତଥ୍ୟାନୁସାରେ ଆକ୍ରାନ୍ତ ସଂଖ୍ୟା ୫ ଶହ ଟପି ଯାଇଥିବା କୁହାଯାଉଛି। କେବଳ ରାଜଗାଙ୍ଗପୁରର ଏକ ଘରୋଇ କ୍ଲିନିକରେ ୧୫୦ରୁ ଅଧିକ ସ୍କ୍ରବ୍ ଟାଇଫସ ଚିହ୍ନଟ ହୋଇଥିବା ସୂଚନା ମିଳିଛି। ୧୪ ତାରିଖରେ ଜିଲ୍ଲାରେ ରାଜ୍ୟର ସର୍ବାଧିକ ୩୦ ଚିହ୍ନଟ ହୋଇଥିଲା। ଗତ ଜାନୁଆରିରେ ମାତ୍ର ୪ଜଣ ଚିହ୍ନଟ ହୋଇଥିଲେ। ତାପର ଠାରୁ ଏହା ବୃଦ୍ଧି ପାଇ ୧୮୩ରେ ପହଞ୍ଚିଛି। ସ୍କ୍ରବ୍ ଟାଇଫସରେ ଜଣକର ମୃତ୍ୟୁ ହୋଇଥିବାବେଳେ ଠିକ୍ ସମୟରେ ଉପଯୁକ୍ତ ଚିକିତ୍ସା ଯୋଗାଇ ଦିଆଯାଇଥିବାରୁ ଅନ୍ୟ ଆକ୍ରାନ୍ତମାନେ ସୁସ୍ଥ ଥିବା ସିଡିଏମଓ ଡ. କାହ୍ନୁଚରଣ ନାୟକ କହିଛନ୍ତି। ଅନ୍ୟପଟେ ଆଶା, ଅଙ୍ଗନବାଡ଼ି କର୍ମୀଙ୍କ ଜରିଆରେ ଲୋକଙ୍କୁ ସଚେତନ କରାଯିବା ସହ ରୋଗ ଚିହ୍ନଟ ପାଇଁ ବ୍ୟାପକ ପରୀକ୍ଷା କରାଯାଉଥିବା, କୌଣସି ବ୍ୟକ୍ତିଙ୍କଠାରେ ଏହି ରୋଗର ଲକ୍ଷଣ ଦେଖାଗଲେ, ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବାକୁ କୁହାଯାଉଥିବା, ଆବଶ୍ୟକ ପଡ଼ିଲେ, ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଉଥିବା ଡାକ୍ତରଖାନା ସୂତ୍ରରୁ ପ୍ରକାଶ। କିନ୍ତୁ ଏ ସଚେତନତା କେବଳ କାଗଜପତ୍ରରେ, ବାସ୍ତବରେ ଗ୍ରାମାଞ୍ଚଳର ଲୋକଙ୍କ ପାଖରେ ଏଯାଏ ଏ ରୋଗ ସମ୍ପର୍କରେ ବିଶେଷ ସୂଚନା ପହଞ୍ଚି ନଥିବା ଜଣାପଡିଛି।

# ବୋତଲମା ଓ ହଜରେ ରକ୍ତଦାନ ଶିବିର: ୧୦୧ ୟୁନିଟ ରକ୍ତ ସଂଗୃହୀତ

ଖୋର୍ଦ୍ଧା, ୧୯/୦୯ (ନି.ପ୍ର): ବେଗୁନିଆ ବ୍ଲକ ଅନ୍ତର୍ଗତ ବୋତଲମା ଗ୍ରାମ ପଞ୍ଚାୟତର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ହଜ ଗ୍ରାମ ପଞ୍ଚାୟତର ରାଜୀବ ଗାନ୍ଧୀ ସେବା କେନ୍ଦ୍ର ଠାରେ ସୋମବାର ଓଡ଼ିଶା ମୋ ପରିବାର ଆନୁକୂଲ୍ୟରେ ଜୀବନ ବିନ୍ଦୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତର ପ୍ରତିନିଧି,ଯୁବ, ଛାତ୍ର,ମହିଳା ମାନେ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।ବିଜୁ ଯୁବ ଜନତା ଦଳ ପକ୍ଷରୁ ଆୟୋଜିତ ଏହି ଶିବିର କୁ ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଅବ୍ୟକ୍ତ ହରିହର ଖାଡଙ୍ଗା,ରାଜ୍ୟ ସମ୍ପାଦକ ଶୁଭକାନ୍ତ ମହାପାତ୍ର ସଂଯୋଜନା କରିଥିଲେ। ବେଗୁନିଆ ବିଧାୟକ ତଥା ଖୋର୍ଦ୍ଧା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ସାହୁ ଶିବିର ଗୁଡ଼ିକୁ ଉଦ୍ଘାଟନ କରିଥିବା ବେଳେ ଉପସ୍ଥିତ ଥିଲେ ବେଗୁନିଆ ବ୍ଲକ ର ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ,ଜିଲ୍ଲା ପରିଷଦ ସଭ୍ୟକ୍ଷ ତନୁଜା ପାଟସାଣୀ, ଆମ୍ବା ଅଧ୍ୟକ୍ଷ ଦୀପ୍ତି ରଞ୍ଜନ ସାହୁ, ସରପଞ୍ଚ ହଜ ଦମୟନ୍ତୀ ସାମନ୍ତରାୟ, ବୋତଲମା ସରପଞ୍ଚ ପ୍ରମୋଦ କୁମାର ଦଳେଇ, ପୁଲକ୍ ବଡ଼ଜେନା, ସୁଧାକର ରାଉତରାୟ,ପ୍ରଣବ ରାୟ, ସର୍ବେଶ୍ୱର ମଙ୍ଗରାଜ,ବାବୁଲି ମହାରଣା, ପ୍ରଦୀପ ବେହେରା, ଗଙ୍ଗାଧର ବେହେରା,ଦିବାକର ବାରିକ , ସୁବାସ ମହାନ୍ତି, ଶିଶିର ସାମନ୍ତରାୟ, ଲିଙ୍ଗରାଜ ସାହୁ , ଶାନ୍ତି ଲତା ରଣସିଂହ, ଜ୍ୟୋତିରଂଜନ ଖଡଙ୍ଗା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ କୁ ସଫଳ କରିଥିଲେ। ଖୋର୍ଦ୍ଧା ବ୍ଲଡ଼ ବ୍ୟାଙ୍କ ଦ୍ୱାରା ବୋତଲମା ଠାରେ ୫୦ ୟୁନିଟ ଓ ହଜ ଠାରେ ନୟାଗଡ ବ୍ଲଡ଼ ବ୍ୟାଙ୍କ ଦ୍ୱାରା ୫୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିବା ବେଳେ ବହୁ ମହିଳା ଏଥିରେ ରକ୍ତଦାନ କରିଥିଲେ। ସବୁଠାରୁ ବଡ଼ କଥା ହେଲା ଏହି ଶିବିରରେ ଚାରି ବର୍ଷ ତଳେ ରେଳ ଦୁର୍ଘଟଣାରେ ଦୁଇଟି ଗୋଡ଼ ହରାଇଥିବା ଜଣେ ଦିବ୍ୟାଙ୍ଗ ଦ୍ୱିଜବର୍ ସାମନ୍ତରାୟ ରକ୍ତଦାନ କରି ସମସ୍ତଙ୍କର ପ୍ରିୟ ପାତ୍ର ହୋଇପାରିଛନ୍ତି। ଏହି ରକ୍ତଦାନ ଶିବିର ଆୟୋଜନକୁ ସବୁ ମହଲରେ ପ୍ରଶଂସା କରାଯାଇଛି। ଆସନ୍ତା ୨୦ ତାରିଖରେ ବୋଲଗଡ଼ ବ୍ଲକ ର ଦଳେଇ ସାହି,ଖଙ୍ଗୁରିଆ ଓ ଗେଡିଆ ପଲ୍ଲୀରେ ଜୀବନବିନ୍ଦୁ ରକ୍ତଦାନ ଶିବିର ଅନୁଷ୍ଠିତ ହେବ ବୋଲି ଆୟୋଜକ ଜଣାଇଛନ୍ତି।

# ଜିଲ୍ଲା ପ୍ରଶାସନର ସ୍ୱତନ୍ତ୍ର ସୁପୋଷଣ କାର୍ଯ୍ୟକ୍ରମ ଅଙ୍କୁର ଯୋଜନାର ଶୁଭାରମ୍ଭ

କେନ୍ଦ୍ରାପଡ଼ା, ୧୯/୦୯ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ପ୍ରଶାସନ ତରଫରୁ ଶିଶୁ ମାନଙ୍କର ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ଜିଲ୍ଲାକୁ କୁପୋଷଣ ମୁକ୍ତ କରିବା 'ଅଙ୍କୁର' କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ । ଏନେଇ କେନ୍ଦ୍ରାପଡା ଟାଉନ ହଲରେ ଜିଲ୍ଲାପାଳ ଶ୍ରୀ ଅମ୍ରିତ ଋତୁରାଜଙ୍କ ଅଧ୍ୟକ୍ଷତାରେ 'ଅଙ୍କୁର' କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲପାଳ ପିତାମ୍ବର ସାମଲ, ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ପଣ୍ଡା, ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡାକ୍ତର ସଚ୍ଚିଦାନନ୍ଦ ମିଶ୍ର, ଉପ ଜିଲ୍ଲାପାଳ ନିରଂଜନ ବେହେରା, ଡିଏସଡବ୍ଲୁଓ ସତ୍ୟଭାମା ସେଠୀ, ଡିଏସ୍ଏସ୍ଓ ପ୍ରଭାସ ଚନ୍ଦ୍ର ଦାସ, ଡିପିଓ ସଂଯୁକ୍ତା ମିଶ୍ର, ଡିପିସି ମମତା ମନୋରଞ୍ଜନ ଦାସ ଙ୍କ ସମେତ ଜିଲ୍ଲାର ସମସ୍ତ ସୁପର ଭାଇଜର, ସିଡିପିଓ, ଅଙ୍ଗନୱାଡି କର୍ମୀ ପ୍ରମୁଖ ଉପସ୍ଥିତ ରହି କୁପୋଷଣ ର ଶୀକାର ହୋଇଥିବା ଚିହ୍ନଟ ଶିଶୁ ମାନଙ୍କ ମଧ୍ୟରୁ ୨୫ ଜଣ ଶିଶୁଙ୍କୁ ପୋଷଣ ଯୁକ୍ତ ଖାଦ୍ୟ କିଟ୍ ପ୍ରଦାନ କରାଯାଇଛି । ଏହି କିଟ୍‌ରେ ଶିଶୁ ମାନଙ୍କ ପାଇଁ ଡାଲିଆ, ଗୁଡ, ଘିଅ, ବିସ୍କୁଟ୍, ବାଦାମ ଚକି, ଭିଟାମିନ୍ ଓ ସିରପ ଆଦି ଆବଶ୍ୟକ ସାମଗ୍ରୀ ଦିଆଯାଇଛି । ଏହା ୭ ମାସରୁ ୫ ବର୍ଷ ପର୍ଯ୍ୟନ୍ତ କମ୍ ଓଜନ ଥିବା ଶିଶୁ ମାନଙ୍କ ପାଇଁ ଆଶୀର୍ବାଦ ସାଜିବ। ଜିଲ୍ଲାରେ ଚିହ୍ନଟ ହୋଇଥିବା ୭୯୨ ଜଣ ଶିଶୁଙ୍କୁ ଅପପୃଷ୍ଟି ନିରାକରଣ ଓ ଏହାର ପ୍ରତିକାର ପଇଁ ଏହି କାର୍ଯ୍ୟକ୍ରମ ସଂପୂର୍ଣ୍ଣ ଭାବେ ସମର୍ପିତ । ଏହାର ସଫଳ ରୂପାୟନ ପାଁ ସମାଜ କଲ୍ୟାଣ ବିଭାଗ ଏବଂ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ମିଳିତ ଭାବେ କାର୍ଯ୍ୟ କରିବେ ବୋଲି ଜଣାପଡିଛି । ଏହି କାର୍ଯ୍ୟକ୍ରମ କୁ ୨ ମାସ ପର୍ଯ୍ୟନ୍ତ ପରୀକ୍ଷା ମୂଳକ ଭାବରେ ନିଆଯାଇଛି । ଜିଲ୍ଲାର ସମସ୍ତ ସିଡିପିଓ, ସୁପର ଭାଇଜର ଓ ଅଙ୍ଗନୱାଡି କର୍ମୀମାନେ ଘର ଘର ବୁଲି ଶିଶୁ ମାନଙ୍କର ସ୍ୱାସ୍ଥ୍ୟ ସଂପର୍କରେ ଯାଂଚ କରିବା ସହ ଦିଆଯାଇ ଥିବା ଖାଦ୍ୟ ଗୁଡିକୁ ଠିକ୍ ସମୟରେ ଦିଆ ଯାଉଛି କି ନାହିଁ, ତାହା ତଦାରଖ କରିବେ ବୋଲି ଜିଲ୍ଲପାଳ ନିର୍ଦ୍ଦେଶ ଦେଇଛନ୍ତି । ଡିପିସି ମମତା ମନୋ ରଞ୍ଜନ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜନଶୁଣାଣି ଶିବିର ଅନୁଷ୍ଠିତ

ଭବାନୀପାଟଣା, ୧୯/୦୯ (ନି.ପ୍ର): ଆଜି ଏମ ରାମପୁର ସ୍ଥିତ ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀ ଙ୍କ ଅଧ୍ୟକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପ ଜିଲ୍ଲାପାଳ, ଭବାନୀପାଟଣା ଡ ବିଶ୍ୱଜିତ ଦାସ , ଏସ ଡି ପି ଓ, କେସିଙ୍ଗା ଶ୍ରୀ ରୋହିତ ବର୍ମା,ବ୍ଲକ୍ ଅଧ୍ୟକ୍ଷା ଶ୍ରୀମତୀ ମନ୍ଦାକିନୀ ସିଂହଦେଓ ଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୫୦ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୩୯ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୧୧ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା। ୦୩ଟି ଅଭିଯୋଗର ସମାଧାନ ତତକ୍ଷଣାତ୍ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡରୁ ଏମ ରାମପୁର ବ୍ଲକର ହରିଶ୍ ଚନ୍ଦ୍ରପୁର ଗ୍ରାମର ରିଞ୍ଜୁ ମାଝୀଙ୍କୁ ଘରଭଙ୍ଗା ସହାୟତା ବାବଦକୁ ୫୦୦୦ ଟଙ୍କା ମଞ୍ଜୁର କରାଯାଇଥିଲା।

# ବଜ୍ରାଘାତରେ ଜଣେ ମୃତ, ଜଣେ ଗୁରୁତର

ଧର୍ମଶାଳା, ୧୯/୦୯ (ନି.ପ୍ର): ଯାଜପୁର ଜିଲାରେ ପୁଣି ବଜ୍ରାଘାତ ନେଲା ମୁଣ୍ଡ । ଆଜି ପୂର୍ବାହ୍ନରେ ଘଟିଛି ଏଭଳି ଘଟଣା । ପୋଲ ଉପରେ ମୋବାଇଲ ଦେଖିବା ହେଲା କାଳ । ବଜ୍ରାଘାତ ଘଟି ଜଣେ ଯବକଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଯୁବକ ଆହି ହୋଇ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଥିବା ଜଣାପଡିଛି । ଏଭଳି ଘଟଣା ଘଟିଛି ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ଦେଓଦା ପଂଚାୟତସ୍ଥ ଚଇନିହୁଡା ଗ୍ରାମ ନିକଟସ୍ଥ ପାଟ ରାସ୍ତାରେ । ଚଇନିହୁଡ-ଦେଓଦା ରାସ୍ତା ମଝିରେ ଥିବା ଏକ ପୋଲ ଉପରେ ୨ଜଣ ଯୁବକ ମୋବାଇଲ ଦେଖୁଥିବା ବଳେ ହଠାତ ବଜ୍ରାଘାତ ଘଟିଥିଲା । ଏହି ଘଟଣାରେ ଚଇନିହୁଡା ଗ୍ରାମର ନୀଳମଣୀ ନାୟକଙ୍କ ପୁଅ ମନୋରଞ୍ଜନ (୨୧)ଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଏହି ଗ୍ରାମର ବଟକୃଷ୍ଣ ତରାଇଙ୍କ ପୁଅ ମନୋଜ(୨୦) ଗୁରୁତର ଆହତ ହୋଇ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଥିଲେ । ସେଠରେ ଅବସ୍ଥା ସଙ୍କଟାପନ ହେବାରୁ ଡାକ୍ତର ତାଙ୍କୁ କଟକ ବଡ ମେଡିକାଲକୁ ପଠାଇ ଦେଇଥିବା ଜଣାପଡିଛି । ତେବେ ଏଭଳ ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ଶୋକରଛାୟା ଖେଳିଯାଇଛି ।

# ଅବହେଳିତ ଅବସ୍ଥାରେ ସିଦ୍ଧବକୁଳ ପୀଠ : ଅସରାଏ ବର୍ଷାରେ ମନ୍ଦିର ମୁଖଶାଳା ଛାତରୁ ଗଳୁଛି ପାଣି

ପୁରୀ, ୧୯/୦୯ (ନି.ପ୍ର): ରାଜ୍ୟର ପ୍ରମୁଖ ବୈଷ୍ଣବ କ୍ଷେତ୍ର ପୁରୀ ଜିଲ୍ଲାର ସାକ୍ଷିଗୋପାଳ । ସାକ୍ଷିଗୋପାଳ ସ୍ଥିତ ବକୁଳବନର ଆରାଧ୍ୟ ଦେବତା ପ୍ରଭୁ ସିଦ୍ଧବକୁଳ । ଏହି ସିଦ୍ଧବକୁଳ ପୀଠରେ ପୂଜା ପାଉଛନ୍ତି ପ୍ରଭୁ ଶ୍ରୀ ଜଗନ୍ନାଥ । ସିଦ୍ଧବକୁଳଙ୍କୁ ପୁରୀ ଶ୍ରୀଜଗନ୍ନାଥଙ୍କ ଅଜା ବୋଲି ମଧ୍ୟ କୁହାଯାଏ । ସାକ୍ଷିଗୋପାଳ ମନ୍ଦିରର ପଛ ପାଖ ବକୁଳବନକୁ ଲାଗି ଏହାର ଅବସ୍ଥିତି । ସାକ୍ଷିଗୋପାଳ - ଅଳଗୁମ ରାସ୍ତାର ପଂଚସଖା ପଢ଼ିଆ ଅତିକ୍ରମ କରିବା ପରେ ରାସ୍ତାରେ ବାମ ପାର୍ଶ୍ୱରେ ପଡିଥାଏ ଏହି ମନ୍ଦିର। ପ୍ରାୟ ୨୦୦ ବର୍ଷ ପୁରାତନ ଏହି ମନ୍ଦିରର ମୁଖଶାଳାର ଛାତ ଏବେ ବିପଦଶଙ୍କୁଳ ଅବସ୍ଥାରେ ରହିଛି । ଛାତର ଚାରିପାଖରେ ଫାଟ ସ୍ପଷ୍ଟ ଦେଖାଯାଉଛି । ଛାତରୁ ସ୍ଥାନେ ସ୍ଥାନେ ସିମେଂଟ କଂକ୍ରିଟ ଖସିଲାଣି । ବର୍ଷାଦିନ ଛାତର ଫାଟରୁ ପାଣି ଗଳୁଛି । ବିଶେଷ କରି ଉପଯୁକ୍ତ ରକ୍ଷଣାବେକ୍ଷଣାର ଅଭାବରୁ ଏଭଳି ସ୍ଥିତିରେ ପହଂଚିଛି ମନ୍ଦିର ମୁଖଶାଳାର ଛାତ । ଏତଦ୍ ବ୍ୟତୀତ ଠାକୁରଙ୍କ ସ୍ନାନ ମଣ୍ଡପ ଭାଙ୍ଗିରୁଜି ଗଲାଣି । ରୋଷଶାଳା ଜରାଜୀର୍ଣ୍ଣ ଅବସ୍ଥାରେ ପହଂଚିଥିବା ବେଳେ କିଛି ବର୍ଷ ପୂର୍ବେ ଏହାକୁ ଲାଗି ନିର୍ମାଣ ଆରମ୍ଭ ହୋଇଥିବା ଶ୍ରୀଜଗନ୍ନାଥ କମ୍ୟୁନିଟି ସେଂଟର ସମ୍ପ୍ରତି ଅଧପନ୍ତରିଆ ଅବସ୍ଥାରେ ପଡିରହିଛି । ୨୦୧୫-୧୬ ଆର୍ଥିକ ବର୍ଷରେ ସାଂସଦଙ୍କ ଅନୁଦାନ ପାଣ୍ଠିରୁ ଦେଢ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ପୁରୀ, ପକ୍ଷରୁ ଏହାର ନିର୍ମାଣ ଯୋଜନା ହୋଇଥିଲା, ଯାହା ଏଠାରେ ଲାଗିଥିବା ଫଳକରୁ ଜଣାପଡିଛି। ତେବେ ଅଦ୍ୟାବଧି ଏହା ଅଧପନ୍ତରିଆ ଅବସ୍ଥାରେ ପଡିରହିଛି । ସେହିପରି ପୀଠରେ ଶ୍ରଦ୍ଧାଳୁଙ୍କ ପାଇଁ ପିଇବା ପାଣି, ଶୌଚାଳୟ ଓ ଆଲୋକୀକରଣ ସୁବିଧା ନାହିଁ । ପିଇବା ପାଣି ପାଇଁ ଓ ଠାକୁରଙ୍କ ରୋଷେଇ ନିମିତ ପାଣି ପାଇଁ ମନ୍ଦିର ପରିସରରେ ରହିଥିବା କୂଅ ପାଣି ବ୍ୟବହାର କରାଯାଇଥାଏ । ସେହିପରି ମନ୍ଦିର ଚର୍ତୁପାର୍ଶ୍ୱରେ ପାଚେରୀ ନଥିବାରୁ ବୁଲା ଗାଇଗୋରୁ, ଷଣ୍ଢ, କୁକୁର ଏହା ମଧ୍ୟରେ ଅନେକ ସମୟରେ ଶୋଇରହୁଥିବାର ଦେଖିବାକୁ ମିଳେ ।

ମନ୍ଦିରର ପୂଜକ ସୋମନାଥ ମହାପାତ୍ରଙ୍କ କହିବା ଅନୁଯାୟୀ, ସିଦ୍ଧବକୁଳ ମନ୍ଦିର ପ୍ରାୟ ୨୦୦ ବର୍ଷ ପୁରାତନ । ପ୍ରଥମେ ଏଠାରେ ଏକ ବକୁଳ ଗଛ ମୂଳରେ ପୂଜା ପାଉଥିଲେ ଠାକୁର । ସିଦ୍ଧବକୁଳଙ୍କ ମହିମା ପ୍ରଚାରିତ ହେବାପରେ ମନ୍ଦିର ନିର୍ମାଣ କରାଯାଇଥିଲା । ପୁରୀ ଶ୍ରୀମନ୍ଦିର ସହିତ ସିଦ୍ଧବକୁଳ ମନ୍ଦିର ଓତଃପ୍ରୋତଃ ଭାବେ ଜଡ଼ିତ । ରଥଯାତ୍ରା ସମୟରେ କାଳିଆ ଠାକୁର ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କୁ ନେଇ ଯେତେବେଳେ ନବଦିନାତ୍ମକ ଯାତ୍ରାରେ ରତ୍ନବେଦିରୁ ଯଜ୍ଞବେଦିକୁ ଯାତ୍ରା କରିଥାନ୍ତି, ସେତେବେଳେ ଶ୍ରୀଜୀଉମାନଙ୍କ ଶ୍ରୀଅଙ୍ଗର ସୁରକ୍ଷା ପାଇଁ ସେନାପଟା ଲାଗି ହୋଇଥାଏ । ଏହି ସେନାପଟା ବା ବକୁଳ ଗଛର କାଠ ଏଠାରୁ (ତାଙ୍କ ଅଜାଘରୁ) ନିଆଯିବାର ପରମ୍ପରା ରହିଛି, ଯାହାକି ବହୁ ପୁରାତନ । ଜ୍ୟେଷ୍ଠ ମାସ ଶୁକ୍ଳ ପକ୍ଷ ଏକାଦଶୀ ତିଥିରେ ଏହି ସେନା ପଟା ଏଠାରୁ ନିଆଯାଇଥାଏ । ସେହିପରି ଶ୍ରୀମନ୍ଦିରରେ ରହିଥିବା ବିଭିନ୍ନ ନୀତିକାନ୍ତି ଓ ପର୍ବପର୍ବାଣୀ ମଧ୍ୟ ଏଠାରେ ଅନୁଷ୍ଠିତ ହୋଇଥାଏ । ରଥଯାତ୍ରା, ସ୍ନାନଯାତ୍ରା ଏବଂ ନବକଳେବର ଆଦି ଅନୁଷ୍ଠିତ ହୋଇଥାଏ । ତେବେ ଦୀର୍ଘ ବର୍ଷ ଧରି ରକ୍ଷଣାବେକ୍ଷଣା ଅଭାବରୁ ମନ୍ଦିରର ମୁଖଶାଳାର ଛାତ ଏବେ ବିପଦଶଙ୍କୁଳ ଅବସ୍ଥାରେ ରହିଛି । ଛାତର ଚାରିପାଖରେ ଫାଟ ସ୍ପଷ୍ଟ ଦିଶୁଛି । ବର୍ଷାଦିନେ ଅସରାଏ ବର୍ଷା ହେଲେ ଛାତର ଫାଟରୁ ପାଣି ଗଳୁଛି । ୧୦ ବର୍ଷ ମଧ୍ୟରେ ୨ ଥର ଛାତର ଗ୍ରାଡିଂ କରାଯାଇଥିଲେ ସମ୍ପ୍ରତି ଏହା ଏବେ ଦୁର୍ବଳ ଅବସ୍ଥାରେ ପହଂଚିଲାଣି ।

ଏତଦ୍ ବ୍ୟତୀତ ଅଂଚଳର ଗରିବ ଲୋକମାନେ ସେମାନଙ୍କ ବିବାହ, ବ୍ରତ ଘର ଏବଂ ଅନ୍ୟାନ୍ୟ ଆନୁଷ୍ଠାନିକ କାର୍ଯ୍ୟ ଏହି ମନ୍ଦିରରେ କରାଇଥାନ୍ତି, ତେବେ ପୀଠରେ ଆବଶ୍ୟକ ସୁବିଧା ନଥିବାରୁ ସେମାନେ ମଧ୍ୟ ବିଶେଷ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ଜିଲ୍ଲାପାଳ, ସର୍ବୋପରି ରାଜ୍ୟ ସରକାରଙ୍କ ଫାଇଭ୍-ଟି ସଚିବ ଏ ଦିଗରେ ଦୃଷ୍ଟି ଦେବା ସହ ପୀଠର ଉନ୍ନତିକରଣ ଦିଗରେ ପଦକ୍ଷେପ ନେବାକୁ ଅଂଚଳବାସୀ ଓ ବୁଦ୍ଧିଜିବୀ ମହଲରେ ଦାବି ହେଉଛି ।

# ତେଲେଙ୍ଗା ବସ୍ତିରେ ଚଢାଉ: ୩୦ଟି ଚୋରା ମୋବାଇଲ ଜବତ ସହ ୩ ଗିରଫ

କୋରେଇ, ୧୯/୦୯ (ନି.ପ୍ର): ଯାଜପୁର ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିନିତ୍ ଅଗ୍ରୱାଲଙ୍କ ନିର୍ଦ୍ଦେଶକ୍ରମେ କୋରେଇ ଥାନା ଅନ୍ତର୍ଗତ ପୂର୍ବକୋଟ ତେଲେଙ୍ଗା ବସ୍ତି ଅଂଚଳରେ ଚଢାଉ କରାଯାଇ ୩୦ ଟି ଚୋରା ମୋବାଇଲ ଜବତ କରାଯିବା ସହ ଏହି ଚୋରି ରେ ସଂପୃକ୍ତ ଥିବା ୩ ଜଣଙ୍କୁ ଗିରଫ କରାଯାଇଛି। ସୂଚନା ମୁତାବକ କୋରେଇ ଥାନା ଅନ୍ତର୍ଗତ ବିଭିନ୍ନ ରାସ୍ତା ଘାଟ ଅଂଚଳରୁ ମୋବାଇଲ ଚୋରି ହେବା ନେଇ ବିଭିନ୍ନ ସମୟରେ ଥାନାରେ ଅଭିଯୋଗ ହୋଇଆସୁଥିଲା। ଏନେଇ ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଯାଜପୁର ରୋଡ଼ ଏସଡିପିଓ ସଞ୍ଜୟ କୁମାର ପଟ୍ଟନାୟକ ଙ୍କ ତଦାରଖ ରେ କୋରେଇ ଥାନା ଅଧିକାରୀ ସୁମତି ମହାନ୍ତି,ସବ୍ ଇନ୍ସପେକ୍ଟର ବିଶ୍ୱଜିତ ବିଶ୍ୱାଳ ପ୍ରମୁଖଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇ ପୂର୍ବକୋଟ ତେଲେଙ୍ଗା ବସ୍ତି ଅଂଚଳରେ ଚଢାଉ କରାଯାଇଥିଲା। ଚଢ଼ାଉ ସମୟରେ ୩୦ ଟି ନାମୀଦାମୀ କମ୍ପାନୀ ର ଚୋରା ମୋବାଇଲ୍ ଜବତ କରାଯିବା ସହ ଚୋରି ରେ ସଂପୃକ୍ତ ଥିବା ୩ ଜଣ ଯୁବକଙ୍କୁ ଗିରଫ କରାଯାଇଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ଯଖପୁରା ଥାନା ଅନ୍ତର୍ଗତ ଦଶମାଣିଆ ଗ୍ରାମର ଜଲେଗା ପ୍ରଧାନଙ୍କ ପୁଅ ବିଜୟ ପ୍ରଧାନ(୨୬), କୋରେଇ ଥାନା ଅନ୍ତର୍ଗତ ପୂର୍ବକୋଟ ଗ୍ରାମ ର ଭାସ୍କର ଦାସ୍ ଙ୍କ ପୁଅ ସୁରେଶ ଦାସ(୨୦) ଏବଂ ପୂର୍ବକୋଟ ଗ୍ରାମ ର ଜଗନ୍ନାଥ ଦାସ ଙ୍କ ପୁଅ କୁମାର ଦାସ(୨୪)। ଗିରଫ ପରେ ଯାଂଚ ପରେ ପୂର୍ବରୁ ଗିରଫ ଅଭିଯୁକ୍ତମାନେ ଏକାଧିକ ମାମଲା ରେ ସଂପୃକ୍ତ ଥିବା ବେଳେ ଆଜି ସେମାନଙ୍କ ବିରୁଦ୍ଧରେ ଏକ ମାମଲା ୨୮୯/୨୩ ରୁଜୁ କରାଯିବା ସହ କୋର୍ଟ ଚାଲାଣ କରାଯାଇଥିବା ସହ ଜବତ ହୋଇଥିବା ମୋବାଇଲ ଗୁଡ଼ିକୁ ଯାଂଚ ପରେ ମୋବାଇଲ ର ଦାବିଦାର ଙ୍କୁ ପ୍ରଦାନ କରାଯିବ ବୋଲି ଯାଜପୁର ରୋଡ଼ ଏସଡିପିଓ ଶ୍ରୀ ପଟ୍ଟନାୟକ ପ୍ରକାଶ କରିଛନ୍ତି।ଏହି ସ୍ମାର୍ଟ ଫୋନ ଗୁଡିକ ମଧ୍ୟରୁ ଭିବୋ ଫୋନ ୮ଟି ରେଡ଼ମି ୭ଟି,ସାମସଙ୍ଗ ୫ଟି, ଅନ୍ୟାନ୍ୟ ୧୦ଗୋଟି ଫୋନ ଜବତ କରାଯାଇଥିବା ଜଣାପଡିଛି।

# ହରଡାପୁଟ ସରକାରୀ ବାଳିକା ବିଦ୍ୟାଳୟର ସମସ୍ତ କର୍ମଚାରୀଙ୍କୁ ବଦଳି ଦାବି

ଜୟପୁର, ୧୯/୦୯ (ନି.ପ୍ର): ଜୟପୁର ବ୍ଲକ ହରଡାପୁଟ ସ୍ଥିତ ସରକାରୀ ବାଳିକା ବିଦ୍ୟାଳୟ ହେଷ୍ଟଲରେ ଥିବା ଛାତ୍ରୀ ଙ୍କ ମୃତ୍ୟୁ କୁ ନେଇ ଗ୍ରାମବାସୀ ମାନେ ଉଦବେଗ ପ୍ରକାଶ କରିଛନ୍ତି । ଏନେଇ ଆଜି ଜୟପୁର ଉପ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ତୁରନ୍ତ ବିଦ୍ୟାଳୟର ସମସ୍ତ କର୍ମଚାରିଙ୍କୁ ବଦଳି କରିବାକୁ ଦାବି ହୋଇଛି । ଜୟପୁର ଉପ ଜିଲାପାଳ ପ୍ରଭାତ କୁମାର ପରିଡାଙ୍କୁ ଗ୍ରାମବାସିମାନେ ଏକତ୍ରିତ ହୋଇ ଦାବି ପତ୍ର ପ୍ରଦାନ କରିଛନ୍ତି । ଉକ୍ତ ଦାବି ପତ୍ର ରେ ଉଲ୍ଲେଖ କରାଯାଇଛି ଗତ ୧୧ ତାରିଖରେ ଅଷ୍ଟମ ଶ୍ରେଣୀ ଛାତ୍ରୀ ତପସ୍ୱିନୀ ଗାଦବା ଙ୍କ ମୃତ୍ୟୁ ହୋଇଥିଲା । ବିଦ୍ୟାଳୟର କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁଁ ଛାତ୍ରୀଙ୍କ ମୃତ୍ୟୁ ହୋଇ ଥିଲା । ତେଣୁ ଏହି ବିଦ୍ୟାଳୟର କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କୁ ତୁରନ୍ତ ବଦଳି କରାଯାଉ । ଏହି ବିଦ୍ୟାଳୟରରେ ଦୀର୍ଘ ୨୦ ବର୍ଷରୁ ଊର୍ଦ୍ଧ୍ୱ ବର୍ଷ ଧରି ଏଠାରେ ରହି ଛାତ୍ରୀ ମାନଙ୍କୁ ନିଜ ଇଚ୍ଛା ମୁତାବକ ଖାଦ୍ୟପେୟ ଦେବା ସହିତ ଗ୍ରାମବାସୀ ଏବଂ ଛାତ୍ରୀ ମାନଙ୍କ ପରିବାର ବର୍ଗଙ୍କ କଥାକୁ କର୍ଣ୍ଣପାତ କରୁ ନାହାଁନ୍ତି। ଜଣେ ଛାତ୍ରୀ ଏଠାରେ ମୃତ୍ୟୁ ବରଣ କରିବା ପରେ ଏଠାରେ ଠିକ ପରିଚାଳନା ହେଉ ନଥିବା ଜାଣି ପରିବାର ବର୍ଗ ନିଜ ନିଜ କନ୍ୟାକୁ ଗୃହ କୁ ନେଉ ଯାଉଛନ୍ତି । ତେଣୁ ଆସନ୍ତା ୨୦ ଦିନ ଭିତରେ ବିଦ୍ୟାଳୟର ସମସ୍ତ କର୍ମଚାରିଙ୍କ ସହ ଚିକିତ୍ସା କରିଥିବା ଡାକ୍ତର ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ ରାସ୍ତା ଅବରୋଧ କରିବା ସହ ରାବଣାଗୁଡା ସ୍ୱାସ୍ଥ୍ୟ କେନ୍ଦ୍ରକୁ ଘେରାଉ କରିବାକୁ ହରି ରାଓ,ଅମତା କଟେପ ଦିଲପ ତନା, ତିରୁପତି ପେଣ୍ଡିଆ, ହରି ଚାଲାଣ, କିଶୋର ତାରା, ଲକ୍ଷ୍ମ ଭୁମିଆ ପ୍ରମୁଖ ପ୍ରଶାସନକୁ ଚେତାବନୀ ଦେଇଛନ୍ତି ।

# ମାଥିଲି ଏବଂ ଖଇରପୁଟଠାରେ ସଂସାଧନ ସଭ୍ୟଙ୍କ ବ୍ଲକସ୍ତରୀୟ ପ୍ରଶିକ୍ଷଣ

ମାଲକାନଗିରି, ୧୯/୦୯ (ନି.ପ୍ର): ଆଗାମୀ ଦିନରେ ରାଜ୍ୟର ସମସ୍ତ ଗ୍ରାମ ପଂଚାୟତ ମାନଙ୍କରେ ସୂଚନା, ଶିକ୍ଷା ଓ ଯୋଗାଯୋଗ ( ଆଇସି ) କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏହି ପରିପ୍ରେକ୍ଷୀରେ ମାଲକାନଗିରି ଜିଲ୍ଲାରେ ବ୍ଲକ୍ ସ୍ତରୀୟ ସଂସାଧନ ସଭ୍ୟଙ୍କ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଯାଇଛି । ମାଥିଲି ଏବଂ ଖଇରପୁଟ ବ୍ଲକ ଠାରେ କଳାକାରଙ୍କ ନିମନ୍ତେ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଆୟୋଜନ ହୋଇଯାଇଛି । ମାଥିଲି ବ୍ଲକ ସମ୍ମିଳନୀ କକ୍ଷରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଶ୍ରୀ ହୃଷୀକେଶ ଗଣ୍ଡଙ୍କ ଅଧ୍ୟକ୍ଷତାରେ ଏହି ଶିବିର ଉଦ୍ଘାଟନ ହୋଇଯାଇଛି । ସମସ୍ତ ଜନହିତାଧିକାରୀ ସରକାରୀ ଯୋଜନା ଗୁଡିକୁ କିଭଳି ଲୋକ କଳା ଦ୍ୱାରା ଜନ ସଚେତନ ସୃଷ୍ଟି କରି ପାରିବା ସେଥି ନିମନ୍ତେ ବିଡ଼ିଓ, ଶ୍ରୀ ଗଣ୍ଡ ଗୁରୁତ୍ୱାରୋପ କରିଥିଲେ। ମାଥିଲି ବ୍ଲକରେ ସଂକୀର୍ତ୍ତନ, ଦେଶିଆ ଓ କୋୟା ନାଟକ, ମହୁରୀ ବାଜା, ଦୁରୁଆ, କାଠି ଏବଂ ଢେମସା ଲୋକ କଳା ଦଳ ଏହି ଆଇସି କାର୍ଯ୍ୟକ୍ରମ ନିମନ୍ତେ ଆବେଦନ କରିଛନ୍ତି ବୋଲି ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ, ଶ୍ରୀ ସଞ୍ଜୟ କୁମାର ସାମଲ ସୂଚନା ଦେଇଛନ୍ତି। ମାଥିଲିରେ ଆୟୋଜିତ ଏହି ଦୁଇ ଦିନିଆ ପ୍ରଶିକ୍ଷଣ ଶିବିରରେ ଏବିଡିଓ, ସରୋଜ କୁମାର ପ୍ରଧାନ, ମିଶନ ଶକ୍ତି ବିପିଏମ୍ ବିନୀତ କୁମାର ଖୁରା, ବ୍ଲକ କଳା ସଂସ୍କୃତି ସଂଘର ଉପସଭାପତି, ପୋଲିସରାମ ମାଣ୍ଡି ଓ ବିକେଏସଏସ ସହ ସଂପାଦକ, ବିଶ୍ୱନାଥ ବାରିକ ଉପସ୍ଥିତ ଥିଲେ। ସେହିପରି ଖଇରପୁଟ ବ୍ଲକ ରାସବେଡା ଗ୍ରାମ ପଂଚାୟତ କାର୍ଯ୍ୟାଳୟଠାରେ ଏହି ଦୁଇ ଦିନିଆ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଛି। ଏହି ଶିବିରକୁ ବ୍ଲକ ଅଧ୍ୟକ୍ଷ, ଶ୍ରୀ ବିଘ୍ନ କିର୍ଷାନୀ ଉଦଘାଟନ କରି ପାରମ୍ପରିକ ଲୋକ କଳାକୁ ବଜାୟ ରଖି ସମସ୍ତ ଜନହିତାଧିକରୀ ଯୋଜନା ଉପରେ ସଚେତନତା କରିବା ପାଇଁ ଆହ୍ୱାନ କରିଥିଲେ। ଖଇରପୁଟ ବିଡ଼ିଓ, ଉମାଶଙ୍କର କୋୟା କହିଥିଲେ ଯେ ବଣ୍ଡା, ଦିଦାୟୀ ଭଳି ଆଦିମ ଜନଜାତିଙ୍କ ଯୋଗୁଁ ଖଇରପୁଟ ବ୍ଲକର ମାଲକାନଗିରି ଜିଲ୍ଲା ତଥା ରାଜ୍ୟରେ ଏକ ସ୍ୱତନ୍ତ୍ର ପରିଚୟ ରହିଛି। ତେଣୁ ପାରମ୍ପାରିକ ଲୋକ କଳାକୁ ପରିବେଷଣ କରି ଏହି କାର୍ଯ୍ୟକ୍ରମକୁ ସଫଳ ଓ ଶ୍ରେଷ୍ଠ ପ୍ରଦର୍ଶନ କରିବା ପାଇଁ ଉପସ୍ଥିତ କଳାକାରଙ୍କୁ ଆହ୍ୱାନ କରିଥିଲେ। ଦେଶିଆ ନାଟକ, ବଣ୍ଡା, ଦିଦାୟୀ, ରିଞ୍ଜଡ଼ି ଏବଂ ସଂକୀର୍ତନ କଳା ଦଳଗୁଡ଼ିକ ଏହି କାର୍ଯ୍ୟକ୍ରମରେ ପରିବେଷଣ କରିବେ ବୋଲି ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ଜ୍ୟୋତି ରଞ୍ଜନ ସେଠୀ ସୂଚନା ଦେଇଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା କଳା ସଂସ୍କୃତି ସଂଘର ସଭାପତି ଘେନୁ ମୁଦୁଲି, ବିକେଏସଏସ ଉପ ସଭାପତି, ବୁଦା ମାଝୀ ଓ ରାସବେଡା ସରପଂଚ ପ୍ରମିଳା ଗୁଡା ଉପସ୍ଥିତ ଥିଲେ। ରାଜ୍ୟ ତରଫରୁ ଗୁପ୍ତେଶ୍ୱର ପାଣିଗ୍ରାହୀ ଯୋଗ ଦେଇ କିଭଳି ଲୋକକଳା ମାଧ୍ୟମରେ ଜନହିତାଧିକାରୀ ଯୋଜନାକୁ ତୃଣମୂଳ ସ୍ତରରେ ପହଂଚାଇବେ ତାହା ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ତଥା ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ, ପ୍ରମିଳା ମାଝୀ ମଧ୍ୟ ଏହି ଶିବିରରେ ଯୋଗ ଦେଇଥିଲେ। ଏହି ଶିବିରରେ କଳାକାର ଏବଂ ସାଂସ୍କୃତିକ ଦଳ ଗୁଡ଼ିକର ପଞ୍ଜୀକରଣ ଓ ଏହି କାର୍ଯ୍ୟକ୍ରମରେ ଭାଗ ନେବା ପାଇଁ ଆବେଦନ କରିଥିଲେ।

# ବଲାଙ୍ଗିର ପୋଲିସ ହାତରେ ଧରାପଡିଲା ପୁଣି ୧୭ ଶହ ବୋତଲ କଫ୍ ସିରପ୍ : ସପ୍ଲାୟର ଓ କୁଟିଆ ମିଶି ୧୮ ଗିରଫ

ବଲାଙ୍ଗିର, ୧୯/୦୯ (ନି.ପ୍ର): ପୁଣି ବଲାଙ୍ଗିର ପୋଲିସ ହାତରେ ଗଦା ଗଦା କଫ୍ ସିରପ୍, ମାଳ ମାଳ ସପ୍ଲାୟର୍ସ କୁଟିଆ । ଏକାଥରକେ ୧୭ ଶହ ବୋତଲ କଫ୍ ସିରପ୍ ଜବତ କରିବା ସହ ୧୬ ଜଣ କୁଟିଆ ଓ ୨ ଜଣ ସପ୍ଲାୟର୍ସଙ୍କୁ ଗିରଫ କରି ବଲାଙ୍ଗିର ପୋଲିସ ଆଜି ପୁଣି ନିଜର ଦବଦବା ଜାହିର୍ କରିଛି । ଏ ସଂପର୍କରେ ଏକ ପ୍ରେସ୍ ମିଟ୍ର ଆହ୍ୱାନ କରି ସୂଚନା ଦେଇଛନ୍ତି ବଲାଙ୍ଗିର ଏସପି ରିଷିକେଶ ଖିଲାରୀ । ଦିଆଯାଇଥିବା ସୂଚନା ଅନୁସାରେ, କିଛି ସପ୍ତାହ ହେଲା ବଲାଙ୍ଗିର ପୋଲିସ ପକ୍ଷରୁ ବେଆଇନ କଫ୍ ସିରପ୍ ବେପାର ଏବଂ ଅର୍ଗାନାଇଜ୍ଡ କ୍ରାଇମ୍ ଉପରେ ଏକ ସ୍ପେସାଲ୍ ଡ୍ରାଇଭ୍ ଚାଲିଥିବା ବେଳେ ଗୁଡ଼ାଏ ଛୋଟ ଛୋଟ କଫ୍ ସିରପ୍ କୁଟିଆଙ୍କୁ ଧରାଯାଇଥିଲା । ସେମାନଙ୍କ ଠାରୁ ମିଳିଥିବା ସୂଚନାକୁ ଆଧାର କରି ବଲାଙ୍ଗିର ଏସଡ଼ିପିଓ, ଟାଉନ୍ ଥାନା ଆଇଆଇସି, ସଦର ଆଇଆଇସି, ପୁଇଁତଲା ଆଇଆଇସିଙ୍କୁ ନେଇ ଏକ ସ୍ପେସାଲ୍ ଟିମ୍ ଗଠନ କରାଯିବା ସହ ତନାଘନା ତଦନ୍ତ ଆରମ୍ଭ କରାଯାଇଥିଲା । ତଦନ୍ତ ବେଳେ ଜଣାପଡ଼ିଥିଲା ଯେ, କଟକରୁ ସପ୍ଲାଏ ହେଉଛି ଏସବୁ କଫ୍ ସିରଫ୍ । ଏହାପରେ ସେମାନଙ୍କୁ ଫଲୋ କରିଥିଲା ବଲାଙ୍ଗିର ପୋଲିସର ସ୍ପେସାଲ୍ ଟିମ୍ ଏବଂ ଶେଷରେ ଏକ ବିରାଟ ସଫଳତା ହାତେଇଥିଲା । ଏବେ ଏକାଥରକୁ ୨ ଜଣ ସପ୍ଲାୟର୍ଙ୍କ ସହ ୧୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ପୁଣି ସେମାନଙ୍କ ଠାରୁ ୧୭ ଶହ କଫ୍ ସିରପ୍ ବୋତଲ, ୧୭ଟି ମୋବାଇଲ୍ ଫୋନ୍, ଗୋଟିଏ ନିସାନ୍ କାର୍, ଗୋଟିଏ ବୋଲେରୋ, ଗୋଟିଏ ହକି ଷ୍ଟିକ୍, ଗୋଟିଏ କାଠ ବେଂଟଲଗା ଟାଙ୍ଗିଆ ଏବଂ ତିନୋଟି ବାଇକ୍ ଜବତ କରିଛି ବଲାଙ୍ଗିର ପୋଲିସ । ଗିରଫ ଅଭିଯୁକ୍ତମାନେ ହେଲେ ଲରମ୍ଭା ଥାନା ଲୁହାସିଂହାର ସୁନୀଲ ଓରଫ୍ ବିଶିକେଶନ ପୁଟେଲ(୨୪), ରୋସନ କୁମାର ସାହୁ(୨୪), ଭଟଲିର ରମେଶ ବରାହ(୨୭), ରଶ୍ମିରଂଜନ ସିଂବରିହା(୨୯), ତମିଆଁର କରୁଣା ରଣା(୩୬), ଅଏଁଲାପୁଙ୍ଗାର ଅଭିମନ୍ୟୁ ସାହୁ(୩୨), ବରଗଡ଼ ଜିଲ୍ଲା ପଦମ୍ପୁର ଥାନା ଦେଉଲିର ବିଟୁ ଓରଫ୍ ଭୀମସେନ କରେଇ(୩୨), ଜଗଦଲ୍ ପୁର ଥାନା ଲକ୍ଷ୍ମରାରୁ ଲିଙ୍ଗରାଜ ସାହୁ (୪୩), ସୁଧାଂଶୁ ଓରଫ୍ ଚୁନ୍ନିଲାଲ୍ ପଟେଲ(୨୫), ପାଟଣାଗଡ଼ ବଡ଼ପଡ଼ାରୁ ସୌରଭ ସାହୁ(୨୪), ବଲାଙ୍ଗିର ସୁଦପଡ଼ାର ଆଶିଷ ପୁଟେଲ(୨୭) ଓ ନିରଂଜନ ସାହୁ(୨୭), ତାଳପାଲିପଡ଼ାର ମନୋଜ କୁମାର ବାଜପେୟୀ (୩୫), ମାଲପଡ଼ାର ଅମୀର ଖାନ୍(୨୩), ବେଲପଡ଼ା ଥାନା ଧୁମାଭଟା ସାଗରପଡ଼ାର ସଚିନ ବୁଢ଼େକ(୩୨) ଓ ଗ୍ରୀଡ୍ସଡ଼ାର ବ୍ରଜରାଜ ରଣା (୨୪) । ଗିରଫ୍ ହୋଇଥିବା ଦୁଇଜଣ ସପ୍ଲାୟର୍ସ ହେଲେ କଟକର ମହେଶ୍ୱର ମହାନ୍ତି ଓ ଜାଭେଦ୍ ତସ୍ଲିମ୍ ।

# ଜିଲ୍ଲାସ୍ତରୀୟ ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତା ଅନୁଷ୍ଠିତ



ବାରିପଦା, ୧୯/୦୯ (ନି.ପ୍ର): ଭଞ୍ଜପୁରର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଇନଡୋର ହଲ ଠାରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ମାର୍ଗଦର୍ଶନରେ ୧୪ ଓ ୧୭ ବର୍ଷରୁ କମ ବର୍ଗ ବାଳକ ବାଳିକାମାନଙ୍କର ମୟୂରଭଞ୍ଜ ଜିଲ୍ଲାସ୍ତରୀୟ ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତା ୨୦୨୩-୨୪ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକଙ୍କ ପୌରହିତରେ ବାରିପଦା ଉଚ୍ଚ ମାଧମିକ ବିଦ୍ୟାଳୟର ଅଧକ୍ଷ ରାଜେଶ କୁମାର ଷଡଙ୍ଗୀ ଯୋଗ ଦେଇ କ୍ରୀଡା ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ । ସେଣ୍ଟ୍ରାଲ ଅଫିସିଆଲ ଭାବେ ଦୀପକ ରାମ, ପ୍ରଦୀପ ଚୌଧୁରୀ ଏବଂ ପ୍ରତିଯୋଗିତାର ବିଚାରକ ଭାବେ ମଞ୍ଜିତ ସିଂ, ନିଶାନ୍ତ ରାମ, କୈଳାସ ମହାଳିକ, କ୍ଷୀରୋଦ ବେହେରା, ନାଦିଆ ଦାସ, ସୋନାଲି ପରିଡା ପ୍ରମୁଖ ଯୋଗ ଦେଇ କ୍ରୀଡ଼ାବିତ ମାନଙ୍କୁ ଚୟନ କରିଥିଲେ । କୃତି ପ୍ରତିଯୋଗୀ ମାନେ ଚଳିତ ସେପଟେମ୍ବର ମାସ ୨୫ ରୁ ୨୮ ତାରିଖ ପର୍ଯ୍ୟନ୍ତ ବଲାଙ୍ଗିର ଜିଲ୍ଲାରେ ଅନୁଷ୍ଠିତ ହେବାକୁ ଥିବା ଓଡିଶା ରାଜ୍ୟସ୍ତରୀୟ ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ ବୋଲି ଜଣାଯାଇଛି ।

# ଜିଲ୍ଲାରେ ଧୂମଧାମରେ ପାଳିତ ହେଲା ଗଣେଶ ପୂଜା

ବାଲେଶ୍ୱର, ୧୯/୦୯ (ନି.ପ୍ର): ଭାଦ୍ରବ ଶୁକ୍ଳ ଚତୁର୍ଥୀ ଦିନ ବିଦ୍ୟାର ଦେବତା, ଆଦିଦେବ ଗଣେଶଙ୍କର ପୂଜା କରାଯାଏ । ବିଶେଷକରି ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ଏହି ପୂଜା କରାଯାଇଥାଏ । ବିଭିନ୍ନ ଶିକ୍ଷାନୁଷ୍ଠାନ ସହ ପୂଜା ମଣ୍ଡପ ଗୁଡିକୁ ଏଥିପାଇଁ ଆକର୍ଷଣୀୟ ଢଙ୍ଗରେ ସଜାହୋଇଥାଏ । ଗଣେଶ ପୂଜାକୁ ନେଇ ବାଲେଶ୍ୱର ସହର ଉତ୍ସବମୁଖର ହୋଇଥିଲା । ଜିଲ୍ଲାର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ମେଢ଼ ଓ ତୋରଣ ନିର୍ମାଣ ହୋଇଛି । ସଂଧ୍ୟା ସମୟରେ ପ୍ରବଳ ଜନସମାଗମ ହୋଇଥିବାବେଳେ ବର୍ଷା ବାଧକ ହୋଇଥିଲା । ତଥାପି ଭିଡ଼ କମି ନଥାଏ ।



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ.....

## ଲୋକସଭାରେ ଆଗତ....

ଦେଶର ବିକାଶରେ ଅଧିକରୁ ଅଧିକ ମହିଳା ସାମିଲ ହୁଅନ୍ତୁ ବୋଲି ଆମେ ଚାହୁଁଛୁ । ମହିଳା ନେତୃତ୍ୱାଧୀନ ଦେଶର ବିକାଶକୁ ପୂରା ବିଶ୍ୱ ସ୍ୱୀକୃତି ଦେଇଛି ବୋଲି ସେ କହିଛନ୍ତି । ଦୀର୍ଘ ୩ ଦଶନ୍ଧିର ପ୍ରୟାସ ପରେ ମହିଳା ସଂରକ୍ଷଣ ବିଲ୍ ଆଇନରେ ପରିଣତ ହେବା ଏକ ପ୍ରକାର ନିଶ୍ଚିତ ହୋଇ ଯାଇଛି । ଆଜି କେନ୍ଦ୍ର ସରକାର ନାରୀ ଶକ୍ତି ବନ୍ଦନ ଅଧିନିୟମ ଲୋକସଭାରେ ଆଗତ କରି ମହିଳାଙ୍କ ପାଇଁ ଲୋକସଭା ଓ ବିଧାନସଭାରେ ୩୩% ଆସନ ସଂରକ୍ଷଣ କରିବା ଦିଗରେ ଆଉ ପାଦେ ଆଗେଇଛନ୍ତି । ତେବେ ଯଦି ବି ଏହା ଆଇନରେ ପରିଣତ ହେବ, ତେବେ ୨୦୨୯ ପୂର୍ବରୁ ଏଥିରେ ଥିବା ବ୍ୟବସ୍ଥା ଲାଗୁ ହୋଇପାରିବ ନାହିଁ । ୨୦୨୯ ନିର୍ବାଚନ ବେଳକୁ ହିଁ ମହିଳା ସଂରକ୍ଷଣ ବ୍ୟବସ୍ଥା ଲାଗୁ ହୋଇପାରେ । ବିଲ୍ ଆଇନରେ ପରିଣତ ହେଲେ ମଧ ସଂରକ୍ଷଣ ବ୍ୟବସ୍ଥା କେବଳ ପ୍ରଥମ ସୀମା ପୁନଃ ନିର୍ଦ୍ଧାରଣ କିମ୍ବା ନିର୍ବାଚନ ମଣ୍ଡଳୀ ପୁର୍ନଗଠିତ ହେବା ପରେ ଲାଗୁ ହେବ । ପରବର୍ତ୍ତୀ ଜନଗଣନା ପରେ ନିର୍ବାଚନ ମଣ୍ଡଳୀ ପୁର୍ନଗଠିତ ହେବ । ୨୦୨୭ରେ ଯାଇ ଦେଶରେ ଜନଗଣନା କରାଯିବ । ୨୦୨୧ରେ ଦେଶରେ ଜନଗଣନା ହେବାର ଥିଲା । କିନ୍ତୁ କରୋନା ଯୋଗୁ ଏହା ସମ୍ଭବ ହୋଇ ପାରି ନଥିଲା । ଏବେ ୨୦୨୭ରେ ଜନଗଣନା କରିବାକୁ ଯୋଜନା ହୋଇଛି । ୨୦୨୭ରେ ଜନଗଣନା ହେବା ପରେ ୨୦୨୯ ନିର୍ବାଚନ ବେଳକୁ ମହିଳା ସଂରକ୍ଷଣ ବ୍ୟବସ୍ଥା ଲାଗୁ ହୋଇପାରିବ । ଏହାବାଦ ଆଇନରେ ପରିଣତ ହେବା ପରେ ଏହା ୧୫ ବର୍ଷ ଯାଏ କାର୍ଯ୍ୟକ୍ଷମ ହେବ । ଏହାପରେ ଏହାକୁ ବୃଦ୍ଧି ମଧ କରାଯାଇ ପାରିବ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ପ୍ରତି ସୀମା ପୁନଃ ନିର୍ଦ୍ଧାରଣ ପରେ ମହିଳାଙ୍କ ପାଇଁ ସଂରକ୍ଷଣ ହୋଇଥିବା ସିଟ୍ ବଦଳିବ । ବିଲ୍‌ରେ କୁହାଯାଇଛି ଯେ ଲୋକସଭା ଓ ରାଜ୍ୟ ବିଧାନସଭାର ଏକ ତୃତୀୟାଂଶ ଆସନ ମହିଳାଙ୍କ ପାଇଁ ସଂରକ୍ଷଣ ହୋଇ ରହିବ । ଏଗୁଡ଼ିକ ସିଧାସଳଖ ନିର୍ବାଚନ ଦ୍ୱାରା ପୂରଣ କରାଯିବ । ଏହି ସଂରକ୍ଷଣ ବ୍ୟବସ୍ଥା ରାଜ୍ୟସଭା କିମ୍ବା ରାଜ୍ୟ ବିଧାନ ପରିଷଦ ପାଇଁ ଲାଗୁ ହେବ ନାହିଁ । ମହିଳାଙ୍କ ପାଇଁ ସଂରକ୍ଷିତ ହୋଇଥିବା ଆସନଗୁଡ଼ିକ ମଧ୍ୟରୁ ଏକ ତୃତୀୟାଂଶ ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କ ପାଇଁ ରହିବ । ବିଲ୍ ?ରେ ଅନ୍ୟ ପଛୁଆ ବର୍ଗ(ଓବିସି)ଙ୍କ ପାଇଁ କୌଣସି ସଂରକ୍ଷଣ ବ୍ୟବସ୍ଥା କରାଯାଇ ନାହିଁ । ୧୯୯୬ରେ ମହିଳା ସଂରକ୍ଷଣ ବିଲ୍ ଆଗତ ହେବା ବେଳେ ମଧ ଓବିସିଙ୍କ ପାଇଁ ବ୍ୟବସ୍ଥା ନଥିଲା । ଖାସ୍ ଏହି କାରଣ ପାଇଁ ଦଶନ୍ଧି ଦଶନ୍ଧି ଧରି ସମାଜବାଦୀ ପାର୍ଟି ଓ ଆରଜେଡି ଭଳି ଦଳ ଏହାକୁ ବିରୋଧ କରି ଆସୁଥିଲେ । ମନମୋହନ ସିଂହ ସରକାର ୨୦୧୦ରେ କ୍ଷମତାରେ ଥିବା ବେଳେ ମହିଳା ସଂରକ୍ଷଣ ବିଲ୍ ଆସିଥିଲା । ସେଥିରେ ଯେଉଁ ସବୁ ପ୍ରାବଧାନ ଥିଲା, ଏବେ କେବଳ ସେଥିରେ ଦୁଇଟି ସଂଶୋଧନ କରାଯାଇଛି । ନୂଆ ବିଲ୍ ?ରେ ଆଙ୍ଗଲୋ ଇଣ୍ଡିଆନ କମ୍ୟୁନିଟିଙ୍କୁ ବାଦ ଦିଆଯାଇଛି । ବର୍ତ୍ତମାନ ମାତ୍ର ୧୪% ମହିଳା ସଂସଦ ଓ ବିଧାନସଭାରେ ରହିଛନ୍ତି । ଏହା ବିଶ୍ୱର ହାରାହାରି ମହିଳା ଭାଗିଦାରୀ ଠାରୁ ଯଥେଷ୍ଟ କମ ।

## ସୃଷ୍ଟି ହେଲା ଲଘୁଚାପ: ତିନି ଦିନ ଧରି ...

ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍ ? ଅନୁସାରେ ଆଗାମୀ ୨୪ ଘଣ୍ଟା ଭିତରେ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର ଓ ପୁରୀ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହି ସବୁ ଜିଲ୍ଲାରେ ୭ରୁ ୨୦ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ । ସେଥିପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ଯାଜପୁର, କଟକ, ଖୋର୍ଦ୍ଧା, ଗଞ୍ଜାମ, ଢ଼େଙ୍କାନାଳ, ଅନୁଗୋଳ, ଦେବଗଡ଼, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ସୋନପୁର, ବୌଦ୍ଧ, କନ୍ଧମାଳ ଓ କଳାହାଣ୍ଡି ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ । ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ୨୦ ତାରିଖ ଅର୍ଥାତ ବୁଧବାର କଳାହାଣ୍ଡି, କନ୍ଧମାଳ, ସୋନପୁର, ବଲାଙ୍ଗିର, ବୌଦ୍ଧ, ସମ୍ବଲପୁର, ଅନୁଗୋଳ, ବରଗଡ଼ ଓ ଝାରସୁଗୁଡ଼ା ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହି ସବୁ ଜିଲ୍ଲାରେ ୭ରୁ ୨୦ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ । ସେଥିପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, କଟକ, ସୁନ୍ଦରଗଡ଼, ଦେବଗଡ଼, ନୂଆପଡ଼ା, ନବରଙ୍ଗପୁର, ରାୟଗଡ଼ା ଓ ଗଞ୍ଜାମ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ । ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ତେବେ ବଜ୍ରପାତ ଓ ଘଡ଼ଘଡ଼ି ନେଇ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ମୟୂରଭଞ୍ଜ, କେନ୍ଦୁଝର, ଅନୁଗୋଳ, ଢେଙ୍କାନାଳ, ସମ୍ବଲପୁର, ସୁନ୍ଦରଗଡ଼, ଦେବଗଡ଼, ଝାରସୁଗୁଡ଼ା, ବରଗଡ଼, ନୂଆପଡ଼ା, ବଲାଙ୍ଗିର, ସୋନପୁର, ବୌଦ୍ଧ, କଳାହାଣ୍ଡି, କନ୍ଧମାଳ, ଗଞ୍ଜାମ, ନୟାଗଡ଼, ପୁର ଏବଂ ଖୋର୍ଦ୍ଧା ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି । ଗୁରୁବାର ନୂଆପଡ଼ା, ବଲାଙ୍ଗିର, କଳାହାଣ୍ଡି, ବରଗଡ଼, ସୋନପୁର, ଝାରସୁଗୁଡ଼ା, ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହି ସବୁ ଜିଲ୍ଲାରେ ୭ରୁ ୨୦ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ । ସେଥିପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି ।

# ଦୁଇ ବାଇକ ମୁହାଁମୁହିଁ : ୫ ଗୁରୁତର

ନୀଳଗିରି, ୧୯/୦୯ (ନି.ପ୍ର): ନିଶା ସାଜିଲା କାଳ ,ଦୁଇ ବାଇକ ମୁହାଁ ମୁହିଁ । ଏଭଳି ଏକ ଘଟଣା ନୀଳଗିରି ଥାନା ଅଧିନ ଗୋହିରା ଛକରେ ଦେଖିବାକୁ ମିଳିଛି । ଆଜି ସନ୍ଧ୍ୟା ସମୟରେ ସଜନାଗଡ ଡେଣ୍ଡା ଗ୍ରାମର ତିନିଜଣ ଯୁବକ ନିଶାଶକ୍ତ ଅବସ୍ଥାରେ ଏକ ବାଇକ ଯୋଗେ ଦ୍ରୁତ ଗତିରେ କପ୍ତିପଦା ରୁ ନୀଳଗିର ଅଭିମୁଖେ ଆସୁଥିଲେ । ଉକ୍ତ ସମୟରେ ନୀଳଗିରିରୁ ଛତ୍ରପୁର ଅଭିମୁଖେ ଯାଉଥିବା ଏକ ବାଇକକୁ ଗୋହିରା ଛକ ନିକଟରେ ଧକ୍କା ଦେଇଥିଲା ଫଳରେ ଗାଡିରେ ଥିବା ଜଣେ ନାବାଳକ ଓ ଦୁଇଟି ଗାଡିର ତାରି ଜଣ ଗୁରୁତର ଆହାତ ହୋଇଥିଲେ । ଧକ୍କା ଦେଇଥିବା ବାଇକର ବାଇକ ଚାଳକ ଘଟଣା ସ୍ଥଳରୁ ଫେରାର ହୋଇଥିବା ବେଳେ ,ସ୍ଥାନୀୟ କିଛି ଯୁବକ ସେମାନଙ୍କୁ ଉଦ୍ଧାର କରିଥିଲେ । ହେଲେ ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହେବାରୁ ସ୍ଥାନୀୟ ଯୁବ ସମାଜସେବୀ ଦୀପ୍ତେଶ ଜେନା ଆହତ ମାନଙ୍କୁ ନିଜ ଗାଡିରେ ନେଇ ବରହମରୁ ଗୋଷ୍ଠୀ ଚିକିତ୍ସା କେନ୍ଦ୍ରରେ ଚିକିତ୍ସିତ କରିଥିଲେ । ଏବେ ସମସ୍ତଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ଥିବା ବେଳେ ଯୁବକଙ୍କ ଏଭଳି କାର୍ଯ୍ୟକୁ ଅଞ୍ଚଳବାସୀ ପ୍ରସଂଶା କରିଛନ୍ତି ।

# ତ୍ରିଦିବସୀୟ ରାଜ୍ୟସମୂହ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ

ପୁରୀ, ୧୯/୦୯ (ନି.ପ୍ର): ଗତକାଲି ପୁରୀ ଜିଲ୍ଲା ସ୍କୁଲ୍ ଠାରେ ତିନିଦିନ ଧରି ଚାଲିଥିବା ରାଜ୍ୟ ବିଦ୍ୟାଳୟ ସମୂହ ଜିମ୍ନାଷ୍ଟିକ୍, କୁସ୍ତି ଓ ମୁଷ୍ଟି ଯୁଦ୍ଧ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି । ଏଥିରେ ରାଜ୍ୟର ବିଭନ୍ନ ଜିଲ୍ଲାମାନଙ୍କରୁ ୨୪୦ ଜଣ ଖେଳାଳି ବିଭିନ୍ନ ବିଭାଗରେ ଅଂଶଗ୍ରହଣ କରିଥିଲେ । ଜିମ୍ନାଷ୍ଟିକ୍ ଓ କୁସ୍ତିରେ ପୁରୀ ଜିଲ୍ଲା ଚାମ୍ପିଅନ ହୋଇଥିବା ବେଳେ ମୁଷ୍ଟି ଯୁଦ୍ଧ ପ୍ରତିଯୋଗିତାରେ ବାଳକ ବିଭାଗରେ ମଧ ଚାମ୍ପିଅନ ହୋଇ ବାଳିକା ବିଭାଗରେ ରନର୍ସପ୍ ପ୍ରାପ୍ତ କରିଛି । କୁସ୍ତି ପ୍ରତିଯୋଗିତାରେ ପୁରୀ ଚମ୍ପିୟାନ ଓ କଟକ ରନର୍ସ ଅପ, ଜିମ୍ନାଷ୍ଟିକରେ ପୁରୀ ଚମ୍ପିୟାନ ଓ ଭୁବନେଶ୍ୱର ରନର୍ସ ଅପ, ୧୭ ବର୍ଷ ରୁ କମ ବାଳକ ମୁଷ୍ଟି ଯୁଦ୍ଧରେ ପୁରୀ ଚମ୍ପିୟାନ ଓ ଗଞ୍ଜାମ ରନର୍ସ ଅପ, ୧୭ ବର୍ଷ ରୁ କମ ବାଳିକା ବର୍ଗରେ ସୋନପୁର ଚମ୍ପିୟାନ ଓ ପୁରୀ ରନର୍ସ ଅପ, ୧୪ ବର୍ଷ ରୁ କମ ବାଳକ ବର୍ଗରେ ପୁରୀ ଚମ୍ପିୟାନ ଓ ଭୁବନେଶ୍ୱର ରନର୍ସ ଅପ ହୋଇଥିଲା । ଏଥିରେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ କ୍ରୀଡାବିତ୍ ମାନଙ୍କୁ ଉତ୍ସାହିତ କରିବା ସହ ବିଜେତା ମାନଙ୍କୁ ପୁରସ୍କାର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ସମ୍ମାନିତ ଅତିଥି ରୂପେ ରାଜ୍ୟ ବିଦ୍ୟାଳୟ ସମୂହ କ୍ରୀଡ଼ା ବିଭାଗର ଅତିରିକ୍ତ ଶିକ୍ଷା ନିର୍ଦ୍ଦେଶକ କୈଳାସ ଚନ୍ଦ୍ର ପ୍ରଧାନ ଯୋଗଦେଇ ବିଗତ ତିନି ଦିନର କ୍ରୀଡା ବିବରଣୀ ପାଠ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ରୂପେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ହିମାଂଶୁ ଭୁଷଣ ସମରଥ, ପୁରୀ ଜିଲ୍ଲା ସ୍କୁଲର ପ୍ରଧାନ ଶିକ୍ଷକ ଜ୍ୟୋତିର୍ମୟୀ ମିଶ୍ର, ବରିଷ୍ଠ ସାମ୍ବାଦିକ ଶଙ୍କର ବେହେରା ଉପସ୍ଥିତ ରହି କ୍ରୀଡାବିତ୍ ମାନଙ୍କୁ ଉତ୍ସାହିତ କରିଥିଲେ ।

# ଲକ୍ଷ୍ମୀଧର ବେହେରାଙ୍କ ବିୟୋଗରେ ସୁବର୍ଣ୍ଣଶ୍ରୀ ପ୍ରତିଷ୍ଠାନର ଶୋକ

ବାଲେଶ୍ୱର, ୧୯/୦୯ (ନି.ପ୍ର): ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ସଂପାଦକ, ବରିଷ୍ଠ ସାମ୍ବାଦିକ ତଥା ବାଲେଶ୍ୱରର ବିଭିନ୍ନ ଅନୁଷ୍ଠାନ ପରିଚାଳନାରେ ଦୀର୍ଘଦିନ ନେତୃତ୍ୱ ନେଇ ଆସିଥିବା ଲକ୍ଷ୍ମୀଧର ବେହେରାଙ୍କ ଆଜି ମଧ୍ୟାହ୍ନରେ ଚିକିତ୍ସାଧୀନ ଅବସ୍ଥାରେ ବିୟୋଗ ଘଟିଛି, ଯାହା ବାଲେଶ୍ୱର ଜନଜୀବନ ପାଇଁ ଏକ ଶୂନ୍ୟତା ସୃଷ୍ଟି କଲା । ଜିଲ୍ଲା ରାଜନୀତିରେ ଏକଦା ସେ ଦୃଢ଼ ନେତୃତ୍ୱ ମଧ ନେଇଥିଲେ । ଦୈନିକ ସମ୍ବାଦପତ୍ର ଆଜିକାଲିର ସହସଂପାଦକ ସହ ଅନ୍ୟାନ୍ୟ ସମ୍ବାଦପତ୍ର ସମେତ ନିଜେ ମଧ ଏକ ସାପ୍ତାହିକ ସମ୍ବାଦପତ୍ରକୁ ସଂପାଦନା କରିଥିଲେ । ବିଶେଷ ଭାବେ ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚକୁ ପ୍ରତିଷ୍ଠା କରି ତା'ର ସାଧାରଣ ସଂପାଦକ ଏଯାବତ୍ ରହି ଆସିଥିଲେ । ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା ଆନ୍ଦୋଳନଠାରୁ ଆରମ୍ଭ କରି ଅନେକ ଜନହିତକର ଆନ୍ଦୋଳନରେ ସକ୍ରିୟ ରହିଥିଲେ । ସାହିତ୍ୟ ସଂସ୍କୃତିର ଥିଲେ ପୃଷ୍ଠପୋଷକ । ଜଣେ ବୁଦ୍ଧିଦୀପ୍ତ, ବିଚାରବନ୍ତ ବ୍ୟକ୍ତିଭାବେ ସବୁରି ଥିଲେ ପ୍ରିୟଭାଜନ । ସୁବର୍ଣ୍ଣଶ୍ରୀ ପ୍ରତିଷ୍ଠାନର ଆଦ୍ୟଲଗ୍ନରୁ ଥିଲେ ହିତୈଷୀ । ବ୍ୟକ୍ତିଗତ ଭାବେ ମୋର ସାମ୍ବାଦିକତା ସହ ସାହିତ୍ୟ ସାଧନା ଦିଗରେ ୧୯୯୧ରୁ ଏଯାବତ୍ ମାର୍ଗଦର୍ଶନ ଦେଇଆସୁଥିଲେ ବୋଲି ସୁବର୍ଣ୍ଣଶ୍ରୀର ପ୍ରତିଷ୍ଠାତା କବି କାଳୀପଦ ପଣ୍ଡା ମତବ୍ୟକ୍ତ କରି ଶ୍ରୀଯୁକ୍ତ ବେହେରାଙ୍କ ବିୟୋଗରେ ବାଲେଶ୍ୱର ଜନଜୀବନ ପାଇଁ ଏକ ଶୂନ୍ୟତା ସୃଷ୍ଟି ହେଲା ବୋଲି ନିଜର ଶୋକବାର୍ତ୍ତାରେ କହିଛନ୍ତି ।

# ବଲାଙ୍ଗୀର ଜିଲ୍ଲା ବ୍ରାହ୍ମଣ ମହାସଭାର ବିଭିନ୍ନ ସମସ୍ୟା ଓ ଉନ୍ନତି କଳ୍ପେ ଆଲୋଚନା

ବଲାଙ୍ଗୀର, ୧୯/୦୯ (ନି.ପ୍ର): ବଲାଙ୍ଗିର ଜିଲ୍ଲା ବ୍ରାହ୍ମଣ ମହାସଭାର ବୈଠକ ସ୍ଥାନୀୟ ନରସିଂହ ମନ୍ଦିର ପରିସରରେ ସଭାପତି ଧନଞ୍ଜୟ ମିଶ୍ରଙ୍କ ଅଧକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ସମାଜର ବିଭିନ୍ନ ସମସ୍ୟା ନେଇ ଆଲୋଚନା ହୋଇଥିଲା । ବିଶେଷତଃ ବ୍ଲକ ସ୍ତରରେ ଓ ମଣ୍ଡଳ ସ୍ତରରେ ସେମାନଙ୍କୁ ସଭ୍ୟ ପଦରେ ଅନ୍ତର୍ଭୁକ୍ତ କରିବା ପାଇଁ ଆଲୋଚନା ହୋଇଥିଲା । ସଭାପତି ଏ ବିଷୟରେ ବିସ୍ତୃତ ଆଲୋଚନା କରି କହିଥିଲେ ଯେ, ଆମ ସମାଜର ବ୍ଲକ ଓ ମଣ୍ଡଳ ସ୍ତରରେ ଥିବା ଲୋକଙ୍କୁ ସଭ୍ୟ ପଦରେ ଅନ୍ତର୍ଭୁକ୍ତ କରିବା ପାଇଁ ଏକ ସାଂଗଠାନିକ ସଂପାଦକ ଆବଶ୍ୟକତା ପଡୁଥିବାରୁ ଏହି ପଦ ଗଠନ କରିବାକୁ ପ୍ରସ୍ତାବ ଦେଇଥିଲେ ଏବଂ ସର୍ବସମ୍ମତି କ୍ରମେ କିଶୋର ପୁରୋହିତଙ୍କୁ ସାଂଗଠନିକ ସଂପାଦକ ଭାବରେ ଦାୟିତ୍ୱ ଅର୍ପଣ କରାଗଲା ଏବଂ ତାଙ୍କ ଦାୟିତ୍ୱରେ ଜିଲ୍ଲାର ବିଭିନ୍ନ ଅଂଚଳକୁ ଯାଇ ସମସ୍ତଙ୍କୁ ଏକତ୍ରିତ କରିବାକୁ ପ୍ରସ୍ତାବ ଗୃହିତ ହେଲା । ଆସନ୍ତା ୨୩ ତାରିଖରେ ବାମନ ଜୟନ୍ତୀ ଉପଲକ୍ଷେ ବାମନ ଜୟନ୍ତୀ ପାଳନ କରିବା ପାଇଁ ସ୍ଥିରିକୃତ ହେଲା ।

# ହରିଚନ୍ଦନପୁର ପ୍ରେସ୍ କ୍ଲବର ନୂତନ କାର୍ଯ୍ୟାଳୟ ଶୁଭ ଉଦ୍ଘାଟନ

ହରିଚନ୍ଦନପୁର, ୧୯/୦୯ (ନି.ପ୍ର): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ଠାରେ ହରିଚନ୍ଦନପୁର ପ୍ରେସ୍ କ୍ଲବର ନୂତନ କାର୍ଯ୍ୟାଳୟ ଶୁଭ ଉଦ୍ଘାଟନ ହୋଇଯାଇଛି । ଆଜି ପବିତ୍ର ଗଣେଶଙ୍କ ଚତୁର୍ଥୀ ଉତ୍ସବରେ ଅନେକ ଦିନର ଅପେକ୍ଷାର ଅନ୍ତ ଘଟାଇ ହରିଚନ୍ଦନପୁର ପ୍ରେସ୍ କ୍ଲବ ହୀରାମଣି ମାର୍କେଟ୍ କମ୍ପ୍ଲେକ୍ସରେ ନୂତନ କାର୍ଯ୍ୟାଳୟ ଶୁଭାରମ୍ଭ ହୋଇଯାଇଛି । ଏହି ଅବସରରେ ନୂତନ ଗୃହରେ ପ୍ରେସ୍ କ୍ଲବର ସଭାପତି ଶ୍ରୀନିବାସ ପାଇକରାୟ ସଂକଳ୍ପରେ ବସି ନୀତିକାନ୍ତିରେ ଗଣେଶଙ୍କ ପୂଜାର୍ଚ୍ଚନା କରିଥିଲେ । ପରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ମିଶ୍ର ନାଲି ଫିତା କାଟି ପ୍ରେସ୍ କ୍ଲବର ନୂତନ କାର୍ଯ୍ୟାଳୟ ଶୁଭାରମ୍ଭ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ପ୍ରେସ୍ କ୍ଲବର ସଭାପତି ଶ୍ରୀନିବାସ ପାଇକରାୟ, ସେକ୍ରେଟାରୀ ପ୍ରଶାନ୍ତ ନାୟକ, କୋଷାଧକ୍ଷଙ୍କ ସମେତ ଉପ ସଭାପତି ପ୍ରେମାନନ୍ଦ ଦାସ, ରାମଚନ୍ଦ୍ର ନାଏକ, ହିମାଂଶୁ ଶେଖର ଦାସ, ତନ୍ମୟ କୁମାର ସାହୁ, ଘନଶ୍ୟାମ ଜେନା, ଅନିଲ କୁମାର ସାହୁ, ନିଗମ ପ୍ରସାଦ ସାହୁ, ଚନ୍ଦନ କୁମାର ନାୟକ, ଉତମ ଗିରି, ଜୀବନଯୋତି ବେଜ୍ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ । ଏହି ଅବସରରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି କୃଷ୍ଣଚନ୍ଦ୍ର ମହାନ୍ତି, ବସନ୍ତ କୁମାର ପୃଷ୍ଟି, ରଘୁନାଥ ମହାରଣା, ଅକ୍ଷୟ କୁମାର ପଲେଇ, ଦୁଃଶାସନ ମହାନ୍ତ, କୁଳମଣି କର, କେଦାର ଦାଶ, ଅରୁଣ ସାହୁ, ବିଦ୍ୟାଧର ସାହୁ, ଶିରିଷି ସାହୁ, ସଞ୍ଜୟ ସାହୁ, ସୁଶାନ୍ତ ମହାନ୍ତ, ସମେତ ଅନେକ ସମାଜ ସେବୀ, ବୁଦ୍ଧିଜୀବି ସହ ସ୍ଥାନୀୟ ଜନସାଧାରଣ ଯୋଗ ଦେଇଥିଲେ । ଏହି ନୂତନ କାର୍ଯ୍ୟାଳୟ ଶୁଭାରମ୍ଭକୁ ସ୍ଥାନୀୟ ଅଂଚଳ ତଥା ସରକାରୀ, ବେସରକାରୀ ସଂସ୍ଥା, ବୁଦ୍ଧିଜୀବି ଓ ଶିକ୍ଷାବିତ ମହଲରେ ପ୍ରଶଂସା ସହ ସମର୍ଥନ କରିଛନ୍ତି । କାର୍ଯ୍ୟାଳୟର ଶୁଭାରମ୍ଭରେ କୁଡୁମି ଏକତା ମଂଚ ପକ୍ଷରୁ ଆସନ୍ତା ୨୦ ତାରିଖ ହେବାକୁଥିବା ଟ୍ରେନ୍ ବନ୍ଦ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଲିଖିତ ଅନୁରୋଧ ପତ୍ର ପ୍ରଦାନ କରିଥିଲେ । ପରେ ହରିଚନ୍ଦନପୁର ଇଲେକ୍ଟ୍ରି ସବ୍ ଷ୍ଟେସନ ଠାରୁ କଲେଜ୍ ରାସ୍ତାରେ ସଂଯୋଗ କରୁଥିବା ରାସ୍ତା ମରଣଯନ୍ତା ପାଲଟିଥିବା ବେଳେ ପ୍ରଶାସନର ଦୃଷ୍ଟି ଆକର୍ଷଣ ପାଇଁ ସ୍ଥାନୀୟ ବାସିନ୍ଦା ପ୍ରେସ୍ କ୍ଲବକୁ ଅନୁରୋଧ କରିଥିଲେ ।

# ଚମ୍ପୁଆରେ ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା : ଶୋଚନୀୟ ଅବସ୍ଥାରେ ରିମୁଳି ସରକାରୀ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ

ଚମ୍ପୁଆ, ୧୯/୦୯ (ନି.ପ୍ର): କେନ୍ଦୁଝର ଜିଲ୍ଲାର ଆଦିବାସୀ ଅଧୁଷିତ ରତ୍ନଗର୍ଭା ଚମ୍ପୁଆ ଉପଖଣ୍ଡ । ଏହି ଉପଖଣ୍ଡରେ ଥିବା ଖଣି ଖାଦାନ, ଲୋକ କଳା, ସଂସ୍କୃତି, ପରମ୍ପରାକୁ ନେଇ ଗର୍ବ କରେ ଓଡିଶା । ଯାହାର ପଇସାରେ ରାଜ୍ୟର ରାଜକୋଷ ଭରି ଥାଏ । ସେହି ଉପଖଣ୍ଡରେ ବସବାସ କରୁଥିବା ଲୋକମାନେ କିନ୍ତୁ ନିଜର ମୌଳିକ ସୁବିଧା ଟିକେ ମଧ ପାଇବାରୁ ବଂଚିତ । କେଉଁଠି ରାସ୍ତା ନାହିଁ, ଆମ୍ବୁଲାନ୍ସ ପହଂଚିପାରୁନି, ଖଟରେ ବୁହା ହେଉଛି ରୋଗୀ ତ ଆଉ କେଉଁଠି ବିଶୁଦ୍ଧ ପିଇବା ପାଣି ଟୋପାଏ ପାଇଁ ତହଳ ବିକଳ ହେଉଛନ୍ତି ଲୋକେ । ତଥାପି ଏହି ଚମ୍ପୁଆ ଉପଖଣ୍ଡସ୍ଥ କୌଣସି ପ୍ରତିଷ୍ଠାନ ହେଉ ଅବା ଏହି ଅଂଚଳରେ ବସବାସ କରୁଥିବା ଲୋକ ମାନଙ୍କ ପ୍ରତି ହେଉ ନା ପଡୁଛି ପ୍ରଶାସନର ନଜର ନା ସରକାର, ବିଧାୟକ, ନେତା ନା ମନ୍ତ୍ରୀଙ୍କ ନଜର । ଚମ୍ପୁଆ ଉପଖଣ୍ଡ ପ୍ରତି କାହାରି ନିଘା ନାହିଁ, ସମସ୍ତେ କେବଳ ଗୋଟିଏ ଜିନିଷ ଜାଣିଛନ୍ତି, ଚମ୍ପୁଆ କହିଲେ ଯୋଡ଼ା ଓ ଯୋଡ଼ା କହିଲେ ଖଣି । ସମସ୍ତଙ୍କର ଲୋଲୁପ ଦୃଷ୍ଟି କେବଳ ଯୋଡ଼ା ଖଣି ଉପରେ ନ୍ୟସ୍ତ ଥିବାବେଳେ ଏଠାକାର ମଳି ମୁଣ୍ଡିଆ ଲୋକଙ୍କୁ ପଚାରେ କିଏ ? ସରକାରଙ୍କ ଖାଲି ଯୋଜନା ଉପରେ ଯୋଜନା । ସବୁଯେମିତି ରାସ୍ତା କଡର ବଡ଼ ବଡ଼ ବ୍ୟାନର ଭିତରେ ସୀମିତ । କେଉଁଠି ଡାକ୍ତରଖାନା ଅଛି ଡାକ୍ତର ନାହାନ୍ତି ତ ଆଉ କେଉଁଠି ରାସ୍ତା ତ ଅଛି ହେଲେ ସମାନ କମ ଖାଲ ବେଶି । ଗାଁ ଗାଁ କୁ ପାଣି ଯୋଗାଇବା ନାମରେ କୋଟି କୋଟି ଟଙ୍କାର ଯୋଜନା ହେଲେ ଟୋପାଏ ବିଶୁଦ୍ଧ ପିଇବା ପାଣି ପାଇଁ ତହଳ ବିକଳ ହେଉଛନ୍ତି ଲୋକେ । ଏହି ଚମ୍ପୁଆ ଉପଖଣ୍ଡର ଶିକ୍ଷା ବ୍ୟବସ୍ଥା କଥା ତ ନ କହିବା ଭଲ, ବିଦ୍ୟାଳୟ ସବୁ ଭାଙ୍ଗି ପଡ଼ିଲାଣି ହେଲେ ମରାମତି କି ନୂଆ ଗୃହ ନିର୍ମାଣର ନାମ ଗନ୍ଧ ନାହିଁ, ଯେଉଁଠି ପଢିବା ସେଇଠି ଖାଇବା ନୀତିରେ ଜୀବନ ବିକଳରେ ଯେଉଁ ବାରଣ୍ଡାରେ ବସି ପାଠ ପଢୁଛନ୍ତି ସେହି ବାରଣ୍ଡାରେ ବସି ମଧ୍ୟାହ୍ନ ଭୋଜନ କରୁଛନ୍ତି ଦେଶର ଭବିଷ୍ୟତ, ପୁଣି ଆଉ କେଉଁଠି ବିଦ୍ୟାଳୟ ତ ଅଛି, ଛାତ୍ର ବି ଅଛନ୍ତି ହେଲେ ଶିକ୍ଷାଦାନ କରିବାକୁ ଶିକ୍ଷକ ନାହାନ୍ତି । ଏ ସବୁ ସମ୍ପର୍କରେ ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶ ପାଉଥିଲେ ମଧ ଖବର ପ୍ରକାଶନ ପରେ ଲୋକ ଦେଖାଣିଆ ତଦନ୍ତ, ତା ପରେ ପୁଣି କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇ ଯାଉଛନ୍ତି ଅଧିକାରୀ । ବଡ଼ ଲୋକଙ୍କୁ ଉତର ନାହିଁ ଢଙ୍ଗରେ ଏମାନଙ୍କୁ କହିବାକୁ କେହି ନାହାନ୍ତି । ବିଧାୟକ ନା ନେତା ମନ୍ତ୍ରୀ, ସରକାର ନା ପ୍ରଶାସନ କେହି ଥିଲେ ତ ଶୁଣିବେ ଖାଲି କାଲ କାନ ମୂଳେ ମୂଳା ଚୋବେଇବା ସଦୃଶ୍ୟ । ଚମ୍ପୁଆ ଉପଖଣ୍ଡର ଲୋକମାନେ ଯଦି ପାଠ ପଢି ଶିକ୍ଷିତ ହେବେ ତା ହେଲେ ରାଜନେତା ହୁଅନ୍ତୁ ଅବା ସରକାରୀ ବଡ଼ବାବୁ ହାକିମାତି କରିବେ କାହାକୁ, ନିର୍ବାଚନ ସମୟରେ ପାଂଚଶହ ଟଙ୍କାରେ ଭୋଟ କିଣି ୫ ବର୍ଷ ଖଣି ଲୁଟିବେ କିପରି ? ତେଣୁ ଚମ୍ପୁଆରେ ଶିକ୍ଷା ବ୍ୟବସ୍ଥା ଭୁସୁଡ଼ିବା ନିହାତି ଦରକାର ବୋଲି ଅତି କ୍ଷୋଭର ସହିତ କୁହନ୍ତି ସ୍ଥାନୀୟ ଲୋକେ । ଯାହାର ଜ୍ୱଳନ୍ତ ଉଦାହରଣ ଚମ୍ପୁଆ ବ୍ଲକ ଅନ୍ତର୍ଗତ ରିମୁଳି ଠାରେ ଥିବା ସରକାରୀ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ । ଚମ୍ପୁଆ ଉପଖଣ୍ଡ ଏକ ଆଦିବାସୀ ଅଧୁଷିତ ଅଂଚଳ ହୋଇଥିବାରୁ ଏଠାରେ ଶିକ୍ଷାର ଅଗ୍ରଗତି କିପରି ହୋଇପାରିବ ତାକୁ ଦୃଷ୍ଟିରେ ରଖି ୧୯୬୪ ମସିହାରେ ସ୍ଥାପିତ ହୋଇଥିଲା ରିମୁଳି ସରକାରୀ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ । ଯାହା କେନ୍ଦୁଝର ଜିଲ୍ଲାର ସର୍ବପୁରାତନ ସରକାରୀ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ । ଆଶା ଥିଲା ଏହି ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନରୁ ଶିକ୍ଷା ଗ୍ରହଣ କରୁଥିବା ଶିକ୍ଷକ ମାନଙ୍କୁ ନେଇ ଅଂଚଳରେ ଶିକ୍ଷା ବ୍ୟବସ୍ଥା ସୁଦୃଢ ହେବ, କିନ୍ତୁ ବର୍ଷ ବର୍ଷ ଧରି ନିଜର ଦକ୍ଷତା ପ୍ରତିପାଦନ କରି ଆସୁଥିବା ଏହି ଶିକ୍ଷକ ତିଆରି କାରଖାନାଟି ଏବେ ଅବ୍ୟବସ୍ଥା ଭିତରେ ପଡିରହି ଜରାଜୀର୍ଣ ଭାବେ ଜୀବନ ମୃତ୍ୟୁର ସଂଗ୍ରାମ କରୁଛି ।

# ସମଗ୍ର ଦେଶରେ ଛାତ୍ରଛାତ୍ରୀ ମାନଙ୍କ ପାଇଁ ୬୪୬୭ଟି ଷ୍ଟାଣ୍ଡାର୍ଡ କ୍ଲବ୍ ପ୍ରତିଷ୍ଠା କରିଛି ଭାରତୀୟ ମାନକ ବ୍ୟୁରୋ

ନୂଆଦିଲ୍ଲୀ,୧୯/୦୯ : ବ୍ୟୁରୋ ଅଫ୍ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡ / ଭାରତୀୟ ମାନକ ବ୍ୟୁରୋ (ବିଆଇଏସ୍) ଘୋଷଣା କରିଛି ଯେ ଏହା ଦେଶର ସ୍କୁଲ ଏବଂ କଲେଜରେ ୬୪୬୭ ଷ୍ଟାଣ୍ଡାର୍ଡ କ୍ଲବ୍ ପ୍ରତିଷ୍ଠା କରିଛି । ବିଆଇଏସ୍ ଅନୁଯାୟୀ, ସମାଜର ଯୁବ ସଦସ୍ୟମାନଙ୍କୁ ଜୀବନଶୈଳୀରେ ଉନ୍ନତି ଆଣିବା ନିମନ୍ତେ ମାନଦଣ୍ଡର ମହତ୍ତ୍ୱ ବିଷୟରେ ସଚେତନ କରିବା ପାଇଁ ଏହି ଷ୍ଟାଣ୍ଡାର୍ଡ କ୍ଲବ୍ ପ୍ରତିଷ୍ଠା କରାଯାଉଛି । "ଛାତ୍ର ସମାଜ ଏକ ଶକ୍ତିଶାଳୀ, ଜୀବନ୍ତ ଏବଂ ଗତିଶୀଳ ଭାରତର ସ୍ଥପତି ଅଟନ୍ତି । ଭାରତୀୟ ମାନକ ବ୍ୟୁରୋ (ବିଆଇଏସ୍) ଏକ ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ ସହ ସମଗ୍ର ଦେଶରେ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଷ୍ଟାଣ୍ଡାର୍ଡ କ୍ଲବ ଗଠନ ସହିତ ଭାରତର ଭବିଷ୍ୟତକୁ ଉଜ୍ଜ୍ୱଳ କରୁଛି । ଏହି ଅଭିନବ ପ୍ରୟାସର ଉଦ୍ଦେଶ୍ୟ ହେଉଛି ଯୁବ ମନରେ ଗୁଣବତା, ମାନକ ଏବଂ ବିଜ୍ଞାନ ସୁଲଭ ସ୍ୱଭାବ ସୃଷ୍ଟି କରିବା । ଗୁଣାତ୍ମକ ଚେତନା, ମାନକୀକରଣ ନୀତି ଦ୍ୱାରା ଅର୍ଥନୈତିକ ବିକାଶ ଆଣିବାର ଏକ ପ୍ରମୁଖ ସ୍ତମ୍ଭ ଅଟେ । ଆମର ଛାତ୍ରମାନଙ୍କ ମଧ୍ୟରେ ଗୁଣବତ୍ତା, ମାନକ ଏବଂ ମାନକୀକରଣ ପ୍ରତି ଏକ ଶ୍ରଦ୍ଧା ବୃଦ୍ଧି କରି ଆମେ ଏକ ସ୍ଫୁଲିଙ୍ଗ ପ୍ରଜ୍ୱଳିତ କରିଥାଉ ଯାହାକି ଆମ ସମାଜକୁ ପରିବର୍ତ୍ତନ କରିବାର ଶକ୍ତି ରଖିଥାଏ " ବୋଲି ଏକ ସରକାରୀ ବିବୃତ୍ତି ମାଧମରେ ବିଆଇଏସ୍ ସୂଚନା ଦେଇଛି । ବିଆଇଏସ୍ ଦ୍ୱାରା ଆହୁରି ମଧ ସୂଚନା ଦିଆଯାଇଥିଲା ଯେ ୨୦୨୧ ମସିହାରେ ଆରମ୍ଭ ହୋଇଥିବା ଷ୍ଟାଣ୍ଡାର୍ଡ କ୍ଲବ୍ ପଦକ୍ଷେପ ଏକ ମହତ୍ୱପୂର୍ଣ୍ଣ ପ୍ରଭାବ ପକାଇ ସାରିଛି, ଯାହା ଦେଶର ୬,୪୬୭ ବିଦ୍ୟାଳୟ ଏବଂ କଲେଜରେ ପ୍ରତିଷ୍ଠିତ ହୋଇଛି । ଏହି କ୍ଲବ୍ ଗୁଡିକରେ ବିଜ୍ଞାନ ପୃଷ୍ଠଭୂମିରୁ ୧.୭ ଲକ୍ଷରୁ ଅଧିକ ଉତ୍ସାହୀ ଛାତ୍ରମାନଙ୍କର ସଦସ୍ୟତା ରହିଛି । ନିଜ ନିଜ ବିଦ୍ୟାଳୟର ଉତ୍ସର୍ଗୀକୃତ ବିଜ୍ଞାନ ଶିକ୍ଷକମାନଙ୍କ ମାର୍ଗଦର୍ଶନରେ ବିଆଇଏସ୍ ଦ୍ୱାରା ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଯାଇଥାଏ । ସେଥି ମଧ୍ୟରୁ ବିଦ୍ୟାଳୟରେ ୫,୫୬୨ ଷ୍ଟାଣ୍ଡାର୍ଡ କ୍ଲବ ସୃଷ୍ଟି ହୋଇଥିବାବେଳେ ବିଭିନ୍ନ କଲେଜରେ ୯୦୫ ଟି କ୍ଲବ, ଯାହା ମଧ୍ୟରୁ ଇଞ୍ଜିନିୟରିଂ କଲେଜରେ ୩୮୪ ଟି କ୍ଲବ ଅନ୍ତର୍ଭୁକ୍ତ । ଏହି ମାନକ କ୍ଲବ୍ ଗୁଡିକର ଛାତ୍ର ସଦସ୍ୟମାନେ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ହୁଅନ୍ତି, ଯେପରି: ଷ୍ଟାଣ୍ଡାର୍ଡ ଲେଖନ ପ୍ରତିଯୋଗିତା , କୁଇଜ୍ ପ୍ରତିଯୋଗିତା . ବିତର୍କ, ପ୍ରବନ୍ଧ ଲିଖନ ଏବଂ ପୋଷ୍ଟର ତିଆରି ,ଲାବୋରେଟୋରୀ ଏବଂ ଇଣ୍ଡଷ୍ଟ୍ରିଆଲ୍ ୟୁନିଟ୍ ଏବଂ ଅଧିକ ଏକ୍ସପୋଜର୍ ପରିଦର୍ଶନ । "ଏହି କାର୍ଯ୍ୟକଳାପ ଗୁଡିକ ଯୁବ ପ୍ରତିଭାମାନଙ୍କୁ ଗୁଣବତ୍ତା ଏବଂ ମାନକୀକରଣ ଜଗତର ଅନ୍ତର୍ନିହିତ ସୂଚନା ପ୍ରଦାନ କରିବା ପାଇଁ ପରିକଳ୍ପନା କରାଯାଇଛି । ଏହି କ୍ଲବ ଗୁଡିକ ଅଧୀନରେ ବିଭିନ୍ନ ପ୍ରକାରର କାର୍ଯ୍ୟକଳାପ ଆୟୋଜିତ କରାଯାଇଛି ଏବଂ ଏହି କାର୍ଯ୍ୟକଳାପ ଗୁଡିକୁ ସଂଗଠିତ କରିବା ପାଇଁ ଆର୍ଥିକ ସହାୟତା ବିଆଇଏସ୍ ଦ୍ୱାରା ଏହି ଶିକ୍ଷାନୁଷ୍ଠାନ ଗୁଡ଼ିକୁ ପ୍ରଦାନ କରା ଯାଇଥାଏ । ଉପରୋକ୍ତ ବିଷୟ ଗୁଡିକ ବ୍ୟତୀତ, ଷ୍ଟାଣ୍ଡାର୍ଡ କ୍ଲବ୍ ଗୁଡିକର ମେଣ୍ଟର ମାନଙ୍କ ପାଇଁ ତାଲିମ କାର୍ଯ୍ୟକ୍ରମ ଏବଂ ଛାତ୍ର ସଦସ୍ୟଙ୍କ ପାଇଁ ଲ୍ୟାବ ଏବଂ ଇଣ୍ଡଷ୍ଟ୍ରି ୟୁନିଟ୍ ପାଇଁ ଏକ୍ସପୋଜର ପରିଦର୍ଶନ ନିୟମିତ ଭାବରେ ବିଆଇଏସ୍ ଦ୍ୱାରା ଆୟୋଜିତ ହୋଇଥାଏ । "ବ୍ୟବହାରିକ ଶିକ୍ଷାର ମହତ୍ତ୍ୱକୁ ଚିହ୍ନଟ କରି ବିଆଇଏସ୍ ଏହାର ଆର୍ଥିକ ସହାୟତାକୁ ଆହୁରି ବୃଦ୍ଧି କରିଛି । ଷ୍ଟାଣ୍ଡାର୍ଡ କ୍ଲବ ସହିତ ଉଚ୍ଚ ଏବଂ ଉଚ୍ଚ ମାଧ୍ୟମିକ ଯୋଗ୍ୟ ସରକାରୀ ବିଦ୍ୟାଳୟଗୁଡ଼ିକ ସେମାନଙ୍କ ବିଜ୍ଞାନ ଲ୍ୟାବର ନବୀକରଣ ପାଇଁ ଅତ୍ୟାଧୁନିକ ଲ୍ୟାବ୍ ଯନ୍ତ୍ରପାତି ଆକାରରେ ଏକ ଥରରେ ସର୍ବାଧିକ ୫୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାବୋରେଟୋରୀ ଅନୁଦାନ ପାଇବାକୁ ହକଦାର । "ଅଧିକନ୍ତୁ, ଶିକ୍ଷଣ ପରିବେଶ ଉଭୟ ସୁଖଦ ଏବଂ ଆକର୍ଷଣୀୟ ବୋଲି ନିଶ୍ଚିତ କରିବାକୁ, ଯେଉଁ ସରକାରୀ ଅନୁଷ୍ଠାନରେ ଷ୍ଟାଣ୍ଡାର୍ଡ କ୍ଲବ ଗଠନ ହୋଇଛି ସେଠାରେ 'ମାନକ କକ୍ଷ' ପ୍ରତିଷ୍ଠା କରିବା ପାଇଁ ବିଆଇଏସ୍ ୧,୦୦,୦୦୦ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ପ୍ରଦାନ କରୁଛି । ଏହି ପଦକ୍ଷେପ ଅନୁଯାୟୀ ସ୍ମାର୍ଟ ଟିଭି, ଅଡିଓ ଭିଡିଓ ସିଷ୍ଟମ, ସଠିକ୍ ଆଲୋକୀକରଣ, କାନ୍ଥକୁ ସଜାଇବା ଇତ୍ୟାଦି ମୌଳିକ ସୁବିଧା ଯୋଗାଇ ବିଦ୍ୟାଳୟର ଗୋଟିଏ କୋଠରୀକୁ ନବୀକରଣ କରାଯିବ ବୋଲି ବୟାନରେ କୁହାଯାଇଛି । ଏହା ମଧ କୁହାଯାଇଛି ଯେ, "ଗୁଣବତ୍ତା ପ୍ରତି ଅଦମ୍ୟ ପ୍ରତିବଦ୍ଧତା ସହିତ, ବିଆଇଏସ୍ ନିଜର ଯୁବକମାନଙ୍କ ମନକୁ ପରିପୁଷ୍ଟ କରି ଭାରତର ଭବିଷ୍ୟତ ଗଠନ କରିବାରେ ଲାଗିଛି । ଏହି ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ କେବଳ ଗୁଣବତ୍ତା ଏବଂ ମାନକୀକରଣକୁ ପ୍ରୋତ୍ସାହିତ କରେ ନାହିଁ ବରଂ ଯୁବ ପିଢ଼ିକୁ ଦାୟିତ୍ୱବାନ କରିଥାଏ ଏବଂ ଗୁଣାତ୍ମକ ସଚେତନ ନାଗରିକ ହେବାକୁ ଶକ୍ତି ପ୍ରଦାନ କରେ ।"

ବୁଧବାର, ସେପ୍ଟେମ୍ବର ୨୦, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# କାନାଡାକୁ ଭାରତର କଡା ଜବାବ୍: କାନାଡା ହାଇ କମିଶନରଙ୍କୁ ଭାରତ ଛାଡିବାକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ,୧୯/୦୯ : କାନାଡା ସରକାରଙ୍କ ମନମାନୀର କଡା ଜବାବ୍ ଦେଇଛନ୍ତି ଭାରତ ସରକାର । ଭାରତରେ ଅବସ୍ଥାପିତ କାନାଡାର ହାଇ କମିଶନରଙ୍କୁ ଭାରତ ଛାଡିବାକୁ ନିର୍ଦ୍ଦେଶ ଦେଇଛନ୍ତି ସରକାର । ଏଥିପାଇଁ ତାଙ୍କୁ ଦିଆଯାଇଛି ମାତ୍ର ୫ ଦିନର ସମୟ । ଭାରତୀୟ ଶୀର୍ଷ କୂଟନୈତୀଙ୍କୁ କାନାଡାରୁ ବହିଷ୍କାର କରାଯିବା ପରେ ଭାରତ ସରକାର ଏହି ନିଷ୍ପତ୍ତି ନେଇଛନ୍ତି । କାନାଡାରେ ଖଲିସ୍ତାନୀ ନେତାଙ୍କ ହତ୍ୟାକୁ ନେଇ ଦୁଇ ଦେଶ ମଧ୍ୟରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି । ଖାଲିସ୍ତାନୀ ଆତଙ୍କବାଦୀ ହରଦୀପ ସିଂହ ନିଜ୍ଜରଙ୍କ ହତ୍ୟା ପଛରେ ଭାରତର ହାତ ଥିବା ଭଳି ସଙ୍ଗୀନ ଅଭିଯୋଗ ଆଣିଛି କାନାଡା । ଏହା ସହ ଓଟାୱାରେ ଅବସ୍ଥାପିତ ରିସର୍ଚ୍ଚ ଆଣ୍ଡ ଆନାଲିସିସ ୱିଙ୍ଗ ବା 'ର' ମୁଖ୍ୟଙ୍କୁ ବହିଷ୍କାର କରିଛି କାନାଡା । କାନାଡାର ଏହି ପଦକ୍ଷେପ ପରେ ଦୁଇ ରାଷ୍ଟ୍ର ମଧ୍ୟରେ ତିକ୍ତତା ଆହୁରୀ ବଢ଼ିବାରେ ଲାଗିଛି । ଜଷ୍ଟିନ ଟ୍ରୁଡୋ ସେପଟେ ଏହି ଅଭିଯୋଗକୁ ସିଧାସଳଖ ଖଣ୍ଡନ କରିଛି ଭାରତ । ପ୍ରେସ ବିବୃତ୍ତି ଜାରି କରି ଭାରତୀୟ ବୈଦେଶିକ ମନ୍ତ୍ରାଳୟ କହିଛି, ସଂସଦରେ କାନାଡା ପ୍ରଧାନମନ୍ତ୍ରୀ ଦେଇଥିବା ବୟାନ ଓ ବୈଦେଶିକ ମନ୍ତ୍ରୀଙ୍କ ବୟାନକୁ ଭାରତ ଅଗ୍ରାହ୍ୟ କରୁଛି । କାନାଡାରେ ଭାରତ ହିଂସା ସୃଷ୍ଟି କରିବା ଭଳି ବୟାନ ହାସ୍ୟସ୍ପଦ ଓ ଉଦ୍ଦେଶ୍ୟ ପ୍ରଣୋଦିତ ।



## ପାରିବାରିକ ବିବାଦରୁ ଯୁବକଙ୍କ ଆତ୍ମହତ୍ୟା



ଲଙ୍ଗଳେଶ୍ୱର, ୧୯/୦୯ (ନି.ପ୍ର): ବାଲିଆପାଳ ବ୍ଲକ ଶ୍ରୀରାମପୁର ପଞ୍ଚାୟତ ଅଧିନସ୍ଥ ରେମୁଁ ଗ୍ରାମରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଯାଇଛି । ଘଟଣାରୁ ପ୍ରକାଶ,ରେମୁଁ ଗ୍ରାମର ସାର୍ଥକ ପ୍ରଧାନଙ୍କ ପୁଅ ପ୍ରଶାନ୍ତ ପ୍ରଧାନ (୩୮) ଙ୍କ ଘରେ ପାରିବାରିକ ବିବାଦ କାରଣରୁ ସୋମବାର ଫାଶୀ ଦେଇ ପ୍ରଶାନ୍ତ ଆତ୍ମହତ୍ୟା କରିଛନ୍ତି । ନିଜ ଘରେ ସେ ବେକରେ ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି । ଏହା ଜଣାପଡିବା ପରେ ଗ୍ରାମବାସୀ ମାନେ କବାଟ ଭାଙ୍ଗି ତାଙ୍କୁ ଉଦ୍ଧାର କରି ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଯାଇଥିଲେ । ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ଶବ ବ୍ୟବଛେଦ ହେବାପରେ ତାଙ୍କର ଶେଷକୃତ ସଂପନ୍ନ ହୋଇଛି ।

## ବର୍ଷୀୟାନ ସାମ୍ବାଦିକ ଲକ୍ଷ୍ମୀଧର ବେହେରାଙ୍କ ଦେହାନ୍ତ

ବାଲେଶ୍ୱର, ୧୯/୦୯ (ନି.ପ୍ର): ପବିତ୍ର ଗଣେଶ ଚତୁର୍ଥୀ ଦିନ ମଧ୍ୟାହ୍ନ ୧୨ଟା୨୦ରେ ବର୍ଷୀୟାନ ସାମ୍ବାଦିକ, ସମାଜସେବୀ ତଥା ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ବେହେରାଙ୍କ ଦେହାନ୍ତ ହୋଇଯାଇଛି । ମୃତ୍ୟୁବେଳକୁ ତାଙ୍କୁ ୭୭ବର୍ଷ ବୟସ ହୋଇଥିଲା । ସେ ବିଭିନ୍ନ ଜରା ରୋଗରେ ଗତ କିଛିଦିନ ଧରି ପୀଡ଼ିତ ଥିଲେ । ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ ଜ୍ୟୋସ୍ନାରାଣୀ, ପୁତ୍ର ସମ୍ବିତ୍, ପୁତ୍ରବଧୂ ଗୀତାରାଣୀ, କନ୍ୟା ମର୍ଯ୍ୟାଦା ମାନିନୀ, ଜାମାତା ଦୀପକ ଓ ନାତିନାତୁଣୀ ପ୍ରମୁଖ ଉପସ୍ଥିତ ଥିଲେ । ତାଙ୍କର ମୃତ୍ୟୁସମ୍ବାଦ ସହରରେ ପ୍ରଚାରିତ ହେବାପରେ ବହୁ ବିଶିଷ୍ଟ ବ୍ୟକ୍ତି ଫକୀରମୋହନ ଗୋଲେଇ ନିକଟସ୍ଥ ତାଙ୍କ ବାସଭବନକୁ ଯାଇ ଶେଷଦର୍ଶନ କରିଥିଲେ । ସ୍ୱର୍ଗତ ବେହେରା ବାଲେଶ୍ୱର ଜିଲ୍ଲାର ଖଇରା ଥାନା ଗଳଗାଁରେ ଗତ ୧୯୪୬ ମସିହା ସେପ୍ଟେମ୍ବର ୨୧ ତାରିଖ ଦିନ ପିତା ସ୍ୱର୍ଗତ କାଙ୍ଗାଳି



ବେହେରା ଓ ମାତା ସ୍ୱର୍ଗୀୟା ଶାରଦା ଦେବୀଙ୍କ ଔରସରୁ ଜନ୍ମଗ୍ରହଣ କରିଥିଲେ । ଗତ ୧୯୬୯ ମସିହାରେ ସେ ଇନ୍ଦିରା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କଂଗ୍ରେସ ଦଳ ପାଇଁ ସକ୍ରିୟ ସଦସ୍ୟ ଭାବେ କାର୍ଯ୍ୟ କରିଥିଲେ । ସେ କଂଗ୍ରେସ୍ ଦଳରେ ବିଭିନ୍ନ ପଦପଦବୀରେ ୧୯୮୪ ମସିହା ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ । ପରବର୍ତ୍ତୀ ଅବସ୍ଥାରେ ସେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ନେତୃତ୍ୱରେ ଜନତା ଦଳରେ ଓ ମୂଲାୟମ ସିଂହ ଯାଦବଙ୍କ ନେତୃତ୍ୱରେ ସମାଜବାଦୀ ପାର୍ଟିରେ ଯୋଗ ଦେଇ ବାଲେଶ୍ୱର ଜିଲ୍ଲା ସଭାପତି ଭାବେ କାର୍ଯ୍ୟ ତୁଲାଇଥିଲେ । ଗତ ୨୦୦୯ ମସିହା ଠାରୁ ସେ ପ୍ରତ୍ୟକ୍ଷ ରାଜନୀତିରୁ ସନ୍ୟାସ ଗ୍ରହଣ କରି ବିଭିନ୍ନ ସାମାଜିକ କାର୍ଯ୍ୟରେ ଯୋଗ ଦେବା ସହ ୧୯୬୯ରୁ ହିନ୍ଦୁସ୍ଥାନ ସମାଚାର, ସମାଜ, ମାତୃଭୂମି, ରାଷ୍ଟ୍ରଦୂତ, ପ୍ରଗତିବାଦୀ, ଆଜିକାଲି, ସ୍ୱରାଜ୍ୟ, ଦିନଲିପି ଓ ଜନପ୍ରିୟ ଭଳି ସମ୍ବାଦପତ୍ରମାନଙ୍କରେ ଜଣେ ସାମ୍ବାଦିକ ଭାବେ ତାଙ୍କର ପାରଦର୍ଶିତା ପ୍ରଦର୍ଶନ କରିଥିଲେ ।

## ହୋଟେଲ୍‌ରେ ପଶି ଭଙ୍ଗାରୁଜା କଲେ; ୯ ରାଉଣ୍ଡ ଫାୟାରିଂ କଲେ

ସୋନପୁର, ୧୯/୦୯ (ନି.ପ୍ର): ହାଟେଲ୍‌ରେ ପଶିଲେ ଭଙ୍ଗାରୁଜା କଲେ । ଟଙ୍କା ଲୁଟିଲେ । ଆଉ ହୋଟେଲ୍ ଛାଡ଼ିଲା ବେଳେ ୯ ରାଉଣ୍ଡ ବ୍ଲାଙ୍କ ଫାୟାରିଂ କରିଥିଲେ । ଆଜି ଅପରାହ୍ନରେ ଏପରି ଘଟଣା ବଲାଙ୍ଗିର-ସୋନପୁର ରାସ୍ତାର ଏକ ହୋଟେଲ୍‌ରେ ଘଟିଛି । ଅଭିଯୋଗ ପରେ ପୁଲିସ ଜଣେ ଅଭିଯୁକ୍ତଙ୍କୁ ବାନ୍ଧିଥିବା ବେଳେ ଅନ୍ୟ ଦୁଇ ଜଣ ଫେରାର ହୋଇଯାଇଛନ୍ତି । ବଲାଙ୍ଗିର-ସୋନପୁର ରାସ୍ତାର ଗଇଁତଳା ନିକଟରେ ସଞ୍ଜୀବ ନନ୍ଦ ଓ ବିବେକାନ୍ଦ ପତି ମିଶି ଗୋଟିଏ ହୋଟେଲ୍ କରିଛନ୍ତି । ଆଜି ଗଣେଶ ପୂଜା ଥିବାରୁ ହୋଟେଲ୍‌ରେ ବେଶୀ ଷ୍ଟାଫ୍ ନଥିଲେ । କେବଳ ଦୁଇରୁ ତିନି ଜଣ ଷ୍ଟାଫ୍ ଥିଲେ । ଆଜି ଅପରାହ୍ନରେ ବିବେକାନନ୍ଦଙ୍କ ଗାଡ଼ି ଚାଳକ ରାଜୁ ଛତ୍ରିଆ ଓ ତାଙ୍କର ଦୁଇ ସାଥୀ ହାତରେ ବନ୍ଧୁକ ଧରି ହୋଟେଲ୍‌କୁ ଆସିଥିଲେ । ସେମାନେ ହୋଟେଲ୍ କର୍ମଚାରୀଙ୍କୁ ମାଡ଼ ମାରିଥିଲେ । ପରେ ହୋଟେଲ୍‌ରେ ପଶି ଉତ୍ପାତ କରିଥିଲେ । ହୋଟେଲ୍‌ରେ ଥିବା ଫ୍ରିଜ୍, ଟିଭି, ଚୟାର, ଟେବୁଲ୍, ଇଣ୍ଟରିୟର, ଲାପ୍‌ଟପ, ବାଇକ୍ ପ୍ରମୁଖ ଭଙ୍ଗାରୁଜା କରିଥିଲେ । ଆଉ ଗଲା ବେଳେ ଟଙ୍କା ବାକ୍ସରେ ଥିବା ୮ରୁ ୧୦ ହଜାର ଟଙ୍କା ନେଇ ଲୁଟି ନେଇଥିଲେ । ହୋଟେଲ୍ ବାହାରେ ୯ ରାଉଣ୍ଡ ବ୍ଲାଙ୍କ ଫାୟାରିଂ କରିଥିବା ଜଣାପଡ଼ିଛି ।

## ପାଠ ପଢ଼ାରେ ଡ଼ୋରି ବାନ୍ଧିଲେ ବାପ ଛେଉଣ୍ଡ ଭିନ୍ନକ୍ଷମ ଛାତ୍ର ମନମୋହନ

ଉଦଳା , ୧୯/୦୯ (ନି.ପ୍ର): ଉଦଳା ବ୍ଲକର ବଡ଼ସିଙ୍ଗାରିଆ ପଂଚାୟତ ଅନ୍ତର୍ଗତ ଅଦାପାଳ ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ୰ ବନମାଳି ଟୁଡୁ ଓ ମାତା ହିରାବତୀ ଟୁଡୁଙ୍କ ଭିନ୍ନକ୍ଷମ ପୁତ୍ର ମନମୋହନ ପାଠ ପଢ଼ାରେ ଡ଼ୋରି ବାନ୍ଧି ଦେବାକୁ ବାଧ ହୋଇଛନ୍ତି । ପରିବାର ଲୋକଙ୍କ କହିବାନୁସାରେ ମନମୋହନ ପିଲା ଦିନେ ବେଶ ସୁସ୍ଥ ସବଳ ଥିଲେ । ମାତା ହିରାବତୀ ଭୁବନେଶ୍ୱରସ୍ଥିତ ଅଚ୍ୟୁତ ସାମନ୍ତଙ୍କ ଶିକ୍ଷାନୁଷ୍ଠାନ (କିସ୍)ରେ କାମ କରୁଥିବାରୁ ପୁତ୍ର ମନମୋହନଙ୍କୁ ସେଠାରେ ପାଠ ପଢ଼ାଉଥିଲେ । ମନମୋହନ ସେଠାରେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଛନ୍ତି କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବରେ ମନମୋହନ ଷଷ୍ଠ ଶ୍ରେଣୀରୁ ପୋଲିଓରେ ଆକ୍ରାନ୍ତ ହେଲେ । ଧିରେ ଧିରେ ଆଦୌ ଚାଲବୁଲ କରିପାରିଲେ ନାହିଁ । ପିଲାଦିନେ ମନମୋହନ ସମସ୍ତ ଟିକା ନେବା ସହିତ ପୋଲିଓ ମଧ ଖାଇଛନ୍ତି ବୋଲି ପରିବାରର ଲୋକେ ଜଣାଇଛନ୍ତି । ପୋଲିଓ ଖାଇଲେ ପୋଲିଓ ହେବ ନାହିଁ ବୋଲି ଶତପ୍ରତିଶତ ଗ୍ୟାରେଟିଂ ଦିଆଯାଉଥିବା ବେଳେ ମନମୋହନ ଏଥିରେ ପୁଣି କାହିଁକି ଆକ୍ରାନ୍ତ ହେଲେ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିପକାଇଛି । ପୁତ୍ରର ଏପରି ଅବସ୍ଥା ଦେଖି ମାତା ହିରାବତୀ ଦୁଃଖରେ ଭାଙ୍ଗି ପଡ଼ିବା ସହିତ ନିଜ ଗାଁ ଅଦାପାଳକୁ ଫେରି ଆସିଲେ ଓ ଦିନ ମଜୁରିଆ ଭାବରେ କାମ କରି ନିଜର ଗୁଜୁରାଣ ମେଟାଂଇଲେ । ମନମୋହନଙ୍କୁ ବର୍ତମାନ ବୟସ ୧୬ ବର୍ଷ ଛୁଇଁଲା ସେ ପୁଣି ଥରେ ପାଠ ପଢ଼ିବାକୁ ଚାହୁଁଛନ୍ତି । କିନ୍ତୁ ଯାତାୟତ ପାଇଁ ବ୍ୟାଟେରି ଚାଳିତ ରିକ୍ସା ନ ମିଳିବାରୁ ସେ ବାଧ ହୋଇ ପଢ଼ାରେ ଫୋରି ବାନ୍ଧି ଦେଇଛନ୍ତି । ରିକ୍ସା ଟିଏ ପାଇବା ପାଇଁ ସେ ଗ୍ରାମ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟକୁ ବାରମ୍ବାର ଦଉଡ଼ି ଦଉଡ଼ି କୌଣସି ସୁଫଳ ମିଳିନଥିବାର କଥା ପରିବାରର ଲୋକେ ଜଣାଇଛନ୍ତି । ଏଥିପ୍ରତି ସରକାର ତୁରନ୍ତ ଦୃଷ୍ଟି ଦେବାକୁ ସ୍ୱେଚ୍ଛାସେବୀ ରୁପାଏ ବାସ୍କେ ଅନୁରୋଧ ଜଣାଇଛନ୍ତି ।



## ଅବସରପ୍ରାପ୍ତ ଷ୍ଟେନୋଙ୍କ ପରଲୋକ



ନୀଳଗିରି , ୧୯/୦୯ (ନି.ପ୍ର): ନୀଳଗିରି ଏନଏସି ୧୨ ନଂ ୱାର୍ଡ ପୁହୁଣୀ ଗ୍ରାମର ଅବସରପ୍ରାପ୍ତ ଷ୍ଟେନୋ ଅଚୁତ୍ୟ ପରମାଣିକ ଙ୍କ ସୋମବାର ରାତ୍ରୀ ପ୍ରାୟ ୧୧.୩୦ ସମୟରେ ଦେହାନ୍ତ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୯୧ବର୍ଷ ବୟସ ହୋଇଥିଲା । ବାର୍ଦ୍ଧକ୍ୟ କାରଣରୁ ୩ମାସ ଧରି ଶଯ୍ୟାଶାୟୀ ଥିଲେ । ମୃତ୍ୟୁଶଯ୍ୟା ନିକଟରେ ତିନି ପୁଅ ମଦନ, ଅଭିରାମ ଓ ଚୈତନ୍ୟ ଓ ତିନି ବୋହୂ ଉପସ୍ଥିତ ଥିଲେ । ବଡ଼ପୁଅ ମଦନ ମୁଖାଗ୍ନି ଦେଇଥିଲେ । ଓଡ଼ିଶାର ବିଭିନ୍ନ କାର୍ଯ୍ୟାଳୟରେ ଷ୍ଟେନୋ ଭାବରେ ସୁଚାରୁ ରୂପେ କାର୍ଯ୍ୟକାରୀ ସମ୍ବଲପୁର କ୍ଷୁଦ୍ର ଜଳସେଚନ ବିଭାଗରୁ ଅବସର ନେଇଥିଲେ । ଶ୍ରୀ ପରମାଣିକ ନୀଳଗିରିର ଆଜିକାଲିର ସାମ୍ବାଦିକ ଖଗେଶ୍ୱର ପରମାଣିକଙ୍କ ବଡବାପା ଅଟନ୍ତି ।

## ଛାତ୍ରୀଙ୍କ ଗଳିତ ଶବ ଉଦ୍ଧାର

ଭୁବନେଶ୍ୱର, ୧୯/୦୯ (ନି.ପ୍ର): କନ୍ଧମାଳ ଜିଲ୍ଲାର କୋଟଗଡ ଅଂଚଳରେ ଛାତ୍ରୀଙ୍କ ଗଳିତ ଶବ ଉଦ୍ଧାର କରାଯାଇଛି । କୋଟଗଡ଼ ଦମକଳ ବାହିନୀ ଦ୍ୱାରା ଦୀର୍ଘ ତିନି ଦିନ ର ଅକ୍ଳାନ୍ତ ପରିଶ୍ରମ ପରେ ଏହି ଶବ ଉଦ୍ଧାର କରାଯାଇଛି । ମିଳିଥିବା ସୂଚନା ଅନୁସାରେ ଗତ ୧୬ ତାରିଖ ସନ୍ଧ୍ୟା ରେ କନ୍ଧମାଳ ଜିଲ୍ଲା କୋଟଗଡ଼ ଥାନା ଯୁଡ଼ାବାଲି ପଞ୍ଚାୟତ ର ଶ୍ରାଳିଗୁଡା ଗ୍ରାମ ର ଦୁଇ ନାବାଳିକା ଆଲନ୍ତି ଗାଉଣ୍ଡିଆ ଓ ଚାନ୍ଦିନୀ ମଲିକ ଗାଁ ପାଖ ନାଳ ରେ ଗାଧୋଇବା ସମୟ ରେ ଭାସି ଯାଇ ଥିଲେ ।

## ରାଜ୍ୟସଭା ଉପାଧକ୍ଷ ପ୍ୟାନେଲରେ ସାଂସଦ ମମତା ମହାନ୍ତ

### ନବ ନିଯୁକ୍ତ ୮ ଜଣ ପ୍ୟାନେଲ ସଭ୍ୟଙ୍କ ମଧ୍ୟରେ ୫୦ ପ୍ରତିଶତ ମହିଳା



ବାରିପଦା, ୧୯/୦୯ (ନି.ପ୍ର): ମୟୂରଭଞ୍ଜର ନାରୀ ନେତ୍ରୀ ତଥା ବିଜେଡି ରାଜ୍ୟସଭା ସାଂସଦ ଶ୍ରୀମତୀ ମମତା ମହାନ୍ତ ରାଜ୍ୟସଭା ଉପାଧକ୍ଷ ପ୍ୟାନେଲର ସଦସ୍ୟ ଭାବେ ନିଯୁକ୍ତି ପାଇଛନ୍ତି । ଆଜି ସଂସଦର ସ୍ୱତନ୍ତ୍ର ଅଧିବେଶନ ଆରମ୍ଭରେ ଉପାଧକ୍ଷ ଜଗଦୀପ ଧନକଡ ସାଂସଦ ଶ୍ରୀମତୀ ମହାନ୍ତଙ୍କ ନାମ ସମେତ ୮ ଜଣ ପ୍ୟାନେଲ ସଭ୍ୟଙ୍କ ନାମ ଘୋଷଣା କରିଥିଲେ । ଏଥିରେ ମଧ ୫୦ ପ୍ରତିଶତ ମହିଳା ସ୍ଥାନ ପାଇଥିବା ସେ କହିଥିଲେ । ବିଜୁ ଜନତା ଦଳର ରାଜ୍ୟସଭା ସଂସଦ ଶ୍ରୀମତୀ ମହାନ୍ତଙ୍କୁ ଏହି ନିଯୁକ୍ତି ମିଳିବା ନିହାତି ଭାବେ ଓଡ଼ିଶା ଓ ମୟୂରଭଞ୍ଜ ଜିଲ୍ଲାର ଗୌରବର ବିଷୟ । ସେହିପରି ତାଙ୍କ ନାମ ଘୋଷଣା ହେବାର ପ୍ରଥମ ଦିନରେ ସେ ଗୃହ କାର୍ଯ୍ୟ ପରିଚାଳନା କରିବାର ସୌଭାଗ୍ୟ ମଧ ପାଇଛନ୍ତି । ପଞ୍ଚାୟତ ରାଜନୀତିରୁ ନିଜ କ୍ୟାରିୟର ଆରମ୍ଭ କରିଥିବା ଶ୍ରୀମତୀ ମହାନ୍ତ ରାଜ୍ୟସଭାର ବହୁ ଗୁରୁତ୍ୱପୂର୍ଣ୍ଣ କମିଟିର ସଦସ୍ୟ ରହିଛନ୍ତି । ବିଭିନ୍ନ ସମୟରେ ସେ ସଂସଦରେ କୁଡୁମି ଜାତିକୁ ଜନଜାତି ମାନ୍ୟତା ଦେବା, ବାଙ୍ଗିରିପୋଷି ଘଟି ରାସ୍ତା ସାମ୍ପ୍ରସାରଣ ଭଳି ଦାବି ସହ ଓଡ଼ିଶାର ସ୍ୱାର୍ଥ ଦୃଷ୍ଟିରୁ ବହୁ ଦାବୀ ଉପସ୍ଥାପନ କରି ଚର୍ଚ୍ଚାକୁ ଆସିଛନ୍ତି । ବିଜେଡି ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ୨୦୨୦ ରେ ରାଜ୍ୟସଭା ପ୍ରାର୍ଥୀ ଭାବେ ମନୋନୀତ କରିଥିଲେ ।

## ଚକା ଫାଟି ବିଲକୁ ପାଲଟିଲା ସ୍କର୍ପିଓ : ଅଳ୍ପକେ ବର୍ତ୍ତିଲେ ଚାଳକ



ନୀଳଗିରି, ୧୯/୦୯ (ନି.ପ୍ର): ନୀଳଗିରି ବ୍ଲକ ତରତରି ଛକରେ ମର୍ମନ୍ତୁତ ସଡକ ଦୁର୍ଘଟଣା ,ଚକା ଫାଟିବାରୁ ଭାରସାମ୍ୟ ହରାଇ ବିଲକୁ ଖସିପଡିଲା ସ୍କର୍ପିଓ । ଅଳ୍ପକେ ବର୍ତ୍ତିଯାଇଛନ୍ତି ଗାଡିଚାଳକ । ସୂଚନା ମୁତାବକ କ୍ଷିତିଶ ମହାନ୍ତି ନାମକ ଜଣେ ଗାଡି ଚାଳକ ଛତିଶଗଡ ଟାଟା କମ୍ପାନିରୁ ଏକ ନୂତନ ଗାଡି ଧରି ବାଲେଶ୍ୱର ଟାଟା ସୋ ରୁମକୁ ଯିବା ସମୟରେ ନୀଳଗିରି ବ୍ଲକ ତରତରି ଛକ ଠାରେ ହଠାତ ଗାଡିର ବାମ ପଟ ଆଗ ଚକଟି ଫାଟି ଯାଇଥିଲା । ଫଳରେ ଭାରସାମ୍ୟ ହରାଇ ଗାଡିଟି ପ୍ରଥମେ ରାସ୍ତା ପାର୍ଶ୍ୱରେ ଥିବା ଗଛକୁ ପିଟି ପରେ ବିଲ ତଳକୁ ଖସିପଡିଥିଲା । ହେଲେ ଅଳ୍ପକେ ବର୍ତ୍ତିଯାଇଛନ୍ତି କ୍ଷିତିଶ । ସ୍ଥାନୀୟ ତରତିରି ଗଣେଷ ପୂଜା କମିଟିର ସଦସ୍ୟ ମାନେ ତାଙ୍କୁ ଉଦ୍ଧାର କରିଥିଲେ । ପରେ ବରହ ମହପୁର ଥାନାକୁ ଅବଗତ କରିବାରୁ ଥାନା ଏଏସଆଇ କଳ୍ପତରୁ ସାହୁ ଘଟଣା ସ୍ଥଳକୁ ଯାଇ ତଦନ୍ତ କରିଥିଲେ । ଟାଟା କମ୍ପାନୀ ବାଲେଶ୍ୱର ଶାଖାର କର୍ତ୍ତୃପକ୍ଷ ମାନେ ଆସି ଗାଡିଟିକୁ ଉଦ୍ଧାର କରିଛନ୍ତି ।

## ପାରାଦୀପରେ ଡଙ୍ଗା ବୁଡ଼ିଲା: ୩ ମତ୍ସ୍ୟଜୀବୀ ଉଦ୍ଧାର, ୫ ନିଖୋଜଙ୍କୁ ଉଦ୍ଧାର ଜାରି

ପାରାଦୀପ, ୧୯/୦୯ (ନି.ପ୍ର): ଗଭୀର ସମଦ୍ରକୁ ମାଛ ଧରିବା ପାଇଁ ଯାଇଥିଲେ । ମାଛ ଧରି ଆଜି କୂଳକୁ ଫେରିଥିବା ବେଳେ ମୁହାଣରେ ଓଲଟି ପଡ଼ିଲା ଡଙ୍ଗା । ଯାହାଫଳରେ ୮ ଜଣ ମତ୍ସ୍ୟଜୀବୀ ଭାସି ଯାଇଥିଲେ । ବହୁ ଖୋଜାଖୋଜି ପରେ ସେମାନଙ୍କ ଭିତରୁ ୫ ଜଣଙ୍କୁ ଉଦ୍ଧାର କରାଯାଇଛି । ହେଲେ ଏବେ ମଧ ୩ ଜଣଙ୍କ ପତ୍ତା ମିଳୁନି । ମେରାଇନ୍, କୋଷ୍ଟଗାର୍ଡ ଓ ସ୍ଥାନୀୟ ମତ୍ସ୍ୟଜୀବୀମାନେ ଗଭୀର ସମୁଦ୍ର ଖୋଜୁଛନ୍ତି । ଜଗତସିଂହପୁର ଜିଲ୍ଲା ପାରାଦୀପରୁ ଏପରି ଖବର । ଦୁଇ ଦିନ ତଳେ ପାରାଦୀପ ଅଞ୍ଚଳର ୮ ଜଣ ମତ୍ସ୍ୟଜୀବୀ ମାଛ ଧରିବା ପାଇଁ ଗଭୀର ସମୁଦ୍ରକୁ ଯାଇଥିଲେ । ମାଛ ଧରି ସେମାନେ ଆଜି ଅପରାହ୍ନରେ କୂଳକୁ ଫେରୁଥିଲେ । କୂଳରେ ପହଞ୍ଚିବା ପୂର୍ବରୁ ମୁହାଣଠାରୁ ଅଳ୍ପଦୂର(ମହାନଦୀ ଓ ସମୁଦ୍ରର ମିଳନ ସ୍ଥଳ)ରେ ହଠାତ୍ ଡଙ୍ଗାଟି ଜୁଆର ମାଡ଼ରେ ଓଲଟି ପଡ଼ିଥିଲା । ଯାହାଫଳରେ ମତ୍ସ୍ୟଜୀବୀମାନେ ଭାସି ଯାଇଥିଲେ । ସେମାନଙ୍କ ଚିତ୍କାର ଶୁଣି ନିକଟରେ ମାଛ ଧରୁଥିବା ମତ୍ସ୍ୟଜୀବୀମାନେ ଉଦ୍ଧାର ପାଇଁ ଯାଇଥିଲେ । ଖବର ପାଇ ପାରାଦୀପ ପୋର୍ଟ ଓ କୋଷ୍ଟଗାର୍ଡ ଉଦ୍ଧାର ପାଇଁ ଯାଇଥିଲା । ବହୁ ଖୋଜାଖୋଜି ପରେ ପାରାଦୀପ ପୋର୍ଟର ଟଗ୍ ବୁଟ୍ ଦୁଇ ଜଣଙ୍କୁ ଉଦ୍ଧାର କରି ହସ୍ପିଟାଲ୍ ?ରେ ଭର୍ତ୍ତି କରିଛି । ସେପଟେ ମତ୍ସ୍ୟଜୀବୀମାନେ ଅନ୍ୟ ୩ ଜଣଙ୍କୁ ଉଦ୍ଧାର କରି କୂଳକୁ ଆଣୁଛନ୍ତି ।



ବର୍ତ୍ତମାନ ସୁଦ୍ଧା ୩ ଜଣ ନିଖୋଜ ଅଛନ୍ତି । ସନ୍ଧ୍ୟା ବେଳେ ସେମାନଙ୍କୁ ଖୋଜିବା ପାଇଁ କୋଷ୍ଟଗାର୍ଡ ହେଲିକପ୍ଟର ଯାଇଥିଲା । ମାତ୍ର ଅନ୍ଧକାର ହୋଇଥିବାରୁ ଉଦ୍ଧାର କରିବା ସମ୍ଭବପର ହୋଇନଥିଲା । ତେଣୁ କୋଷ୍ଟଗାର୍ଡ ହେଲିକପ୍ଟର ଫେରି ଆସିଥିଲା । ଏବେ ମଧ ମତ୍ସ୍ୟଜୀବୀ ଓ ପାରାଦୀପ ପୋର୍ଟର ଗୋଟିଏ ଟିମ୍ ନିଖୋଜ ଥିବା ୩ ଜଣଙ୍କୁ ଖୋଜୁଛନ୍ତି । ହେଲେ ସେମାନଙ୍କ ପତ୍ତା ମିଳୁନାହିଁ ।

## ସୁଙ୍କି ଘାଟିରେ ତିଆରି ହେଉଛି ରାଜ୍ୟର ପ୍ରଥମ ଟନେଲ୍

କୋରାପୁଟ, ୧୯/୦୯ (ନି.ପ୍ର): ଦ୍ରୁତ ଗତିରେ ଆଗେଇ ଚାଲିଛି ରାଜ୍ୟର ପ୍ରଥମ ଟନେଲ ବା ସୁଡ଼ଙ୍ଗ ରାସ୍ତା । 'ଭାରତମାଳା' ପ୍ରକଳ୍ପରେ ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲ୍ଲା ସୀମା ସୁଙ୍କି ଘାଟିରେ ନିର୍ମାଣ ଚାଲିଛି ଦୁଇ ଦୁଇଟି ଟନେଲ । ୨୦୨୫ ମସିହା ସୁଦ୍ଧା ଶେଷ ହେବାକୁ ଥିବା ଏହି ପ୍ରକଳ୍ପ ପର୍ଯ୍ୟଟନପ୍ରେମୀଙ୍କ ପାଇଁ ଖାଲି ରୋମାଞ୍ଚକର ଅନୁଭୂତି ଆଣିବନି, କୋରାପୁଟ ଜିଲ୍ଲାର ଅର୍ଥନୈତିକ ଅଭିବୃଦ୍ଧିରେ ମାଇଲ ଖୁଣ୍ଟ ସାଜିବ ବୋଲି କୁହାଯାଉଛି । କୋରାପୁଟ ଜିଲ୍ଲା ସୀମାରେ ରହିଛି ସୁଙ୍କି ଘାଟି । ରାଜାରାଜୁଡ଼ା ଅମଳରୁ ପର୍ବତମାଳାର ଛାତି ଚିରି ତିଆରି ହୋଇଥିଲା ଅଙ୍କାବଙ୍କା, ତୀଖ ଉଠାଣି, ପୁଣି ଗଡ଼ାଣି ଯୁକ୍ତ ଘାଟି ରାସ୍ତା । ସେହି ରାସ୍ତାରେ ଯାତ୍ରା ଯେତେ ଆନନ୍ଦଦାୟକ ସେତେ ବିପଦପୂର୍ଣ୍ଣ । ହେଲେ ଆଗକୁ କିନ୍ତୁ ପ୍ରକୃତିର ଏ ମନୋରମ ଦୃଶ୍ୟକୁ ଉପଭୋଗ କରିବାକୁ ମିଳିବ ନାହିଁ । କାରଣ ତିଆରି ଚାଲିଛି ଓଡ଼ିଶାରେ ପ୍ରଥମ ଟନେଲ ରାସ୍ତା । ତାହା ପୁଣି ଗୋଟିଏ ନୁହେଁ, ଦୁଇଟି । ସମୁଦ୍ର ପଉନଠାରୁ ୩୦୦୦ ଫୁଟ ଉଚ୍ଚରେ । କେନ୍ଦ୍ର ସରକାରଙ୍କ ଭାରତ ମାଳା ପ୍ରକଳ୍ପ ଅଧିନରେ ଏହି ଟନେଲ୍ ନିର୍ମାଣାଧୀନ ରହିଛି । ଗୋଟିକର ଲମ୍ବ ୩.୪୨ କିଲୋମିଟର ଓ ଅନ୍ୟଟିର ଲମ୍ବ ୨.୮ କିଲୋମିଟର ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo